୬ ଆଇସିସି ଟି-ଟ୍ୱେଣ୍ଟି ମାନ୍ୟତା
ବ୍ୟାଟିଂରେ ତୃତୀୟକୁ ଉଠିଲେ ତିଳକ ବର୍ମା



ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର
31 YEARS
# ସମ୍ବାଦ କଳିକା
The Sambad Kalika
E-mail : sambadkalikanews@gmail.com
e-paper www.sambadkalika.in
TM
ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର
The only ISO Certified Odia Newspaper NS-EN ISO 9001:2008
୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା
8 Pages, ₹ 2.00
କର୍ମଣ୍ୟେ ବାଧିକାରସ୍ତେ ମା ଫଳେଷୁ କଦାଚନ
● ବର୍ଷ–୩୨ ● ସଂଖ୍ୟା–୩୨୮ ● ୨୬ ଡିସେମ୍ବର ୨୦୨୫, ଶୁକ୍ରବାର ● ଭୁବନେଶ୍ୱର ● Vol -32 ● Issue-328 ● 26th December 2025, Friday ● Bhubaneswar | RNI Regd.No. : 52640/94 Postal Regd.No. : BN-60/25-27




ପ୍ରତ୍ୟେକ ଗାଁକୁ ପକ୍କା ରାସ୍ତା, ଦୃଢ଼ ସଂକଳ୍ପ
ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନା ଅଧୀନରେ ଗତ ସାଢ଼େ ୧୧ ବର୍ଷ ମଧ୍ୟରେ ୪.୦୬ ଲକ୍ଷ କିଲୋମିଟର ଲମ୍ବ ବିଶିଷ୍ଟ ୮୨,୦୦୦ରୁ ଊର୍ଦ୍ଧ୍ୱ ଗ୍ରାମୀଣ ରାସ୍ତା ନିର୍ମାଣ କରାଯାଇଛି, ଯାହା ଦ୍ୱାରା ଗ୍ରାମଗୁଡ଼ିକୁ ବାରମାସିଆ ସଂଯୋଗୀକରଣ ଯୋଗାଇ ଦିଆଯାଇଛି।
ଗ୍ରାମୀଣ ବିକାଶ ମାଧ୍ୟମରେ ରାଷ୍ଟ୍ର ନିର୍ମାଣ
cbc 35101/13/0044/2526





## ଅତ୍ୟାଧୁନିକ ଆତଙ୍କବାଦ ବିରୋଧୀ ପ୍ରଶିକ୍ଷଣ କେନ୍ଦ୍ର ଉଦ୍‌ଘାଟିତ

# ଆତଙ୍କବାଦୀ ଆତ୍ମସମର୍ପଣ କରି ସମାଜର ମୁଖ୍ୟ ଧାରାରେ ସାମିଲ ହେବାକୁ ମୁଖ୍ୟମନ୍ତ୍ରୀଙ୍କ ଆହ୍ୱାନ

**ଭୁବନେଶ୍ୱର, ୨୫।୧୨**
**ନ୍ୟୁଜ୍ ବ୍ୟୁରୋ**

ଗୁରୁବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏସଓଜି ଚନ୍ଦକାର ନୂତନ ପ୍ରଶିକ୍ଷଣ ଓ ବ୍ରିଫିଂ କେନ୍ଦ୍ର ଉଦଘାଟନ କରିଛନ୍ତି। ଏଥିରେ ଏକା ସମୟରେ ୪୦୦ ଯବାନଙ୍କୁ ପ୍ରଶିକ୍ଷଣ ପ୍ରଦାନ କରିହେବ। ଏହା ସହିତ ମୁଖ୍ୟମନ୍ତ୍ରୀ ସେଠାରେ ଏକ ଅତ୍ୟାଧୁନିକ ଆତଙ୍କବାଦ ବିରୋଧୀ ପ୍ରଶିକ୍ଷଣ କେନ୍ଦ୍ରର ଶୁଭ ଉଦଘାଟନ କରିଛନ୍ତି। ମୁଖ୍ୟମନ୍ତ୍ରୀ ୧୬ଟି ଜିଲ୍ଲାର ୧୬ ଟି ଥାନା ଗୃହ, ୭୦ଟି କ୍ୱାର୍ଟର, ଅଫିସ ଗୃହ, ବାରାକ୍, ଅସ୍ତ୍ରାଗାର, ପ୍ରଶାସନିକ ବିଲ୍ଡିଂ ଆଦି ପ୍ରକଳ୍ପ ମଧ୍ୟ ଉଦଘାଟନ କରିଛନ୍ତି।




ଗଣତନ୍ତ୍ରରେ ହିଂସାର କୌଣସି ସ୍ଥାନ ନାହିଁ ଏବଂ ହିଂସାରେ ଲିପ୍ତ ସଂଗଠନ ଓ ବ୍ୟକ୍ତିବିଶେଷଙ୍କୁ ସରକାର ଅତ୍ୟନ୍ତ କଠୋର ଭାବରେ ଦମନ କରିବା ପାଇଁ ବଦ୍ଧ ପରିକର ବୋଲି କହିବା ସହିତ ମୁଖ୍ୟମନ୍ତ୍ରୀ ଆତଙ୍କବାଦୀମାନଙ୍କୁ ଆତ୍ମସମର୍ପଣ କରି ସମାଜର ମୁଖ୍ୟଧାରାରେ ସାମିଲ ହୁଅନ୍ତୁ ଏବଂ ବିକାଶ ପାଇଁ ସରକାରଙ୍କ ପ୍ରଗତି ରଥରେ ସାରଥି ସାଜନ୍ତୁ ବୋଲି *(ପୃଷ୍ଠା ୭ରେ)*

## ସାନ୍ତାଳୀ ଭାଷାରେ ସମ୍ବିଧାନ ଲୋକାର୍ପଣ କଲେ ରାଷ୍ଟ୍ରପତି

**ନୂଆଦିଲ୍ଲୀ, ୨୫।୧୨**

ସାନ୍ତାଳୀ ଭାଷାରେ ଭାରତର ସମ୍ବିଧାନ ଲୋକାର୍ପଣ କରିଛନ୍ତି ଭାରତର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ । ଗୁରୁବାର ରାଷ୍ଟ୍ରପତି ଭବନରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ ସାନ୍ତାଳୀ ଭାଷାରେ ଭାରତର ସମ୍ବିଧାନ ଲୋକାର୍ପଣ କରିଛନ୍ତି ।

ଏହି ଅବସରରେ ରାଷ୍ଟ୍ରପତି କହିଥିଲେ ଯେ ଏହା ସମସ୍ତ ସାନ୍ତାଳୀ ଲୋକଙ୍କ ପାଇଁ ଗର୍ବ ଏବଂ ଆନନ୍ଦର *(ପୃଷ୍ଠା ୭ରେ)*



## ଶ୍ରେଷ୍ଠତା ପଦ ଦ୍ୱାରା ନୁହେଁ ଆଚରଣ ଦ୍ୱାରା ପ୍ରତିଷ୍ଠିତ ହୋଇଥାଏ : ମୋଦୀ

**ନୂଆଦିଲ୍ଲୀ, ୨୫।୧୨**

ଗୁରୁବାର ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ୧୦୧ତମ ଜନ୍ମବାର୍ଷିକୀ ପାଳିତ ହୋଇଯାଇଛି। ଏହି ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦିଲ୍ଲୀର ସଦୈବ ଅଟଳ ସ୍ମାରକ ପରିଦର୍ଶନ କରିଥିଲେ, ଯେଉଁଠାରେ ସେ ପୂର୍ବତନ ପ୍ରଧାନମନ୍ତ୍ରୀ ବାଜପେୟୀଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ରାଷ୍ଟ୍ରପତି *(ପୃଷ୍ଠା ୭ରେ)*



## ଆଜିର ମୁଖ୍ୟ ଖବର

- ସାରା ଦେଶରେ ବଡଦିନ ଉତ୍ସବ ଧୁମଧାମରେ ପାଳିତ।
- ବଡଦିନ ଉପଲକ୍ଷେ ସେୟାର ବଜାର ବନ୍ଦ।
- ଗୃହମନ୍ତ୍ରୀଙ୍କ ଦ୍ୱାରା ଉନ୍ନୟନ ପ୍ରକଳ୍ପ ଉଦ୍‌ଘାଟିତ।
- ଉପମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ନୂତନ ଅଙ୍ଗନବାଡ଼ି କେନ୍ଦ୍ର ଉଦଘାଟିତ।
- ବଲାଙ୍ଗିରରେ ଖୋଲା ଡ୍ରେନ୍‌ରେ ପଡ଼ି ସାଇକେଲ ଆରୋହୀଙ୍କ ମୃତ୍ୟୁ।
- ଜଳାଶୟକୁ ବାଇକ୍ ଖସି ଦୁଇ ଜଣଙ୍କ ମୃତ୍ୟୁ।
- ମହିଳା ସୁରକ୍ଷାକୁ ନେଇ ରାଜ୍ୟରେ ସାଧାରଣ ଅସନ୍ତୋଷ।
- ମାଲକାନଗିରିରେ ମାଓବାଦୀଙ୍କ ଆତ୍ମସମର୍ପଣ।

# ଏନକାଉଣ୍ଟର : ନକ୍ସଲ ନେତା ଗଣେଶ ସମେତ ୪ ମାଓବାଦୀ ନିହତ

**ଫୁଲବାଣୀ, ୨୫।୧୨**
**ନ୍ୟୁଜ୍ ବ୍ୟୁରୋ**

ଗଞ୍ଜାମ ଏବଂ କନ୍ଧମାଳ ଜିଲ୍ଲାର ସୀମାରେ ଥିବା ରମ୍ଭା ଜଙ୍ଗଲରେ ସୁରକ୍ଷା ବାହିନୀ ଏବଂ ମାଓବାଦୀ ମୁହାଁମୁହିଁ ହୋଇଛନ୍ତି। ପୁଲିସ କହିଛି ଯେ, ଓଡ଼ିଶାର କନ୍ଧମାଳ ଜିଲ୍ଲାରେ ସୁରକ୍ଷା ବାହିନୀ ସହିତ ଏନକାଉଣ୍ଟରରେ ଦୁଇ ମହିଳାଙ୍କ ସମେତ ଚାରି ଜଣ ମାଓବାଦୀ ନିହତ ହୋଇଛନ୍ତି।

ପୁଲିସ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି, ନିହତ ମାଓବାଦୀଙ୍କ ମଧ୍ୟରୁ ଜଣଙ୍କୁ ଓଡ଼ିଶାର ଶୀର୍ଷ ମାଓ ନେତା ଗଣେଶ ଉଇକେ ଭାବରେ *(ପୃଷ୍ଠା ୭ରେ)*



### ଓଡ଼ିଶାରେ ମାଓବାଦୀଙ୍କ ମେରୁଦଣ୍ଡ ଭାଙ୍ଗିଲା: ଡିଜିପି

**ଭୁବନେଶ୍ୱର, ୨୫।୧୨**
**ନ୍ୟୁଜ୍ ବ୍ୟୁରୋ**

ଓଡ଼ିଶାର କନ୍ଧମାଳ ଜିଲ୍ଲାରେ ସୁରକ୍ଷା କର୍ମୀଙ୍କ ସହ ଏନକାଉଣ୍ଟରରେ ଟପ୍ ମାଓନେତା ଗଣେଶ ଉଇକେର ମୃତ୍ୟୁକୁ ପୋଲିସ ଡିଜିପି ୱାଇ ବି ଖୁରାନିଆ ବଡ ସଫଳତା ବୋଲି କହିଛନ୍ତି । ସେ କହିଛନ୍ତି ଯେ ଏହି ଏନକାଉଣ୍ଟରରେ *(ପୃଷ୍ଠା ୭ରେ)*

### ସୁରକ୍ଷା ବଳଙ୍କ କାର୍ଯ୍ୟକୁ ପ୍ରଶଂସା କଲେ ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର, ୨୫।୧୨**
**ନ୍ୟୁଜ୍ ବ୍ୟୁରୋ**

ଓଡ଼ିଶାର କନ୍ଧମାଳ ଜିଲ୍ଲାରେ ସୁରକ୍ଷା କର୍ମୀଙ୍କ ସହ ଏନକାଉଣ୍ଟରରେ ଟପ୍ ମାଓନେତା ଗଣେଶ ଉଇକେର ମୃତ୍ୟୁ ପରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସୁରକ୍ଷା ବଳଙ୍କ କାର୍ଯ୍ୟକୁ ପ୍ରଶଂସା କରିଛନ୍ତି । ଶ୍ରୀ ମାଝୀ ସୋସିଆଲ *(ପୃଷ୍ଠା ୭ରେ)*

## ନୂଆବର୍ଷରେ ଯବାନଙ୍କୁ ପ୍ରତିରକ୍ଷା ମନ୍ତ୍ରଣାଳୟର ବଡ ଉପହାର



**ନୂଆଦିଲ୍ଲୀ, ୨୫।୧୨**

୨୦୨୬ ନୂତନ ବର୍ଷ ଭାରତୀୟ ସେନା ପାଇଁ ଖୁସି ଖବର ନେଇ ଆସୁଛି। ସୁରକ୍ଷା କାରଣରୁ ସାମାଜିକ ଜଗତରୁ ଦୂରରେ ଥିବା ଦେଶସେବା କରୁଥିବା ସୈନିକମାନେ ଏବେ ସାମାଜିକ ରହିପାରିବେ। ପ୍ରତିରକ୍ଷା ମନ୍ତ୍ରଣାଳୟ ସେନା ସୈନିକମାନଙ୍କୁ ସୋସିଆଲ ମିଡିଆ ପ୍ଲାଟଫର୍ମ ବ୍ୟବହାର କରିବାକୁ ଅନୁମତି ଦେଇଛି। ଗଲଓ୍ୱାନ ଉପତ୍ୟକାରେ ବିବାଦ ପରେ ସୈନିକମାନଙ୍କ ପାଇଁ ସୋସିଆଲ ମିଡିଆକୁ ନିଷେଧ କରାଯାଇଥିଲା।

ପ୍ରତିରକ୍ଷା ମନ୍ତ୍ରଣାଳୟ ପକ୍ଷରୁ ଜାତୀୟ ଗଣମାଧ୍ୟମକୁ ଦିଆଯାଇଥିବା ଏକ ସୂଚନା ଅନୁଯାୟୀ, ଏବେ ସୈନିକ ଏବଂ ଅଧିକାରୀମାନଙ୍କୁ ସୋସିଆଲ ମିଡିଆ ଅର୍ଥାତ୍ ଫେସବୁକ୍, ଏକ୍ସ, ଇନଷ୍ଟାଗ୍ରାମ ଦେଖିବାର ସମ୍ପୂର୍ଣ୍ଣ ସ୍ୱାଧୀନତା ଦିଆଯାଇଛି। କିନ୍ତୁ ଏଥିରେ ଏକ ସର୍ତ୍ତ ମଧ୍ୟ ଲଗାଯାଇଛି ଯେ ସେମାନେ କେବଳ ସୋସିଆଲ ମିଡିଆ ଦେଖିପାରିବେ, କିନ୍ତୁ ସେମାନେ କିଛି ସେୟାର କରିବେ ନାହିଁ।

## ୩ ନୂଆ ଏୟାରଲାଇନ୍ସକୁ ସରକାରଙ୍କ ମଞ୍ଜୁରୀ



**ନୂଆଦିଲ୍ଲୀ, ୨୫।୧୨**

ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟ ଦେଶରେ ଚଳାଚଳ କରିବାକୁ ପ୍ରସ୍ତୁତ ହେଉଥିବା ୩ ଏୟାରଲାଇନ୍ସକୁ ଅନୁମତି ପ୍ରଦାନ କରିଛନ୍ତି। ଶଙ୍ଖ ଏୟାର, ଅଲ ହିନ୍ଦ ଏୟାର ଓ ଫ୍ଲାଇଏକ୍ସପ୍ରେସକୁ ମଞ୍ଜୁରୀ ମିଳିଛି। ଏହା ଦ୍ୱାରା ଯାତ୍ରୀଙ୍କ ପାଖରେ ବିକଳ୍ପ ବଢିବା ସହିତ ବିମାନ ସେବାରେ ପ୍ରତିଦ୍ୱନ୍ଦ୍ୱିତା ମଧ୍ୟ ସୃଷ୍ଟି ହେବ। ଗତ ସପ୍ତାହରେ ବିମାନ ଚଳାଚଳ ମନ୍ତ୍ରୀ ରାମ ମୋହନ ନାଇଡୁ ଏହି ୩ ଏୟାରଲାଇନ୍ସ ଦଳ ସହ ସାକ୍ଷାତ କରିଥିଲେ। ଶଙ୍ଖ ଏୟାରକୁ ପୂର୍ବରୁ ଏନଓସି ମିଳିସାରିଥିଲା। ତେବେ ହିନ୍ଦ ଏୟାର ଓ ଫ୍ଲାଇଏକ୍ସପ୍ରେସକୁ ଚଳିତ ସପ୍ତାହରେ ଅନୁମତି ପ୍ରଦାନ କରାଯାଇଛି । ଏବେ ଏହି କମ୍ପାନୀମାନେ ଆଗାମୀ କିଛି ପ୍ରକ୍ରିୟା ପୂରା କରିବା ପରେ ବ୍ୟାବସାୟିକ ଉଡାଣ ପାଇଁ ପ୍ରସ୍ତୁତ ହୋଇପାରିବେ।

## ବଡ଼ ଦିନରେ ବଡ଼ ଅଘଟଣ
# ବସ୍-ଟ୍ରକ୍ ଧକ୍କାରେ ୧୭ ଯାତ୍ରୀ ଜୀବନ୍ତ ଦଗ୍ଧ

**ବେଙ୍ଗାଲୁରୁ, ୨୫।୧୨**

ଗୁରୁବାର ସକାଳେ କର୍ଣ୍ଣାଟକର ଚିତ୍ରଦୁର୍ଗ ଜିଲ୍ଲାରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ୧୨ ରୁ ଅଧିକ ଲୋକ ପୋଡ଼ି ମୃତ୍ୟୁବରଣ କରିଛନ୍ତି। ହିରିୟୁର ତାଲୁକର ଗୋର୍ଲାଙ୍ଗୁ ଅଞ୍ଚଳରେ ଏକ ଘରୋଇ ସ୍ଲିପର୍ ବସ୍ ଏବଂ ଏକ ଟ୍ରକ୍ ମଧ୍ୟରେ ଖୁବ ଜୋରରେ ଧକ୍କା ହୋଇଥିଲା, ଯାହା ଫଳରେ ଉଭୟ ଗାଡ଼ିରେ ନିଆଁ ଲାଗିଯାଇଥିଲା, ଯେଉଁଥିରେ ଯାତ୍ରୀମାନେ ଫସି ଯାଇଥିଲେ। ପୋଲିସ ଅନୁଯାୟୀ, ବୁଧବାର ଏବଂ *(ପୃଷ୍ଠା ୭ରେ)*



### ସହାୟତା ରାଶି ଘୋଷଣା କଲେ ପ୍ରଧାନମନ୍ତ୍ରୀ

ଏହି ଦୁର୍ଘଟଣା ବିଷୟରେ ଖବର ପାଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଶୋକପ୍ରକାଶ କରିଛନ୍ତି। ଏକ୍ସରେ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଟୁଇଟ୍ କରି ଲେଖାଯାଇଛି ଯେ, କର୍ଣ୍ଣାଟକର ଚିତ୍ରଦୁର୍ଗ *(ପୃଷ୍ଠା ୭ରେ)*

## ବାଂଲାଦେଶରେ ଆଉ ଜଣେ ହିନ୍ଦୁଙ୍କୁ ହତ୍ୟା

**ଢାକା, ୨୫।୧୨**

ବାଂଲାଦେଶରେ ଆଉ ଜଣେ ହିନ୍ଦୁଙ୍କୁ ହତ୍ୟା କରାଯାଇଛି । ଉତ୍ତ୍ୟକ୍ତ ଲୋକେ ଅମ୍ରିତ ମଣ୍ଡଳ ନାମକ ଜଣେ ୨୯ ବର୍ଷୀୟ ଯୁବକଙ୍କୁ ପିଟି ପିଟି ହତ୍ୟା କରିଛନ୍ତି। ରାଜବାଡ଼ି ଅନ୍ତର୍ଗତ ପଙ୍ଗସା ଅଞ୍ଚଳରେ ବୁଧବାର ବିଳମ୍ବିତ ରାତିରେ ଏହି ହତ୍ୟାକାଣ୍ଡ ଘଟିଛି। ନିକଟରେ ଦୀପୁ ଚନ୍ଦ୍ର *(ପୃଷ୍ଠା ୭ରେ)*



## ସୁନା ଦର

୨୪ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୩,୮୯୩ (+୦)
୨୨ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୨,୭୩୫ (+୦)
୧୮ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୦,୪୨୦ (+୦)

## ରୁପା ଦର

ରୂପା – ପ୍ରତି ଗ୍ରାମ ୨୪୪ (+୦)

## ଏକାଳ ପଖାଳ




ପ୍ରକୃତିକୁ କୁରୂପ କରିକି
କଣ କରୁଛ ନର
ଆରାବଳୀ କଟା ବନ୍ଦ ନିର୍ଦ୍ଦେଶ
ଆସିଗଲା ଏଥର
ବଡବଡିଆ ମୂଳ ସବୁର
ଫଳ ଭୋଗିବ ଭୟଙ୍କର ସବୁ
ଯଦି ଏଇସବୁ କର।

# ଭୁବନେଶ୍ୱରର ବାୟୁ ପ୍ରଦୂଷଣ ଚିନ୍ତା ବଢାଉଛି



**ଭୁବନେଶ୍ୱର, ୨୫।୧୨**
**ନ୍ୟୁଜ୍ ବ୍ୟୁରୋ**

ଦିଲ୍ଲୀ ପ୍ରଦୂଷଣକୁ ନେଇ ସାରା ଦେଶରେ ଚର୍ଚ୍ଚା ହେଉଥିବା ବେଳେ ଓଡ଼ିଶାର ବିଭିନ୍ନ ସ୍ଥାନରୁ ଆସିଛି ସାଂଘାତିକ ଚିତ୍ର । ବାୟୁ ପ୍ରଦୂଷଣରେ ଦିଲ୍ଲୀକୁ ଟପି ଯାଇଛି ଓଡ଼ିଶାର ୩ ସହର । ବାଲେଶ୍ୱର, ତାଳଚେରର ସ୍ଥିତି ଅତି ଖରାପ ସ୍ତରରେ ପହଞ୍ଚିଥିବା ବେଳେ ତାଲିକାରେ ଯୋଡି ହୋଇଛି ବାରିପଦା । ରାଜଧାନୀ ଭୁବନେଶ୍ୱରର ପ୍ରଦୂଷଣ ବି ଚିନ୍ତାଜନକ । ତଥାପି ପରିବେଶ ବିଭାଗର ନିଦ ଭାଙ୍ଗୁନି ।

ବାୟୁ ପ୍ରଦୂଷଣ ଯୋଗୁଁ ଦିଲ୍ଲୀବାସୀ ଆକ୍ରାମାକ୍ରା ହେବା ସୂଚନା ମିଳିଛି । କିନ୍ତୁ ବାୟୁ ପ୍ରଦୂଷଣରେ ଦିଲ୍ଲୀକୁ ପଛରେ ପକାଇ ଦେଇଛି ଓଡ଼ିଶା । ଗୁରୁବାର ପୂର୍ବାହ୍ନ ୧୧ଟା ସୁଦ୍ଧା ଦେଶର ୫ ପ୍ରଦୂଷିତ ସହର ଭିତରେ ରହିଥିଲା ରାଜ୍ୟର ୩ ସହର ବାଲେଶ୍ୱର, ତାଳଚେର ଓ ବାରିପଦା । ବାୟୁ ପ୍ରଦୂଷଣ ତାଲିକାରେ ୩୩୬ ଏକ୍ୟୁଆଇ ସହ ବାଲେଶ୍ୱର ଦେଶର ସବୁଠୁ ପ୍ରଦୂଷିତ ସହର ପାଲଟିଛି । ୩୨୪ ଏକ୍ୟୁଆଇ ସହ ଦେଶରେ ଦ୍ୱିତୀୟ ସ୍ଥାନରେ ତାଳଚେର। ସେହିପରି ୩୦୪ ଏକ୍ୟୁଆଇ ସହ ବାରିପଦା ଦେଶର ପଞ୍ଚମ ପ୍ରଦୂଷିତ ସହର। ଦେଶର ଅନ୍ୟ ଦୁଇ *(ପୃଷ୍ଠା ୭ରେ)*

## ବର୍ଷ ଆରମ୍ଭରୁ ସୃଷ୍ଟି ହୋଇପାରେ ଲଘୁଚାପ

**ଭୁବନେଶ୍ୱର, ୨୫।୧୨**
**ନ୍ୟୁଜ୍ ବ୍ୟୁରୋ**

ବର୍ଷ ଆରମ୍ଭରୁ ହିଁ ସୃଷ୍ଟି ହେଇପାରେ ଲଘୁଚାପ । ଦକ୍ଷିଣ ବଙ୍ଗୋପସାଗରରେ ଲଘୁଚାପ ସୃଷ୍ଟି ହେବା ସମ୍ଭାବନା ରହିଛି । ତରଙ୍ଗାୟିତ ବାୟୁ ଓ ବାଦଲର ଘନତ୍ୱ ବୃଦ୍ଧି ଭଳି ପାଣିପାଗର କାରକ ଗୁଡିକ ପ୍ରଭାବରେ ଲଘୁଚାପ ସୃଷ୍ଟି ହେବା ନେଇ ଆକଳନ କରିଛନ୍ତି ପାଣିପାଗ ବିଶେଷଜ୍ଞ । ଲଘୁଚାପ ପ୍ରଭାବରେ ରାଜ୍ୟର କିଛି ଅଞ୍ଚଳରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା ହୋଇପାରେ । ଆଜିଠୁ ରାଜ୍ୟରେ ବଢିବ ଶୀତ । ଏକ ସପ୍ତାହ ଧରି ହାଡ଼ ଭଙ୍ଗା ଶୀତ ଅନୁଭବ ହେବ । ସମତଳ ଓ ପାହାଡିଆ ଅଞ୍ଚଳରେ ଥଣ୍ଡାର ଥାର୍ଡ ଡିଗ୍ରୀରେ ଥରିବେ ଲୋକେ । ଏହି ଅଞ୍ଚଳଗୁଡ଼ିକରେ ୨ଡିଗ୍ରୀ ପର୍ଯ୍ୟନ୍ତ ରାତି ତାପମାତ୍ରା ହ୍ରାସ ପାଇବା ସମ୍ଭାବନା ରହିଛି ।

ତା'ସହ ରାଜ୍ୟରେ ପାରଦ ତଳମୁହାଁ ରହିଥିବା ବେଳେ ବିଳମ୍ବିତ ରାତିରୁ ଘନ କୁହୁଡ଼ି ମାଡ଼ି ଆସୁଛି । ଶୀତର ପ୍ରଭାବକୁ ଘନକୁହୁଡ଼ି ଆହୁରି ତୀବ୍ର କରୁଛି । ଆଞ୍ଚଳିକ ପାଣିପାଗ କେନ୍ଦ୍ରର ଆଲର୍ଟ ଅନୁଯାୟୀ ନୂଆବର୍ଷ ପର୍ଯ୍ୟନ୍ତ ରାଜ୍ୟରେ ଶୀତର ପ୍ରକୋପ ଲାଗି ରହିବ। ଆସନ୍ତା ୪ଦିନ ପର୍ଯ୍ୟନ୍ତ ଘନ କୁହୁଡ଼ିକୁ ନେଇ ଚେତାବନୀ ଜାରି ହେଇଛି । ଶୁକ୍ରବାର ସକାଳ ପର୍ଯ୍ୟନ୍ତ କନ୍ଧମାଳ, କୋରାପୁଟ, ଢେଙ୍କାନାଳ, ଖୋର୍ଦ୍ଧା, ସୁନ୍ଦରଗଡ଼ ଜିଲ୍ଲାର ଅନେକ ସ୍ଥାନରେ ଘନକୁହୁଡିକୁ ନେଇ ଚେତାବନୀ ଜାରି ହୋଇଛି। ଦୃଶ୍ୟମାନ ଦୂରତା ପଚାଶ ମିଟରରୁ ବି କମ୍ ରହିବ ।




# ବେଆଇନ୍ ଡାଇଗ୍ନୋଷ୍ଟିକ୍ ସେଣ୍ଟରରେ ସ୍ୱାସ୍ଥ୍ୟ ବିଭାଗର ଚଢ଼ଉ

**କଟକ, ନ୍ୟୁଜ୍ ବ୍ୟୁରୋ**

କଟକ ମଙ୍ଗଳାବାଗ ସ୍ଥିତ କାଠଗୋଲା ଅଞ୍ଚଳରେ ଥିବା ବିଏସ୍ଆର୍ ଡାଇଗ୍ନୋଷ୍ଟିକ୍ ସେଣ୍ଟର ଉପରେ ରାଜ୍ୟ ଓ କଟକ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ଓ ଜିଲ୍ଲା ପ୍ରଶାସନ ପକ୍ଷରୁ ଚଢ଼ଉ କରାଯାଇଛି । ୨୦୧୯ରୁ ବିନା କୌଣସି ପଞ୍ଜୀକରଣରେ ଚାଲିଥିଲା ଏହି ଡାଇଗ୍ନୋଷ୍ଟିକ୍ ସେଣ୍ଟର । ବିନା ଅନୁମତିରେ ଚାଲିଥିଲା ଅଲଟ୍ରାସାଉଣ୍ଡ । ଏ ନେଇ ସୂଚନା ପାଇବା ପରେ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗର ସ୍ପେଶାଲ୍ ସ୍କ୍ୱାଡ୍ ଓ ଜିଲ୍ଲା ପ୍ରଶାସନର ଏକ ଟିମ୍ ଏହି ଚଢଉ କରି ଡାଇଗ୍ନୋଷ୍ଟିକ୍ ସେଣ୍ଟରକୁ ସିଲ୍ କରିଛି । ତେବେ ଯାଞ୍ଚ ବେଳେ କେବଳ ବିନା ପଞ୍ଜୀକରଣ ବ୍ୟତୀତ ଅଗ୍ନି ନିରାପତ୍ତା ବ୍ୟବସ୍ଥା ନଥିବା ଜାଣିବାକୁ ପାଇଥିଲା ସ୍ୱାସ୍ଥ୍ୟ ବିଭାଗ । ରାଜ୍ୟ ସ୍ୱାସ୍ଥ୍ୟ ବିଭାଗର ୩ ଜଣିଆ ଟିମ୍ ଓ କଟକ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗର ୩ ଜଣିଆ ଟିମ୍,



ଜିଲ୍ଲା ପ୍ରଶାସନର ଜଣେ ଅଧିକାରୀ ଚଢ଼ଉରେ ସାମିଲ ହୋଇଥିବା ବେଳେ କମ୍ପ୍ୟୁଟର ହାର୍ଡ ଡିସ୍କ, ରେଜିଷ୍ଟର ସବୁକୁ ଜବତ କରାଯାଇଛି । ଏହାକୁ ସିଲ୍ କରାଯିବ ବୋଲି କହିଛନ୍ତି କଟକ ଜିଲ୍ଲାର ଅତିରିକ୍ତ ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ ଡକ୍ଟର ଚିନ୍ତାମଣି ମିଶ୍ର । ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗର ଟିମ୍ ସହ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗର ଟିମ୍ ମଧ ଏହି ଚଢ଼ଉରେ ସାମିଲ୍ ହୋଇଥିଲା । ଏହି ବିଏସ୍ଆର୍ ଡାଇଗ୍ନୋଷ୍ଟିକ୍ ସେଣ୍ଟରରେ କୌଣସି ବୈଧ ଦସ୍ତାବିଜ୍ ନଥିବା ବେଳେ ଫେକ୍ ଭାବେ ଚାଲିଥିଲା, ତେଣୁ ଏହାକୁ ସିଲ୍ କରାଯାଇଛି । ଏହାସହ ମାଲିକଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ମଧ ଗ୍ରହଣ କରାଯିବ । ଆଗକୁ ମଧ ଏହାର ଯାଞ୍ଚ ଜାରି ରହିବ ବୋଲି ପିସିପିଏନ୍ଡିଟିର ରାଜ୍ୟ ନୋଡାଲ୍ ଅଫିସର ଅଭିଜିତ କୁଅଁର କହିଛନ୍ତି ।



# ନୂତନ ମଦ ଦୋକାନ ଖୋଲିବାକୁ ବିରୋଧ

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

କେନ୍ଦ୍ରାପଡା ଜିଲ୍ଲାର ଆଳି ଓ ରାଜକନିକା ବ୍ଲକ ଅଞ୍ଚଳରେ ସରକାର ପନ୍ଦରଟି ନୂଆ ମଦ ଦୋକାନ ଖୋଲିବାକୁ ବିଜ୍ଞପ୍ତି ପ୍ରକାଶ କରିଥିଲେ । ଏହା ବିରୋଧରେ ଆପତ୍ତି ଅଭିଯୋଗ ଦାଖଲର ଶେଷ ତାରିଖ ଥିବାବେଳେ ନିଶା ନିବାରଣ ଅଭିଯାନ ପକ୍ଷରୁ ପ୍ରତିବାଦ ଦରଖାସ୍ତ ଦାଖଲ କରାଯାଇଛି । ସଂଗଠନର ଜିଲ୍ଲା ସମ୍ପାଦକ ଆଦିକନ୍ଦ ରାଉଳଙ୍କ ନେତୃତ୍ୱରେ ଜିଲ୍ଲା ଉପସଭାପତି ଭାଗୀରଥି ଜେନା, ଖଲି ବ୍ଲକ ସଭାପତି ଲକ୍ଷ୍ମୀଧର ଦୀକ୍ଷିତ, ସମ୍ପାଦକ ଗୋବିନ୍ଦ ନନ୍ଦ, ସହ ସମ୍ପାଦକ ସୋହାନା ବେଗମ୍, ଅମରେନ୍ଦ୍ର ଦାସ, ଧନେଶ୍ୱର ରାଉତ ପ୍ରମୁଖଙ୍କ ଦ୍ୱାରା ଜିଲ୍ଲାପାଳଙ୍କୁ ଦିଆଯାଇଥିବା ଏହି ଅଭିଯୋଗପତ୍ରର ନକଲ ବିଭାଗୀୟ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କ ସମେତ ଅବକାରୀ କମିଶନର ଓ ଅବକାରୀ ଅଧିକ୍ଷକଙ୍କ ନିକଟକୁ ପଠାଯାଇଥିବାବେଳେ ଏଥିରେ ସରକାରଙ୍କୁ ତାଙ୍କର ନିର୍ବାଚନ କାଳୀନ ପ୍ରତିଶ୍ରୁତିକୁ ସ୍ମରଣ କରାଇଦିଆଯାଇ ସରକାର ରାଜସ୍ୱ ବୃଦ୍ଧି ପାଇଁ ଆପଣାଉଥିବା ଏପରି ଜନବିରୋଧୀ କାର୍ଯ୍ୟକ୍ରମରୁ ବିରତ ରହିବାକୁ ଅନୁରୋଧ କରାଯାଇଛି । ଜିଲ୍ଲାପାଳଙ୍କ ସହ ଆଲୋଚନା କାଳରେ ଏହି ଘଟଣାକୁ ନେଇ ଆଳି କନିକା ଅଞ୍ଚଳରେ ଏବେ ସୃଷ୍ଟି ହୋଇଥିବା ଜନଅସନ୍ତୋଷ ସମ୍ପର୍କରେ ସୂଚାଇ ଦିଆଯାଇଥିଲା ।

# ଖାଉଟି ସଚେତନ ହେଲେ ଠକେଇ ବନ୍ଦ ହେବ

**ସୁବର୍ଣ୍ଣପୁର, ନ୍ୟୁଜ୍ ବ୍ୟୁରୋ**

ସୁବର୍ଣ୍ଣପୁର ଜିଲ୍ଲା ସଦର ଏନ୍‌ଜିଓସିସି ସମ୍ମିଳନୀ କକ୍ଷରେ ରେଆର ସୋନପୁର ଓ ଉପ ନିୟନ୍ତ୍ରକ




ବୈଧ ମାପ, ଓଜନ ବିଭାଗ ମିଳିତ ଆନୁକୂଲ୍ୟରେ ତଥା ଖାଦ୍ୟ ଯୋଗାଣ ତଥା ଖାଉଟି କଲ୍ୟାଣ ବିଭାଗ ସହାୟତାରେ ଜାତୀୟ ଖାଉଟି ଅଧିକାର ଦିବସ ପାଳିତ ହୋଇଯାଇଛି । ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ତଥା ଜିଲ୍ଲା ଖାଉଟି ସୁରକ୍ଷା ଅଧିକାରୀ ରାଜେନ୍ଦ୍ର ମାଝୀ ଯୋଗଦେଇ ଉଦ୍‌ଘାଟନ କରିବା ସହ ଖାଉଟି ସଚେତନ ହେଲେ ଠକାଇ ବନ୍ଦ ହେବ ବୋଲି ପ୍ରକାଶ କରିଥିଲେ, ସଭା ପ୍ରାରମ୍ଭରେ ରେଆର ପ୍ରତିଷ୍ଠାତା ଗୌରୀଶ୍ୟାମ ପଣ୍ଡା ଖାଉଟି ସୁରକ୍ଷା ଆଇନ୍ ୨୦୧୯ ବିଷୟରେ ଆଲୋଚନା କରିଥିଲେ । ଅନ୍ୟତମ ସମ୍ମାନିତ ଅତିଥି ଭାବେ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ଉଷାରାଣି ଦାସ, ଜିଲ୍ଲା ଖାଉଟି ବିବାଦ ପ୍ରତିକାର ଆୟୋଗର ସଭାପତି ଉପାନନ୍ଦ ପୁରୋହିତ, ଜିଲ୍ଲା ବେସାମରିକ ଯୋଗାଣ ଅଧିକାରୀ, କେଦାରନାଥ ନାୟକ, ଅତିରିକ୍ତ ବେସାମରିକ ଯୋଗାଣ ଅଧିକାରୀ ପ୍ରଭାତ କୁମାର ଦାସ, ଉପ ନିୟନ୍ତ୍ରକ ଓଜନ ଓ ମାପ, ସୁବର୍ଣ୍ଣପୁର ବାଗରାଇ ସୋରେନ, ଯୋଗଦେଇ ନିଜ ନିଜ ବିଭାଗର କାର୍ଯ୍ୟକ୍ରମ ବିଷୟରେ ଆଲୋଚନା କରିବା ସହ ଖାଉଟି ସଚେତନ ହେବାକୁ ଆହ୍ୱାନ ଦେଇଥିଲେ । କାର୍ଯ୍ୟକ୍ରମକୁ ସାଧାରଣ ସମ୍ପାଦକ ଅନଙ୍ଗ ନେଗୀ ସଂଯୋଜନା କରିଥିବାବେଳେ କାର୍ଯ୍ୟକ୍ରମ ସଂଯୋଜକ ସୁଦାମ ଗାଈ ଗରିଆ ଧନ୍ୟବାଦ ଅର୍ପଣ କରିଥିବା ବେଳେ ମୋନଜ ସ୍ୱାଇଁ, ଟିକେଶ୍ୱର ବନଛୋର, ସତ୍ୟ ନାରାୟଣ ବିଶି, ଶତ୍ରୁଘନ ବିଭାର ସହଯୋଗ କରିଥିଲେ ।

# ‘ସ୍ମୃତିସିନ୍ଧୁରେ ଜଗବନ୍ଧୁ’ ଉନ୍ମୋଚିତ

**ଯାଜପୁର, ନ୍ୟୁଜ୍ ବ୍ୟୁରୋ**

ଯାଜପୁର ସହର ସନ୍ନିକଟ ଷୋଳମପୁର ଗ୍ରାମ.ପ.ର ମୂଢ଼ାପଦା ଗ୍ରାମର ବିଶିଷ୍ଟ ସଂଗଠକ ତଥା ବରିଷ୍ଠ ସମାଜସେବୀ ସ୍ୱର୍ଗତ ଜଗବନ୍ଧୁ ବରାଳଙ୍କ ପ୍ରଥମ ବାର୍ଷିକ ଶ୍ରାଦ୍ଧ ଅବସରରେ ବିଶାଳ ସ୍ମୃତିଚାରଣ ସଭା ସହ ବହୁବିଧ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ସ୍ୱର୍ଗତ ଜଗବନ୍ଧୁ ବରାଳଙ୍କର ଏକ ପ୍ରତିମୂର୍ତ୍ତିକୁ ପୂର୍ବତନ ମନ୍ତ୍ରୀ ତଥା ଜୀବନାଦର୍ଶ, ସମାଜସେବା, ସାଂଗଠନିକ ଦକ୍ଷତା ଓ ସ୍ଥାନୀୟ ଅଞ୍ଚଳର ବିକାଶ ପାଇଁ କରିଥିବା ଉନ୍ନତି ମୂଳକ କାର୍ଯ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ । ଏହି ଅବସରରେ ୩୨ ଜଣ ବିଭିନ୍ନ କ୍ଷେତ୍ରରେ କାର୍ଯ୍ୟକରୁଥିବା ବ୍ୟକ୍ତି ବିଶେଷଙ୍କୁ ଜଗବନ୍ଧୁ ବରାଳ ସ୍ମୃତି ସଂସଦ ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି ଅବସରରେ ଏକ ଭଜନ ସମାରୋହ ଅନୁଷ୍ଠିତ ହେବା ସହ ମହାବୀର ଯୁବକ




ପୂର୍ବତନ ଯାଜପୁର ବିଧାୟକ ପ୍ରଣବ ପ୍ରକାଶ ଦାସ ଉନ୍ମୋଚନ କରିଥିଲେ । ଏହାପରେ ବିଶିଷ୍ଟ ଶିକ୍ଷାବିତ୍ ତଥା ପଣ୍ଡିତ ଭୂପତି ଭୂଷଣ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସ୍ମୃତିଚାରଣ ସଭାରେ ବରିଷ୍ଠ ଚିକିତ୍ସକ ଡା. କାର୍ତ୍ତିକ ରାଉତ୍, ଓଡ଼ିଶା ଶିକ୍ଷା ନିର୍ଦ୍ଦେଶାଳୟର ଅବସରପ୍ରାପ୍ତ ପ୍ରଶାସକ ମଙ୍ଗୁଳି ଚରଣ ବେହେରା, ଓପେପାର ପ୍ରାକ୍ତନ ଯୁଗ୍ମ ନିର୍ଦ୍ଦେଶକ ବିଷ୍ଣୁଚରଣ ସୂତାର, ଅବସରପ୍ରାପ୍ତ ବ୍ୟାଙ୍କ ଅଧିକାରୀ ଶାନ୍ତନୁ କୁମାର ଧଳ, ପଣ୍ଡିତ କୃଷ୍ଣଚନ୍ଦ୍ର ମିଶ୍ରଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ସ୍ୱର୍ଗତ ଜଗବନ୍ଧୁ ବରାଳଙ୍କ ବହୁ ନିକଟ ସମ୍ପର୍କୀୟ ସହଯୋଗୀ ସ୍ମୃତି ଚାରଣ କରି ସ୍ୱର୍ଗତ ବରାଳଙ୍କ ବହୁବିଧ ପ୍ରତିଭା, ସଂଘ ତରଫରୁ ମହମବତୀ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ଭଣ୍ଡାରୀ ପୋଖରୀ ବିଧାୟକ ସଂଜୀବ କୁମାର ମଲିକ୍, ବିଜେପି ନେତା ବଦ୍ରିନାରାୟଣ ଧଳ, କଂଗ୍ରେସ ନେତା ସୁବ୍ରତ ମହାନ୍ତି, ଯାଜପୁର ଜିଲ୍ଲା ଶିକ୍ଷାଧିକାରୀ ମହେଶ୍ୱର ସାହୁ, ଯାଜପୁର ଜିଲ୍ଲାପାଳଙ୍କ ଓ.ଏସ୍.ଡି. କୁଳମଣୀ ନାୟକ, ଯାଜପୁର ପୌରଉପାଧକ୍ଷ ସନ୍ତୋଷ କୁମାର ମଲ୍ଲିକ୍, ଯାଜପୁର କଂଗ୍ରେସ ନେତା ସନ୍ତୋଷ ନନ୍ଦ ପ୍ରମୁଖଙ୍କ ସହ ବହୁ ବ୍ୟକ୍ତି ବିଶେଷ ଯୋଗ ଦେଇଥିଲେ । ଏହି କାର୍ଯ୍ୟକ୍ରମକୁ ସ୍ୱର୍ଗତ ଜଗବନ୍ଧୁ ବରାଳଙ୍କ ପୁତ୍ର ରମାକାନ୍ତ ବରାଳ ତଦାରଖ ଓ ପରିଚାଳନା କରିଥିଲେ ।

# କୋରେଇରେ ବିଜେପିର ମିଶ୍ରଣ ପର୍ବ:ବହୁ କର୍ମୀ ଓ ନେତା ଯୋଗଦେଲେ

**ବ୍ୟାସନଗର, ନ୍ୟୁଜ୍ ବ୍ୟୁରୋ**

ସାଧାରଣ ନିର୍ବାଚନ ପରେ ଶାସକ ବିଜେପିର ଦେଢବର୍ଷର ସୁଶାସନରେ ଅନୁପ୍ରାଣିତ ହୋଇ ବିଜେପି ଆଡକୁ ଢଳୁଛନ୍ତି ଅନ୍ୟଦଳର ପଞ୍ଚାୟତ ପ୍ରତିନିଧି ଏବଂ କର୍ମୀ । ଗତ କିଛିଦିନ ହେବ ଅନେକ କର୍ମୀ ଏବଂ ପ୍ରତିନିଧି କୋରେଇ ବିଜେପିରେ ସାମିଲ ହୋଇଥିବାବେଳେ କୋରେଇ ବିଜେପି ପକ୍ଷରୁ ବ୍ୟାସନଗର ସ୍ଥିତ ବିଧାୟକଙ୍କ ବାସଭବନ ଠାରେ ଏକ ମିଶ୍ରଣ ପର୍ବ କୋରୋଇ ବିଧାୟକ ଆକାଶ ଦାସନାୟକଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଥିଲା । କୋରେଇ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ କୋରେଇ ବ୍ଲକ୍ ଖମଣ,



ଗୋଳେଇପୁର ଗ୍ରାମ ପଞ୍ଚାୟତର ଶତାଧିକ ବିଜୁ ଜନତା ଦଳର ଆଗଧାଡିର କର୍ମୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ବିକଶିତ ଭାରତ ଓ ବିକଶିତ ଓଡ଼ିଶାର ସ୍ୱପ୍ନ ତଥା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସୁଶାସନ, ସ୍ୱଚ୍ଛ କାର୍ଯ୍ୟଶୈଳୀ ସର୍ବପରି କୋରେଇର ବିଧାୟକ ଆକାଶ ଦାସନାୟକଙ୍କ ସ୍ୱଚ୍ଛ ନୀତି, ଆଦର୍ଶ ତଥା ବିକଶିତ କୋରେଇ ଗଠନ ଚିନ୍ତାଧାରାରେ ଅନୁପ୍ରାଣିତ ହୋଇ ବିଜେପିରେ ଆନୁଷ୍ଠାନିକ ଭାବେ ଯୋଗଦାନ କରିଛନ୍ତି । ସମସ୍ତ ଆଗନ୍ତୁକ ଖମଣ ଓ ଗୋଳେଇପୁର ପଞ୍ଚାୟତ ପ୍ରତିନିଧି ଓ କର୍ମୀଙ୍କୁ ବିଧାୟକ ବିଜେପି ଦଳକୁ ସ୍ୱାଗତ କରିବା ସହ ଦଳୀୟ ଟୋପି ଓ ଉତ୍ତରୀୟ ପକାଇ ଭାରତୀୟ ଜନତା ପାର୍ଟିରେ ସାମିଲ କରାଇଥିଲେ । ବିଧାୟକ ଆକାଶ ଦାସନାୟକ ମିଶ୍ରଣ ପର୍ବ ପରେ କୋରେଇ ବିଜେପି ଆହୁରି ଅଧିକ ଶକ୍ତିଶାଳୀ ହେଲା ଏବଂ ଖମଣ ଓ ଗୋଳେଇପୁର ଗ୍ରାମ ପଞ୍ଚାୟତରେ ବିଜେପି ସ୍ଥିତି ସୁଦୃଢ଼ ହେଲା କହିବା ସହ କୋରେଇ ବିକାଶ ପାଇଁ କରିଥିବା ସଂକଳ୍ପ ନିଶ୍ଚିତ ପୂରଣ କରିବେ ବୋଲି ପ୍ରତିଶୃତି ଦେଇଥିଲେ ।



# ଅଗ୍ନି ବିପନ୍ନଙ୍କୁ ସାହିତ୍ୟ ସଂସଦର ସହାୟତା

**ଚୌଦ୍ୱାର, ନ୍ୟୁଜ୍ ବ୍ୟୁରୋ**

ଟାଙ୍ଗୀ-ଚୌଦ୍ୱାର ବ୍ଲକ୍ ହରିଅନ୍ତା ପଞ୍ଚାୟତ ଅଧିନ ତନ୍ତିରା ଗ୍ରାମରେ ଅଗ୍ନିକାଣ୍ଡ ଘଟି ଅରବିନ୍ଦ ଦାସଙ୍କ ୩ ବଖରା ଘର ସମ୍ପୂର୍ଣ୍ଣ ଭାବେ ପୋଡ଼ିଯିବା ସହିତ ଘରେଥିବା ସମସ୍ତ ଆସବାବପତ୍ର, ଖାଦ୍ୟ ସାମଗ୍ରୀ ଓ ସମସ୍ତ ଘରକରଣା ସାମଗ୍ରୀ ନିଆଁରେ ପୋଡ଼ି ପାଉଁଶ ହୋଇଯିବା ଫଳରେ ଦାସଙ୍କ ପରିବାର ବିପନ୍ନ ହୋଇଯାଇଛି । ଖବରପାଇ ସ୍ଥାନୀୟ ସାହିତ୍ୟ ଓ ସେବା ଅନୁଷ୍ଠାନ ଡାଳିଯୋଡ଼ା ସାହିତ୍ୟ ସଂସଦ ତରଫରୁ ବିପନ୍ନ ପରିବାରକୁ ସହାୟତା ପ୍ରଦାନ କରାଯାଇଛି । ସଂସଦ ସଭାପତି କେ.ସି. ପ୍ରତାପସିଂହ, ଶୈଳେନ୍ଦ୍ର ମୁଖୀ, ଗୌତମ ଆଚାର୍ଯ୍ୟ, ମନୋଜ ସ୍ୱାଇଁ, ବିଶ୍ୱକଲ୍ୟାଣ ଦାସ, ସହଦେବ ବରାଳ ପ୍ରମୁଖ ପୀଡ଼ିତ ପରିବାର ନିକଟରେ ପହଞ୍ଚି କମ୍ବଳ, ଶାଢ଼ୀ, ଲୁଙ୍ଗି, ଗାମୁଛା ଆଦି ସହିତ ଚୁଡ଼ା, ଗୁଡ଼, ବିସ୍କୁଟ ଆଦି ଖାଦ୍ୟ ସାମଗ୍ରୀ ପ୍ରଦାନ କରିଥିଲେ ।

# ବିଭିନ୍ନ ଦାବି ନେଇ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଘେରିଲେ ଅଙ୍ଗନୱାଡି କର୍ମୀ




**ବରଗଡ଼, ନ୍ୟୁଜ୍ ବ୍ୟୁରୋ**

ବଜାର ଦର ଅନୁସାରେ ଅଣ୍ଡା ଦର ବୃଦ୍ଧି କରିବା ନଚେତ୍ ସରକାର ନିଜେ ଅଣ୍ଡା ଯୋଗାଇଦେବା, ଉନ୍ନତମାନର ମୋବାଇଲ୍ ଦେବା, ଚାରି ଶ୍ରମ ଆଇନ୍‌କୁ କାର୍ଯ୍ୟକାରୀ କରି ସମାନ କାମକୁ ସମାନ ଦରମା, ଶ୍ରମିକର ମାନ୍ୟତା, ସାମାଜିକ ନିରାପତ୍ତା ଯୋଜନାରେ ସାମିଲ, ଭାରତୀୟ ଜାତୀୟ ସମ୍ମିଳନୀରେ ହୋଇଥିବା ନିଷ୍ପତ୍ତି ଅନୁସାରେ ୨୬ ହଜାର ଟଙ୍କା ପ୍ରଦାନ କରାଯିବା, ୧୦୦ ଶତକଡା ପଦୋନ୍ନତ ଦେବା, ଅତିରିକ୍ତ କାର୍ଯ୍ୟ ସବୁ ବନ୍ଦ କରାଯାଇ କେବଳ ଆଇସିଡ଼ିଏସ୍ କାମକୁ ଅଗ୍ରାଧିକାର ଦିଆଯିବା, ଗାଆଁ କଲ୍ୟାଣ ସମିତିରୁ କର୍ମୀଙ୍କୁ ବାଦ ଦେବା ପ୍ରଭୃତି ଦାବି ନେଇ ବରଗଡ଼ ଜିଲ୍ଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ପଶ୍ଚିମ ଓଡ଼ିଶା ଅଙ୍ଗନବାଡି କର୍ମୀ ଓ ସହାୟିକା ସଂଘ ନେତୃତ୍ୱରେ ବିଶାଳ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା । ବିକ୍ଷୋଭ ପ୍ରଦର୍ଶନକାରୀ ଅଙ୍ଗନବାଡି କର୍ମୀ ଓ ସହାୟିକାମାନେ ବରଗଡ଼ର ସ୍ଥାନୀୟ ଅଗ୍ରଗାମୀ ଯୁବକ ସଂଘ ସମ୍ମୁଖରୁ ଏକ ବିଶାଳ ଶୋଭାଯାତ୍ରାରେ ବାହାରି ସହର ପରିକ୍ରମା କରି ଜିଲ୍ଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚି ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ପଶ୍ଚିମ ଓଡ଼ିଶା ଅଙ୍ଗନବାଡି କର୍ମୀ ଓ ସହାୟିକା ସଂଘ ଆବାହକ ପ୍ରଶାନ୍ତ ପାଢୀ, ଯୁଗ୍ମ ଆବାହକ ବାଳକୃଷ୍ଣ ଭୋଇ, ସାଧାରଣ ସମ୍ପାଦକ ପ୍ରଭାସିନୀ ପାଢୀ, ଜିଲ୍ଲା ସଭାନେତ୍ରୀ ରୁକ୍ମିଣୀ ଜୁଆଡି ଓ ଜିଲ୍ଲା ସମ୍ପାଦିକା ନୀତମ୍ବିନୀ ଦାଶଙ୍କ ନେତୃତ୍ୱରେ ଅନୁଷ୍ଠିତ ରାଲି ଓ ବିକ୍ଷୋଭ ପ୍ରଦର୍ଶନରେ ସରସ୍ୱତୀ ପଞ୍ଚ ବିହାର, ବିଳାସିନି ମହାପାତ୍ର, ସାଧବୀ ବିଶ୍ୱାଳ, ଅହଲ୍ୟା ପଣ୍ଡା, କଲ୍ୟାଣୀ ମେହେର, ବ୍ରଜେଶ୍ୱରୀ ସିଂହ, ଶୋଭା କାନ୍ତି ମିଶ୍ର, ବେବୀ ଭୋଇ, ଭାରତୀ ଚୌହାନ, ମୀନା ମିଶ୍ର ସମେତ ଶତାଧିକ ଅଙ୍ଗନବାଡି କର୍ମୀ ଓ ସହାୟିକା ଉପସ୍ଥିତ ଥିଲେ । ଅତିରିକ୍ତ ଜିଲ୍ଲାପାଳ ମଧୁଛନ୍ଦା ସାହୁ ବିକ୍ଷୋଭ ସ୍ଥଳକୁ ଆସି ଦାବିପତ୍ର ଗ୍ରହଣ କରିଥିଲେ । ସମସ୍ୟାର ସମାଧାନ କରାନଗଲେ ବ୍ୟାପକ ଆନ୍ଦୋଳନ କରାଯିବ ବୋଲି କର୍ମକର୍ତ୍ତା ମାନେ ସୂଚୀତ କରିଥିଲେ । ସୁରକ୍ଷା ଦୃଷ୍ଟିରୁ ବ୍ୟାପକ ପୋଲିସ ନିୟୋଜିତ ହୋଇଥିଲେ ।

# ବିଶ୍ୱକର୍ମାମାନେ ସାମାଜିକ ବାସନ୍ଦ ବ୍ୟାଧିର ଶିକାର

**ବ୍ରହ୍ମପୁର, ନ୍ୟୁଜ୍ ବ୍ୟୁରୋ**

ପୋଲସରା ବ୍ଲକ ଅନ୍ତର୍ଗତ ଆଠଗଡ଼ ତାଲୁକା ପୋଲସରା ମୁଠା ବିଶ୍ୱକର୍ମା ସମାଜର ବନ୍ଧୁ ମିଳନ ଓ ସାଙ୍ଗଠନିକ ସାଧାରଣ ସଭା ବ୍ଲକ ସନ୍ନିକଟ କଲ୍ୟାଣ ମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି । ପ୍ରଥମରେ କୁଳଦେବତା ଭଗବାନ ବିଶ୍ୱକର୍ମାଙ୍କ ନିକଟରେ ବିଭିନ୍ନ ତାଲୁକାରୁ ଆସିଥିବା ରାଜଶ୍ରୀ ମାନଙ୍କ ସହ ଗଞ୍ଜାମ ଜିଲ୍ଲା ବିଶ୍ୱକର୍ମା ସମାଜର ସଭାପତି ଏବଂ ମହୁରୀ ତାଲୁକା ସଭାପତି ମିଳିତ ଭାବରେ ପ୍ରଦୀପ ପ୍ରଜ୍ୱଳନ କରିଥିଲେ । କାହ୍ନୁଚରଣ ମହାପାତ୍ର ପୂଜାବିଧି କରିବା ସହ ବେଦମନ୍ତ୍ର ପାଠ କରିଥିଲେ । ନାରାୟଣ ମହାରଣା ସ୍ୱାଗତ ସଙ୍ଗୀତ ଗାନ କରିଥିଲେ । ଥପବିତ୍ରା ଏବଂ ବିଶାଖା ମହାରଣା ଓଡ଼ିଶୀ ନୃତ୍ୟ ପରିବେଷଣ କରି ସଭା ମଞ୍ଚକୁ ମୁଗ୍ଧ କରି ରଖିଥିଲେ । ଚଉତିରିଶି ତାଲୁକାର ରାଜଶ୍ରୀ ଅଧ୍ୟକ୍ଷ ପ୍ରଫୁଲ୍ଲ ମହାରଣା ସଭାପତି ଆସନ ଅଳଙ୍କୃତ କରିଥିଲା ବେଳେ ଗଞ୍ଜାମ ଜିଲ୍ଲା ବିଶ୍ୱକର୍ମା ସମାଜର ସଭାପତି ଆଜୟ



କୁମାର ମହାରଣା ମୁଖ୍ୟ ଅତିଥି ଭାବରେ ଆସନ ଅଳଙ୍କୃତ କରିଥିଲେ ଏବଂ ମହୁରୀ ତାଲୁକା ସଭାପତି ତ୍ରିପତି ମହାରଣା ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ । ରାଜଶ୍ରୀ ସଭାପତି କୃଷ୍ଣ ମହାରଣା ସମ୍ମାନୀତ ଆସନ ଗ୍ରହଣ କରିଥିଲେ ଏବଂ ବିଭିନ୍ନ ତାଲୁକାରୁ ଆସିଥିବା ସମୂହ ରାଜଶ୍ରୀ ମାନଙ୍କୁ ଉପଢୌକନ ପ୍ରଦାନ ପ୍ରଦାନ ପୂର୍ବକ ସମ୍ମାନିତ ଆସନରେ ଆସିନ କରାଯାଇଥିଲା । ଆଠଗଡ଼ ତାଲୁକା ପୋଲସରା ମୁଠା ସଭାପତି ରାଜେନ୍ଦ୍ର ପ୍ରସାଦ ମହାରଣା ପ୍ରାରମ୍ଭିକ ଭାଷଣରେ ପୋଲସରା ମୁଠା ବିଶ୍ୱକର୍ମା ସମାଜର ସାଧାରଣ ବିଶ୍ୱକର୍ମା ଭାଇମାନେ କିଭଳି ସାମାଜିକ ବାସନ୍ଦ ବ୍ୟାଧିର ଶିକାର ହେଉଛନ୍ତି ଏବଂ ବଢେଇ କୁଳର ଜେନୈକ ସଭାପତି ଏବଂ ସମ୍ପାଦକ ଶୁଦ୍ଧି, ଅଶୁଦ୍ଧି କାର୍ଯ୍ୟ ଏବଂ ବିବାହ ଭଳି ଶୁଭ କାର୍ଯ୍ୟରେ ବଢ଼େଇ କୁଳର ଫର୍ମ ଓ ରସିଦ ନେବା ନିମନ୍ତେ ବାଧ କରିବା ସହ ଫର୍ମ ନନେଲେ ଭୋଜି ଭାତରେ ବିଘ୍ନ ଘଟାଇଥାଆନ୍ତି । ଏଣୁ ଏହାର ବିଧିବଦ୍ଧ ତଦନ୍ତ କରି ସାମାଜିକ କୁସଂସ୍କାରକୁ ବିଶ୍ୱକର୍ମା ସମାଜରୁ ହଟାଇବା ନିମନ୍ତେ ରାଜଶ୍ରୀ, ସଭାପତି ଏବଂ ବିଭିନ୍ନ ତାଲୁକାର କର୍ମକର୍ତ୍ତା ମାନଙ୍କୁ ଅନୁରୋଧ କରିଥିଲେ ।

# ପ୍ରସ୍ତାବିତ ଜମିରେ ନିର୍ମାଣ ହେବ ଅଟଳ ବସ୍ ଟର୍ମିନାଲ୍:ବିଜେପି

**ବାରିପଦା, ନ୍ୟୁଜ୍ ବ୍ୟୁରୋ**

ବାରିପଦା ସ୍ଥିତ ବିଜେପି ଜିଲ୍ଲା କାର୍ଯ୍ୟାଳୟ ଠାରେ ଏକ ସାମ୍ବାଦିକ ସମ୍ମିଳନୀ । ବାରିପଦାରେ ହେବାକୁଥିବା ଅଟଳ ବସ୍ ଟର୍ମିନାଲ୍ ଜମିରେ ଗଛ କଟାକୁ ନେଇ ବିବାଦ ବଢୁଥିବା ବେଳେ ସ୍ପଷ୍ଟିକରଣ ରଖିଛି ବିଜେପି । ପାଖାପାଖି ୫ ଏକର ଜମିରେ ୧୦୦ କୋଟି ଟଙ୍କାର ବ୍ୟୟ ବରାଦରେ ହେବାକୁଥିବା ଅଟଳ ବସ୍ ଟର୍ମିନାଲ୍ ଉତ୍ତର ଓଡ଼ିଶାର ଏକ ବିମାନ ବନ୍ଦର ସଦୃଶ୍ୟ ଅତ୍ୟାଧୁନିକ ବସ୍ ଷ୍ଟାଣ୍ଡ ହେବ । ଏଥିରେ ସମସ୍ତ ପ୍ରକାର ସୁବିଧା ଉପଲବ୍ଧ ରହିବ । ହେଲେ ଉକ୍ତ ଜମି ଟିର ସମସ୍ତ ବିଭାଗରୁ ଫିଜିବୁଲିଟି ରିପୋର୍ଟ ମିଳିସାରିଥିବା ବେଳେ ଏଥିରେ ଥିବା ୧୭୮୯ଟି ଗଛ କଟାଯିବାର ଦର୍ଶାଯାଇଛି । ଯାହାକୁ ନେଇ ବିଭିନ୍ନ ସଙ୍ଗଠନ ଓ ଦଳ ପକ୍ଷରୁ ବିରୋଧ କରାଯାଉଥିବା ବେଳେ ନଗର ଉନ୍ନୟନ ବିଭାଗ ପକ୍ଷରୁ ୫୬ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ନୂଆ ଜଙ୍ଗଲ ସୃଷ୍ଟି କରିବା ପାଇଁ ବନ ବିଭାଗ ପାଖରେ ଟଙ୍କା ଜମା କରାଯାଇଛି । ତେଣୁ ପ୍ରସ୍ତାବିତ ଜାଗାରେ ବସ୍ ଷ୍ଟାଣ୍ଡ କରାଗଲେ କାହାର କୌଣସି କ୍ଷତି ହେବନାହିଁ ଏବଂ ଏହି ମହତ୍ୱାକାଂକ୍ଷୀ ଯୋଜନାକୁ ସମସ୍ତେ ସହଯୋଗ କରିବା ଉଚିତ୍ ବୋଲି ବିଜେପି ପକ୍ଷରୁ କୁହାଯାଇଛି । ଏନେଇ ଭୁବନେଶ୍ୱରରେ ମନ୍ତ୍ରୀ ଡାଃ କୃଷ୍ଣଚନ୍ଦ୍ର ମହାପାତ୍ର ପ୍ରେସ୍ ବିବୃତିରେ ସମସ୍ତ ସୂଚନା ଦେଇସାରିଛନ୍ତି । ତେବେ ଏହି ସାମ୍ବାଦିକ ସମ୍ମିଳନୀରେ ବିଜେପି ଅନୁସୂଚିତ ଜନଜାତି ମୋର୍ଚ୍ଚା ରାଜ୍ୟ ସଭାପତି କାନ୍ଦ୍ରା ସୋରେନ, ବାରିପଦା ବିଧାୟକ ପ୍ରକାଶ ସୋରେନ, ବିଜେପି ଜିଲ୍ଲା ସଭାପତି ନିହାର ରଞ୍ଜନ ମୋହାନ୍ତଙ୍କ ସହ ଅନେକ ବରିଷ୍ଠ କର୍ମକର୍ତ୍ତା ଉପସ୍ଥିତ ଥିଲେ ।




# କୃଷକ ସଶକ୍ତିକରଣକୁ ସୁଦୃଢ଼ କରିବାରେ ଚୌଧୁରୀ ଚରଣ ସିଂହଙ୍କ ଅବଦାନ ଅତୁଳନୀୟ

**କଟକ, ନ୍ୟୁଜ୍ ବ୍ୟୁରୋ**

ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ଚୌଧୁରୀ ଚରଣ ସିଂହଙ୍କ ଜନ୍ମବାର୍ଷିକୀରେ, ICAR-କେନ୍ଦ୍ରୀୟ ଧାନ ଗବେଷଣା ଅନୁଷ୍ଠାନ, କଟକ, ଡିସେମ୍ବର ୨୩, ୨୦୨୫ରେ ପ୍ରତିଷ୍ଠାନ ପରିସରରେ କିଷାନ ସମ୍ମାନ ଦିବସ ସ୍ୱଚ୍ଛତା ପଖୱାଡ଼ା-୨୦୨୫ ଅଧୀନରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ଓଡ଼ିଶାର କଟକ ଜିଲ୍ଲାରୁ ପ୍ରାୟ ୧୦୫ ଜଣ ଚାଷୀ ଏବଂ ମହିଳା ଚାଷୀ ସକ୍ରିୟ ଭାବରେ ଅଂଶଗ୍ରହଣ କରିଥିଲେ । ଯାହା କୃଷକ-କୈନ୍ଦ୍ରିକ ଗବେଷଣା ଏବଂ ପ୍ରସାର ପ୍ରତି ପ୍ରତିଷ୍ଠାନର ଦୃଢ଼ ପ୍ରତିବଦ୍ଧତାକୁ ପ୍ରତିଫଳିତ କରିଥାଏ । ଅନୁଷ୍ଠାନର ନିର୍ଦ୍ଦେଶକ ଡକ୍ଟର ଜି.ଏ.କେ. କୁମାର କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରି ତାଙ୍କ ପ୍ରାରମ୍ଭିକ ବକ୍ତବ୍ୟରେ କହିଥିଲେ ଯେ CRRI ଏହି ଅଞ୍ଚଳ ଏବଂ ଦେଶର କୃଷକ କଲ୍ୟାଣ ପାଇଁ ସମର୍ପିତ । ସମ୍ବାଦ-କନକ ନ୍ୟୁଜ୍, କଟକର




ସଂସ୍କରଣ ମୁଖ୍ୟ ଏବଂ ଡିଜିଏମ୍ କୃଷ୍ଣ ପ୍ରସାଦ ଦାସ, ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଯୋଗଦେଇଥିଲେ ଏବଂ କୃଷି ଏବଂ କୃଷକ ସଶକ୍ତିକରଣକୁ ସୁଦୃଢ଼ କରିବାରେ ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ଚୌଧୁରୀ ଚରଣ ସିଂହଙ୍କ ଅବଦାନ ଏବଂ ଆଦର୍ଶ ଉପରେ ଆଲୋକପାତ କରି ଏକ ପ୍ରେରଣାଦାୟକ ଭାଷଣ ଦେଇଥିଲେ । କେନ୍ଦ୍ର କୃଷି ମନ୍ତ୍ରୀ ଶିବରାଜ ସିଂହ ଚୌହାନ ଅନ୍‌ଲାଇନ୍ ମାଧ୍ୟମରେ ସମସ୍ତ କୃଷି ଅଂଶୀଦାରମାନଙ୍କୁ ସମ୍ବୋଧିତ କରିଥିଲେ । ସେ କୃଷି ଏବଂ ଆନୁଷଙ୍ଗିକ କ୍ଷେତ୍ରର ଚାଷୀ ଏବଂ ହିତାଧିକାରୀଙ୍କ ପାଇଁ ନୂତନ VB-G RAM ଏ ଆଇନ୍‌ର ସ୍ୱତନ୍ତ୍ର ବ୍ୟବସ୍ଥା ଏବଂ ଲାଭ ଉପରେ ଗୁରୁତ୍ୱାରୋପ କରିଥିଲେ । ଭାରତ କୃଷି ଏବଂ କୃଷକ କଲ୍ୟାଣ ରାଷ୍ଟ୍ରମନ୍ତ୍ରୀ ଭାଗୀରଥ ଚୌଧୁରୀ ମଧ ଏହି କାର୍ଯ୍ୟକ୍ରମରେ ICAR, KVK ଏବଂ SAUର ଚାଷୀ ଏବଂ ଅଧିକାରୀମାନଙ୍କୁ ସମ୍ବୋଧିତ କରିଥିଲେ । ଆୟୋଜନ କମିଟିର ସହ-ଅଧ୍ୟକ୍ଷ ଏବଂ ବରିଷ୍ଠ ବୈଜ୍ଞାନିକ ଡକ୍ଟର ପି.ସି. ଜେନା ସମସ୍ତ ବିଶିଷ୍ଟ ବ୍ୟକ୍ତି ଏବଂ ଅଂଶଗ୍ରହଣକାରୀଙ୍କୁ କାର୍ଯ୍ୟକ୍ରମରେ ସ୍ୱାଗତ କରିଥିଲେ । ସଂଗଠନ ସଚିବ ଏବଂ ବରିଷ୍ଠ ବୈଜ୍ଞାନିକ ଡକ୍ଟର ଅବଧେଶ କୁମାର କାର୍ଯ୍ୟକ୍ରମର ଏକ ସାରାଂଶ ଉପସ୍ଥାପନ କରିଥିଲେ ଏବଂ ମୁଖ୍ୟ ଅତିଥିଙ୍କ ପରିଚୟ କରାଇଥିଲେ । ଅନୁଷ୍ଠାନର ବୈଜ୍ଞାନିକ ମାନଙ୍କ ସହ ଏକ ପାରସ୍ପରିକ କୃଷକ-ବୈଜ୍ଞାନିକ ଆଲୋଚନା ଅଧିବେଶନ ଚାଷୀମାନଙ୍କୁ କ୍ଷେତ୍ରସ୍ତରୀୟ ସମସ୍ୟା ଏବଂ ପ୍ରଯୁକ୍ତିବିଦ୍ୟା ସମାଧାନ ବିଷୟରେ ଆଲୋଚନା କରିବା ପାଇଁ ଏକ ମଞ୍ଚ ପ୍ରଦାନ କରିଥିଲା । କାର୍ଯ୍ୟକ୍ରମର ଅଂଶ ସ୍ୱରୂପ, ପରିବେଶ ଅନୁକୂଳ କୀଟପତଙ୍ଗ ପରିଚାଳନା ପଦ୍ଧତିକୁ ପ୍ରୋତ୍ସାହିତ କରିବା ପାଇଁ ଚାଷୀ ଏବଂ ମହିଳା ଚାଷୀମାନଙ୍କୁ ଆଲୋକ ଯନ୍ତା ବଣ୍ଟନ କରାଯାଇଥିଲା । କାର୍ଯ୍ୟକ୍ରମଟି ବୈଜ୍ଞାନିକ ଏବଂ ସହ-ସଂଗଠନ ସଚିବ ଡକ୍ଟର ଗୌରବ କୁମାରଙ୍କ ଦ୍ୱାରା ସଂଯୋଜିତ ଏବଂ ବୈଜ୍ଞାନିକ ଡକ୍ଟର ରୂପକ ଜେନାଙ୍କ ଦ୍ୱାରା ପରିଚାଳିତ ହୋଇଥିଲା । ବରିଷ୍ଠ ବୈଷୟିକ ଅଧିକାରୀ ଚାନ୍ଦମୁନି ଟୁଡୁଙ୍କ ଦ୍ୱାରା ଆନୁଷ୍ଠାନିକ ଧନ୍ୟବାଦ ସହିତ କାର୍ଯ୍ୟକ୍ରମ ଶେଷ ହୋଇଥିଲା ।


**ଓଡ଼ିଶା ସରକାର** X-04

**ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, କୋରାପୁଟ**

File No. 2823/2025 **ଘୋଷଣା** Date:08/10/2025

ସର୍ବସାଧାରଣଙ୍କ ଅବଗତି ନିମନ୍ତେ, ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act, 2013)ର ଧାରା ୧୯ର ଅଧିନିୟମ ୧ ଅନୁଯାୟୀ ଏହି ଘୋଷଣାନାମା ଦିଆଯାଉଅଛି ଯେ ଉକ୍ତ ଆଇନର ଧାରା ୧୫ (୨) ଅନୁସାରେ ଜିଲ୍ଲାପାଳଙ୍କ ଦ୍ୱାରା ପ୍ରଦତ୍ତ ରିପୋର୍ଟକୁ ବିବେଚନା କରି ରାଜ୍ୟ ସରକାରଙ୍କୁ ଏହି ଆଇନର ଧାରା ୨(୧) ପ୍ରକାରେ ପ୍ରତୀତ ହେଉଅଛି ଯେ **ମୌଜା: ବାଗେରାଗୁଡା, ଥାନା: ବୈପାରିଗୁଡ଼ା, ତହସିଲ: ବୈପାରିଗୁଡା, ଜିଲ୍ଲା: କୋରାପୁଟ**ରେ ନିମ୍ନ ସୂଚିତ ‘କ’ ତଫସିଲ ଜମି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଯଥା: ଜୟପୁର-ମାଲକାନଗିରି ନୂତନ ଓସାରିଆ ରେଳ ସଂଯୋଗିକରଣ ପ୍ରକଳ୍ପ ନିମନ୍ତେ ଭୂମି ଅଧିଗ୍ରହଣ ଆବଶ୍ୟକ ହେଉଅଛି ।

ଏହି ଭୂମି ଅଗ୍ରହଣ ସମ୍ବନ୍ଧୀୟ ପ୍ରାରମ୍ଭିକ ବିଜ୍ଞପ୍ତି ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act, 2013)ର ଧାରା ୧୧(୧) ଅନୁଯାୟୀ ବିଜ୍ଞପ୍ତି ସଂଖ୍ୟା ୨୯୯/୨୦୨୨, ତା:୧୧.୦୫.୨୦୨୨ରିଖରେ ପ୍ରକାଶିତ ହୋଇଅଛି ଏବଂ ଏହାର ବୈଧତା ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ବିଜ୍ଞପ୍ତି ସଂଖ୍ୟା-୨୮୮୧୨/୨୫, ତାରିଖ- ୦୨.୦୮.୨୦୨୫ ଅନୁଯାୟୀ ତା୩୧.୧୨.୨୦୨୫ରିଖ ପର୍ଯ୍ୟନ୍ତ ବର୍ଦ୍ଧିତ ହୋଇଅଛି ।

ପୁନଶ୍ଚ ଏହା ଘୋଷଣା କରାଯାଉଅଛି ଯେ **ମୌଜା: ବାଗେରାଗୁଡା, ଥାନା: ବୈପାରିଗୁଡା, ତହସିଲ: ବୈପାରିଗୁଡା, ଜିଲ୍ଲା: କୋରାପୁଟ**ର ଜୟପୁର-ମାଲକାନଗିରି ନୂତନ ଓସାରିଆ ରେଳ ସଂଯୋଗିକରଣ ପ୍ରକଳ୍ପ ନିମନ୍ତେ କୌଣସି ବିସ୍ଥାପିତ ପରିବାର ନଥିବାରୁ ପୁନର୍ବାସ ଓ ଥଇଥାନ ନିମନ୍ତେ କୌଣସି ଜମି ଚିହ୍ନଟ ଓ ପୁନର୍ବାସ ଓ ଥଇଥାନ ଯୋଜନା ରୂପରେଖର ସାରମର୍ମ ସଂଲଗ୍ନ କରାଯାଇନାହିଁ । ଏହା ମଧ ଜିଲ୍ଲା ୱେବସାଇଟ (www.koraput.odisha.gov.in)ରେ ସର୍ବସାଧାରଣଙ୍କ ଅବଲୋକନ ପାଇଁ ଅପଲୋଡ଼ କରାଯାଇଅଛି ।

ତଫସିଲ-କ

**ଜିଲ୍ଲା: କୋରାପୁଟ** (ପ୍ରସ୍ତାବିତ ଭୂମି ଅଗ୍ରହଣ ଅନୁସୁଚି) **ତହସିଲ: ବୈପାରିଗୁଡ଼ା**

| ଗ୍ରାମର ନାମ | ଗ୍ରାମାଞ୍ଚଳ/ସହରାଞ୍ଚଳ | ଖାତା ନଂ | ପ୍ଲଟ ନଂ | କିସମ | ପ୍ଲଟର ମୋଟ ରକବା | ଅଧିଗ୍ରହଣ ହବାକୁ ଥିବା ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ବାଗେରାଗୁଡା | ଗ୍ରାମାଞ୍ଚଳ | ଅଧିଗ୍ରହଣ ହବାକୁ ଥିବା ଜମିର ସମ୍ପୂର୍ଣ୍ଣ ବିବରଣୀ ଏଥିସହ ସଂଲଗ୍ନ କରାଗଲା | | | | | |

ତଫସିଲ-ଖ

**ଜିଲ୍ଲା: କୋରାପୁଟ** (ପୁନର୍ବାସ ନିମିତ୍ତ ଚିହ୍ନଟ ଭୂମି ଅନୁସୁଚି) **ତହସିଲ: ବୈପାରିଗୁଡା**

| ଗ୍ରାମର ନାମ | ଗ୍ରାମାଞ୍ଚଳ/ସହରାଞ୍ଚଳ | ଖାତା ନଂ | ପ୍ଲଟ ନଂ | କିସମ | ପ୍ଲଟର ମୋଟ ରକବା | ଅଧିଗ୍ରହଣ ହବାକୁ ଥିବା ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ପ୍ରଯୁଜ୍ୟ ନୁହେଁ | | | | | | | |

ଅଧିସୂଚନା ବୈଧ ତାରିଖ:୩୧.୧୨.୨୦୨୫

ରାଜ୍ୟପାଳଙ୍କ ଆଦେଶକ୍ରମେ
ଜିଲ୍ଲାପାଳ, କୋରାପୁଟ

ଭୂମି ଅନୁସୂଚୀ

ମୌଜା: ବାଗେରାଗୁଡା, ଥାନା- ବୈପାରିଗୁଡା ନଂ-୯୮, ତହସିଲ- ବୈପାରିଗୁଡା, ଜିଲ୍ଲା- କୋରାପୁଟ
ଜୟପୁର- ମାଲକାନଗିରି ନୂତନ ଓସାରିଆ ରେଳପଥ ପ୍ରକଳ୍ପ, ଜୟପୁର ନିର୍ମାଣ ନିମନ୍ତେ

| ଖାତା ନଂ | ସତ୍ୱ | ପ୍ଲଟ ନଂ | ମୋଟ ରକବା (ଏକର) | ଅଧିଗ୍ରହଣ ରକବା (ଏକର) | କିସମ | ରୟତଙ୍କ ନାମ |
|---|---|---|---|---|---|---|
| ୪ | ରୟତି | ୧୭୬ | ୧.୭୫୪ | ୦.୦୭୫ | ଡଙ୍ଗର | ଘନ ମାଝି, ହରି ମାଝି, ସୁନ୍ଦରୀ ମାଝି, ପି-ପିତବାସ ମାଝି, ନିଳା ମାଝି, ସ୍ୱା-ପିତବାସ ମାଝି, ସୀତା ମାଝି, ପି-ବଳରାମ ମାଝି, ପୁରିଆ ମାଝି, ସମାରି ମାଝି, ଗୌରୀ ମାଝି, ସନି ମାଝି, ପି-ମୁକୁନ୍ଦ ମାଝି, ଜା-ଭୂମିଆ, ବା-ନିଜଗାଁ |
| ୪ | ରୟତି | ୧୮୬ | ୦.୬୬୭ | ୦.୨୯୫ | ଡଙ୍ଗର | |
| ୫ | ରୟତି | ୧୫୫ | ୧.୬୮୦ | ୦.୦୮୩ | ଧାନ ଅଣ ଜଳସେଚିତ ଦୁଇ | ଘନ ମାଝି, ହରି ମାଝି, ସୁନ୍ଦରୀ ମାଝି, ପି-ପିତବାସ ମାଝି, ନିଳା ମାଝି, ସ୍ୱା-ପିତବାସ ମାଝି, ସୀତା ମାଝି, ପି-ବଳରାମ ମାଝି, ପୁରିଆ ମାଝି, ସମାରି ମାଝି, ଗୌରୀ ମାଝି, ସନି ମାଝି, ପି-ମୁକୁନ୍ଦ ମାଝି, ଜା-ଭୂମିଆ, ବା-ନିଜଗାଁ ଲଳିତ ମାଝି, ପି-ସନୁ ମାଝି, କମଳା ମାଝି, ସ୍ୱା-ସନୁ ମାଝି, ଜା-ଭୂମିଆ, ବା-ନିଜଗାଁ |
| ୮ | ରୟତି | ୧୯୩ | ୦.୭୨୪ | ୦.୬୨୫ | ଡଙ୍ଗର | ରଘୁନାଥ ମାଝି, ମାନସି ମାଝି, ଜଗନ୍ନାଥ ମାଝି, ଗୋବରୁ ମାଝି, ପି-ଡମ୍ବରୁ ମାଝି, ଜା-ଭମିଆ, ବା-ଗୌଡଗୁଡା |
| ୧୦ | ରୟତି | ୧୬୦ | ୦.୫୯୩ | ୦.୩୮୬ | ଡଙ୍ଗର | ଲଳିତ ମାଝି, ପି-ସନୁ ମାଝି, କମଳା ମାଝି, ସ୍ୱା-ସନୁ ମାଝି, ଜା-ଭୂମିଆ, ବା-ନିଜଗାଁ |
| ୧୦ | ରୟତି | ୧୬୫ | ୦.୪୫୭ | ୦.୩୦୪ | ଡଙ୍ଗର | |
| ୧୦ | ରୟତି | ୧୭୮ | ୧.୯୭୭ | ୧.୮୪୦ | ଡଙ୍ଗର | |
| ୧୦ | ରୟତି | ୧୮୮ | ୦.୦୫୭ | ୦.୦୪୬ | ଡଙ୍ଗର | |
| ୧୦ | ରୟତି | ୧୮୯ | ୦.୮୬୫ | ୦.୭୯୫ | ଡଙ୍ଗର | |
| ୧୧ | ରୟତି | ୧୭୭ | ୦.୮୬୫ | ୦.୧୯୨ | ଡଙ୍ଗର | ସନ୍ୟାସୀ ମାଝୀ, ବିଶ୍ୱନାଥ ମାଝୀ, ପଦଲାମ ମାଝୀ, ଲବ ମାଝୀ, ସୁକୁରା ମାଝୀ, ଜାନକି ମାଝୀ, ସମାରି ମାଝୀ, ପି-ସୁନା ମାଝୀ, ମନୁ ମାଝୀ, କାନ୍ତ ମାଝୀ, ଗୋପି ମାଝୀ, ଦୁପୁଣ ମାଝୀ, ପି-ଦଶରଥ ମାଝୀ, ଗୁନ ମାଝୀ, ସ୍ୱା-ଦଶରଥ ମାଝୀ, ଦଇତାରୀ ମାଝୀ, ପି-ରାମା ମାଝୀ, ଜା-ଭମିଆ, ବା-ନିଜାଗାଁ |
| | | ମୋଟ | | ୪.୬୪୧ | | |

ଗୋଚର ପରିବର୍ତ୍ତନ ନିମନ୍ତେ ବେସରକାରୀ ଜମି

| | | | | | | |
|---|---|---|---|---|---|---|
| ୧୦ | ରୟତି | ୧୮୩ | ୧.୫୨୦ | ୧.୦୪୦ | ଡଙ୍ଗର | ଲଳିତ ମାଝି, ପି-ସନୁ ମାଝି, କମଳା, ମାଝି, ସ୍ୱା-ସନୁ ମାଝି, ଜା-ଭମିଆ, ବା-ଗୌଡଗୁଡା |
| ମୋଟ | | | | ୧.୦୪୦ | | |

ଅଧିଗ୍ରହଣ ନିମନ୍ତେ ମୋଟ୍ ବ୍ୟକ୍ତିଗତ ଜମି

| | |
|---|---|
| ରେଳପଥ ପ୍ରକଳ୍ପ ନିମନ୍ତେ ବ୍ୟକ୍ତିଗତ ଜମି | ୪.୬୪୧ |
| ଗୋଚର ପରିବର୍ତ୍ତନ ନିମନ୍ତେ ବେସରକାରୀ ଜମି | ୧.୦୪୦ |
| ମୋଟ୍ | ୫.୬୮୧ |

OIPR-24385/14/0011/2526

31 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୨୬ ଡିସେମ୍ବର ୨୦୨୫ ଶୁକ୍ରବାର





## ମିଛ ବିଲ୍ କରି ସରକାରୀ ଅର୍ଥ ଆତ୍ମସାତ୍ ମାମଲା

# ପୂର୍ବତନ ଜମି ଅଧିଗ୍ରହଣ ଅଧିକାରୀଙ୍କ ସମେତ ୫ ଜଣଙ୍କୁ ୩ ବର୍ଷ କାରାଦଣ୍ଡ

**ବାରିପଦା, ନ୍ୟୁଜ୍ ବ୍ୟୁରୋ**

ବାରିପଦା ସ୍ଥିତ ସତନ୍ତ୍ର ଦୁର୍ନୀତି ନିବାରଣ କୋର୍ଟ ପକ୍ଷରୁ ସରକାରୀ ଅର୍ଥ ଆତ୍ମସାତ୍ କରିବା ମାମଲାରେ ବୁଧବାର ରାୟ ପ୍ରକାଶ ପାଇଛି। ସ୍ୱତନ୍ତ୍ର ବିଚାରପତି ପୂର୍ଣ୍ଣିମା ଜେନା ଏହାର ବିଚାର କରି ପୂର୍ବତନ ଜମି ଅଧିଗ୍ରହଣ ଅଧିକାରୀ ସମେତ ୫ଜଣ ବ୍ୟାଙ୍କ ଅଧିକାରୀଙ୍କୁ ଦୋଷୀ ସାବ୍ୟସ୍ତ କରି ସମସ୍ତଙ୍କୁ ୩ ବର୍ଷ କାରାଦଣ୍ଡାଦେଶ ପ୍ରଦାନ କରିଛନ୍ତି। ଏହା ସହିତ ୫୦ ହଜାର ଟଙ୍କା ଲେଖାଏଁ ଜରିମାନା କରିଥିବା ବେଳେ ଜରିମାନା ଅନାଦେୟ ଅଧିକ ୩ ମାସ ଅଧିକ କାରାଦଣ୍ଡ ଭୋଗିବାକୁ ପଡିବ ବୋଲି ରାୟରେ ଉଲ୍ଲେଖ ରହିଛି। ଅଭିଯୁକ୍ତମାନେ ହେଲେ ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପର ପୂର୍ବତନ ସ୍ୱତନ୍ତ୍ର ଜମି ଅଧିଗ୍ରହଣ ଅଧିକାରୀ ଗୌରାଙ୍ଗ ଚରଣ ମହାନ୍ତି, ବ୍ୟାଙ୍କ ଅଫ୍ ଇଣ୍ଡିଆର ଏନ୍‌ଓୟୁ ଶାଖାର ପୂର୍ବତନ ଶାଖା ପରିଚାଳକ ଅଖଣ୍ଡଳ ପ୍ରସାଦ ମହାନ୍ତି, ପୂର୍ବତନ ବ୍ୟାଙ୍କ କର୍ମଚାରୀ ପୁରୁଷୋତ୍ତମ ମହାନ୍ତି, ପୂର୍ବତନ ବ୍ୟାଙ୍କ କିରାଣୀ ସୁଦାମ ଚନ୍ଦ୍ର ସାହୁ ଏବଂ ପୂର୍ବତନ ମୁଖ୍ୟ କ୍ୟାସିୟର ଶାନ୍ତନୁ କୁମାର କର। ସୂଚନା ଅନୁଯାୟୀ, ସେ ଜମି ଅଧିଗ୍ରହଣ ମାମଲାରେ ମିଛ କାଗଜପତ୍ର ଦେଇ ୩୭,୦୮,୭୦୮ ଟଙ୍କା ଆତ୍ମସାତ୍ କରିଥିଲେ। କୌଣସି ସରକାରୀ ନିୟମ ଅନୁପାଳନ ନକରି ଟଙ୍କା ଉଠାଣ ହୋଇଥିଲା। ଏନେଇ ଅଭିଯୋଗକ୍ରମେ ସମସ୍ତଙ୍କ ନାମରେ ଭିଜିଲାନ୍ସ ବିଭାଗରେ ମାମଲା ହୋଇ ତଦନ୍ତ ଆରମ୍ଭ ହୋଇଥିଲା। ତଦନ୍ତ ବେଳେ ତ୍ରୁଟି ଧରାପଡିଥିବା ବେଳେ ଭିଜିଲାନ୍ସ ବିଭାଗ ଗିରଫ କରି କୋର୍ଟ ଚାଲାଣ କରିଥିଲେ। ବୟାନ ଓ ଭିଜିଲାନ୍ସର ତଦନ୍ତ ରିପୋର୍ଟକୁ ଭିତ୍ତି କରି ଜଜ୍ ଉପରୋକ୍ତ ଶୁଣାଣି କରିଛନ୍ତି। ତେବେ ସମସ୍ତେ ଚାକିରୀରୁ ଅବସର ଗ୍ରହଣ କରିଥିବା ବେଳେ ପେନ୍‌ସନ୍ ଟଙ୍କା ବନ୍ଦ କରିବାକୁ ରାଜ୍ୟ ସରକାରଙ୍କୁ ଭିଜିଲାନ୍ସ ବିଭାଗ ପତ୍ର ଯୋଗେ ସୂଚିତ କରିଛନ୍ତି। ଉକ୍ତ ମାମଲାକୁ ଭିଜିଲାନ୍ସ କୋର୍ଟର ସତନ୍ତ୍ର ସରକାରୀ ଆଇନଜୀବୀ ଦୀପକ କୁମାର ସେଠୀ ପରିଚାଳନା କରୁଥିଲେ।

## ଓଡ଼ିଶା ହାଇକୋର୍ଟଙ୍କ ଶୀତ ଅବକାଶ ଆରମ୍ଭ

**କଟକ, ନ୍ୟୁଜ୍ ବ୍ୟୁରୋ**

ଓଡ଼ିଶା ହାଇକୋର୍ଟଙ୍କ ପକ୍ଷରୁ ଡିସେମ୍ବର ୨୫ ତାରିଖରୁ ଶୀତକାଳୀନ ଛୁଟି ଘୋଷଣା କରାଯାଇଛି। ଫଳରେ ବୁଧବାର ନିୟମିତ କୋର୍ଟ ଅଧିବେଶନର ଶେଷ କାର୍ଯ୍ୟ ଦିବସ ରହିଛି। ୫ ଜାନୁଆରୀ ୨୦୨୬ ସୋମବାର ଠାରୁ କୋର୍ଟ ପୂର୍ଣ୍ଣାଙ୍ଗ ଭାବରେ କାର୍ଯ୍ୟ ଆରମ୍ଭ କରିବେ। ଜାରି ହୋଇଥିବା ଏକ ବିଜ୍ଞପ୍ତିରେ, ହାଇକୋର୍ଟ ୨ ଜାନୁଆରୀ ୨୦୨୬ (ଶୁକ୍ରବାର)କୁ ଏକ ସ୍ୱତନ୍ତ୍ର ଛୁଟିଦିନ ଭାବରେ ଘୋଷଣା କରିଛନ୍ତି। ଏହା ବଦଳରେ କୋର୍ଟ ୬ ମାର୍ଚ୍ଚ ୨୦୨୬ ଶନିବାର ଦିନ କାର୍ଯ୍ୟ କରିବେ। ବିଜ୍ଞପ୍ତି ଅନୁସାରେ, ଏକ ଛୁଟିଦିନ ବେଞ୍ଚ ୩୦ ଡିସେମ୍ବର ୨୦୨୫ରେ କାର୍ଯ୍ୟ କରିବେ। ୩୦ ଡିସେମ୍ବର ୨୦୨୫ରେ ଜଷ୍ଟିସ୍ ସାବିତ୍ରୀ ରଥ ଏବଂ ଜଷ୍ଟିସ୍ ଏମ୍‌ଏସ୍ ରମଣଙ୍କୁ ନେଇ ଏକ ଛୁଟିଦିନ ଖଣ୍ଡପୀଠ କାର୍ଯ୍ୟ କରିବେ। ଖଣ୍ଡପୀଠ ବିଭିନ୍ନ ମାମଲାର ଶୁଣାଣି କରିବେ। ଏହା ସହିତ, ଜଷ୍ଟିସ୍ ସାବିତ୍ରୀ ରଥ, ଜଷ୍ଟିସ୍ ଆଦିତ୍ୟ କୁମାର ମହାପାତ୍ର ଏବଂ ଜଷ୍ଟିସ୍ ଏମ୍‌ଏସ୍ ରମଣ ମାମଲାଗୁଡ଼ିକର ସମାଧାନ ପାଇଁ ପୃଥକ୍ ଏକକ ଖଣ୍ଡପୀଠରେ ବସିବେ। କୋର୍ଟଙ୍କର ପ୍ରଶାସନିକ କାର୍ଯ୍ୟାଳୟ ଡିସେମ୍ବର ୨୬ ରୁ ୩୧ ପର୍ଯ୍ୟନ୍ତ ପୂର୍ବାହ୍ନ ୧୧:୦୦ରୁ ଅପରାହ୍ନ ୩:୦୦ ପର୍ଯ୍ୟନ୍ତ କାର୍ଯ୍ୟକ୍ଷମ ରହିବ। ନୂତନ ମାମଲା ପାଇଁ କମ୍ପ୍ୟୁଟର ଫାଇଲିଂ କାଉଣ୍ଟର କାର୍ଯ୍ୟ ଦିବସରେ ପୂର୍ବାହ୍ନ ୧୧:୦୦ ରୁ ମଧ୍ୟାହ୍ନ ୧୨:୦୦ ପର୍ଯ୍ୟନ୍ତ ଖୋଲା ରହିବ। ଜରୁରୀକାଳୀନ ମାମଲା ପାଇଁ, ଆଇନଜୀବୀମାନେ ୨୯ ଡିସେମ୍ବର ୨୦୨୫ ପୂର୍ବାହ୍ନ ୧୧:୦୦ରୁ ମଧ୍ୟାହ୍ନ ୧୨:୦୦ ମଧ୍ୟରେ ଡେପୁଟି ରେଜିଷ୍ଟ୍ରାର (ନ୍ୟାୟିକ) କାର୍ଯ୍ୟାଳୟରେ ଡ୍ରପ୍ ବାକ୍ସରେ ମେମୋ ଦାଖଲ କରିପାରିବେ।

# କଟକରେ ହେବନି ବାମସେଫ୍‌ର ଅଧିବେଶନ:ହାଇକୋର୍ଟ




**କଟକ, ନ୍ୟୁଜ୍ ବ୍ୟୁରୋ**

ବାଲିଯାତ୍ରା ପଡିଆରେ ହେବାକୁ ଥିବା ବାମସେଫ ସଂଗଠନର ରାଷ୍ଟ୍ରୀୟ ଅଧିବେଶନ ଆୟୋଜନକୁ ଅଦାଲତି ଝଟ୍‌କା। କଟକ ଜିଲ୍ଲାପାଳ ଓ ଡିସିପିଙ୍କ ନିର୍ଦ୍ଦେଶ ଉପରେ ଅନ୍ତରୀଣ ଅଙ୍କୁଶ ଲଗାଇବାକୁ ମନା କଲେ ହାଇକୋର୍ଟ। ଏଭଳି ସମାବେଶ ଦ୍ୱାରା ସାମାଜିକ ସଦ୍‌ଭାବ କ୍ଷୁର୍ଣ୍ଣ ହେବାର ଆଶଙ୍କା ଥିବା ନେଇ ରାଜ୍ୟ ସରକାରଙ୍କ ପକ୍ଷରୁ ଯୁକ୍ତି ରଖିଥିଲେ ଆଡ୍‌ଭୋକେଟ୍ ଜେନେରାଲ। ଯାହାକୁ ହାଇକୋର୍ଟ ଗ୍ରହଣ କରିବା ସହ ଅନ୍ତରୀଣ ରହିତାଦେଶ ଦେବାକୁ ମନା କରିଦେଇଛନ୍ତି। ଆସନ୍ତା ୨୬ ତାରିଖରୁ ୩୦ ତାରିଖ ଯାଏ ୫ ଦିନିଆ ବାମସେଫ ସଂଗଠନ ପକ୍ଷରୁ ବାଲିଯାତ୍ରା ପଡିଆରେ ରାଷ୍ଟ୍ରୀୟ ଅଧିବେଶନ ହେବାରଥିଲା। ଏନେଇ ସମସ୍ତ ପ୍ରକାର ପ୍ରଶାସନିକ ଅନୁମତି ମଧ୍ୟ ମିଳିସାରିଥିଲା। କିନ୍ତୁ ଭୁଲ୍ ତଥ୍ୟ ଦେଇ ଆୟୋଜକ ଅନୁମତି ନେଇଛନ୍ତି ବୋଲି ପୋଲିସ ପକ୍ଷରୁ କୁହାଯାଇଛି। ଏହାକୁ ଆଧାର କରି ସମାବେଶ ପାଇଁ ମିଳିଥିବା ଅନୁମତି ପ୍ରତ୍ୟାହାର କରିନେଇଥିଲା ପ୍ରଶାସନ। ଯାହାକୁ ଚ୍ୟାଲେଞ୍ଜ କରି ଆୟୋଜକ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ।

# ସଠିକ୍ ସମନ୍ୱୟ ମାଧ୍ୟମରେ ଜିଲ୍ଲା ପ୍ରଗତି ପାଇଁ କାର୍ଯ୍ୟ କରିବାକୁ ଜିଲ୍ଲାପାଳଙ୍କ ପରାମର୍ଶ

**କେନ୍ଦୁଝର, ନ୍ୟୁଜ୍**



କେନ୍ଦୁଝର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ଦରବାର ହଲ୍ ଠାରେ ଷଷ୍ଠ ଜିଲ୍ଲା ପରିଷଦର ନବମ ଅଧିବେଶନ ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି। ଏହି ଗୁରୁତ୍ୱପୂର୍ଣ୍ଣ ବୈଠକରେ ଜିଲ୍ଲା ପରିଷଦ ଅଧ୍ୟକ୍ଷା ସାଗରିକା ସାହୁ ଅଧ୍ୟକ୍ଷତା କରିଥିବାବେଳେ କେନ୍ଦୁଝର ସାଂସଦ ଅନନ୍ତ ନାୟକ, ଘଷିପୁରା ବିଧାୟକ ବଦ୍ରିନାରାୟଣ ପାତ୍ର, ଚମ୍ପୁଆ ବିଧାୟକ ସନାତନ ମହାକୁଡ଼, ପାଟଣା ବିଧାୟକ ଅଖିଳ ଚନ୍ଦ୍ର ନାଏକ, ଆନନ୍ଦପୁର ବିଧାୟକ ଅଭିମନ୍ୟୁ ସେଠୀ, ଜିଲ୍ଲା ପରିଷଦର ଉପାଧ୍ୟକ୍ଷ ସୋମନାଥ ଦାସ, ମୁଖ୍ୟମନ୍ତ୍ରୀଙ୍କ ପ୍ରତିନିଧି ଅନୁବ୍ରତ ବେହେରା ଏବଂ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ କୁମାର ନାଗାଭୂଷଣ ଉପସ୍ଥିତ ରହି ବିଭିନ୍ନ ବିକାଶମୂଳକ କାର୍ଯ୍ୟର ସମୀକ୍ଷା କରିଥିଲେ। ପୂର୍ବ ବୈଠକର ବିବରଣୀ ଉପରେ ଆଲୋକପାତ କରାଯାଇ ସଭା ଆରମ୍ଭ କରାଯାଇଥିବା ବେଳେ ପରେ ପରେ ଖଣି ଅଧିକାରୀ ଜିଲ୍ଲାର ଖଣି କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। ପରେ ପରେ ବୈଠକରେ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ବିଷୟରେ ଆଲୋଚନା କରାଯାଇ ସେଗୁଡିକ ଅନୁମୋଦନ କରାଯାଇଥିଲା। ପରିବେଶ ସୁରକ୍ଷା ପାଇଁ ମନରେଗା ଯୋଜନାରେ ବୃକ୍ଷରୋପଣ ଲକ୍ଷ୍ୟ ରଖାଯାଇଛି। ବୈତରଣୀ ନଦୀ କୂଳରେ ୧୦୦୦ ଚାରା ଏବଂ ସହରୀ ନବୀକରଣ ଯୋଜନାରେ ୭୦୦୦ ବୃକ୍ଷରୋପଣ କରାଯାଇଛି। ଏଥିସହ ଜିଲ୍ଲାର ୪ଟି ପ୍ରମୁଖ ନଦୀର ଜଳ ଗୁଣବତ୍ତା ନିୟମିତ ପରୀକ୍ଷଣ କରାଯାଉଛି। ପୂର୍ତ୍ତ ଓ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ଚଳିତ ଆର୍ଥିକ ବର୍ଷରେ ୩୨.୦୧ କୋଟି ଟଙ୍କାର ଅନୁଦାନ ବିନିଯୋଗ କରାଯାଇଛି। ଘଟଗାଁ ଅଞ୍ଚଳରେ ୫ଟି ପ୍ରକଳ୍ପ ପାଇଁ ୧୦.୩୭ କୋଟି ଟଙ୍କାର ପ୍ରଶାସନିକ ଅନୁମୋଦନ ମିଳିଛି। ବାଂଶପାଳ ଓ ଅନ୍ୟ ୭ଟି ବ୍ଲକରେ ଜନଜାତିଙ୍କ ଜୀବନଧାରଣର ମାନ ବୃଦ୍ଧି ପାଇଁ ପିଏମ୍-ଜନମନ ଓ ମୁଖ୍ୟମନ୍ତ୍ରୀ ଜନଜାତି ଜୀବିକା ମିଶନ ଭଳି ଯୋଜନା କାର୍ଯ୍ୟକାରୀ ହେଉଛି। ସ୍ୱାସ୍ଥ୍ୟ କ୍ଷେତ୍ରରେ ମାତୃ ମୃତ୍ୟୁହାର ରୋକିବା ପାଇଁ ଅପହଞ୍ଚ ଅଞ୍ଚଳରେ 'ବାଇକ୍ ଆମ୍ବୁଲାନ୍ସ' ସେବାକୁ ଗୁରୁତ୍ୱ ଦିଆଯାଇଛି। ଜିଲ୍ଲାର ୧୧ଟି ଘରୋଇ ଚିକିତ୍ସାଳୟ ଆୟୁଷ୍ମାନ ଭାରତ ଓ ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନାରେ ଅନ୍ତର୍ଭୁକ୍ତ ହୋଇଛନ୍ତି। ଶିକ୍ଷା କ୍ଷେତ୍ରରେ ୧୩ଟି ବ୍ଲକରେ ୧୩ଟି ଆଦର୍ଶ ବିଦ୍ୟାଳୟ କାର୍ଯ୍ୟକ୍ଷମ ହୋଇଥିବା ବେଳେ ୨୬୩୭ଟି ବିଦ୍ୟାଳୟର ୨,୧୫,୪୪୬ ଜଣ ଛାତ୍ରଛାତ୍ରୀଙ୍କୁ ମଧ୍ୟାହ୍ନ ଭୋଜନ ସୁବିଧା ଯୋଗାଇ ଦିଆଯାଉଛି। ୫ଟି ନୂତନ 'ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ'କୁ ମଧ୍ୟ ମଞ୍ଜୁରୀ ପ୍ରଦାନ କରାଯାଇଛି। ପରିଶେଷରେ ଜିଲ୍ଲାର ପ୍ରଗତି ପାଇଁ ସମସ୍ତ ବିଭାଗ ସମନ୍ୱୟ ରକ୍ଷା କରି କାର୍ଯ୍ୟ କରିବାକୁ ଜିଲ୍ଲାପାଳ ପରାମର୍ଶ ଦେଇଥିଲେ।

## ସାଂସ୍କୃତିକ ଶୋଭାଯାତ୍ରା ସହ ଧୁମଧାମରେ ଶୁଭାରମ୍ଭ ହେଲା ବିଶ୍ୱପ୍ରସିଦ୍ଧ ବରଗଡ଼ ଧନୁଯାତ୍ରା




**ବରଗଡ଼, ନ୍ୟୁଜ୍ ବ୍ୟୁରୋ**

ବିଶ୍ୱର ସର୍ବବୃହତ ଖୋଲା ରଙ୍ଗମଞ୍ଚ ଭାବେ ପରିଚିତ ବରଗଡ଼ ଧନୁଯାତ୍ରା ମହୋତ୍ସବ ଏହିବର୍ଷ ଏକ ଭବ୍ୟ ଓ ବର୍ଣ୍ଣାଢ୍ୟ ସାଂସ୍କୃତିକ ଶୋଭାଯାତ୍ରା ସହ ଆଧିକାରିକ ଭାବେ ଶୁଭାରମ୍ଭ ହୋଇଛି। ଧନୁଯାତ୍ରାର ଐତିହ୍ୟ, ପରମ୍ପରା ଓ ଲୋକସଂସ୍କୃତିକୁ ଉଜାଗର କରିଥିବା ଏହି ଶୋଭାଯାତ୍ରା ସହରକୁ ଉତ୍ସବମୁଖର କରିଥିଲା। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବରଗଡ଼ ଜିଲ୍ଲାପାଳ ଆଦିତ୍ୟ ଗୋୟଲ, ସମ୍ମାନୀୟ ଅତିଥି ଭାବେ ବରଗଡ଼ ବିଧାୟକ ଅଶ୍ୱିନୀ କୁମାର ଷଡ଼ଙ୍ଗୀ, ଭଟଲି ବିଧାୟକ ଇରାସିସ ଆଚାର୍ଯ୍ୟ, ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ପ୍ରହଲ୍ଲାଦ ସହାୟ ମୀନା ପ୍ରମୁଖ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ମହେନ୍ଦ୍ର ମହାପାତ୍ର ଓ ମଧୁଛନ୍ଦା ସାହୁ, ଧନୁଯାତ୍ରା ମହୋତ୍ସବ ସମିତିର ସମ୍ପାଦକ ସୁରେଶ୍ୱର ଶତପଥୀ, ବରଗଡ଼ ପୌରପରଷଦର ଅଧ୍ୟକ୍ଷା କଳ୍ପନା ମାଝୀ, ସୂଚନା ଓ ଲୋକ ସମ୍ପର୍କ ବିଭାଗର ଯୁଗ୍ମ ନିର୍ଦ୍ଦେଶକ (ଉତ୍ତରାଞ୍ଚଳ) କଲ୍ୟାଣୀ ଦାସ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ, ପ୍ରହଲ୍ଲାଦ ଖୋସ୍ଲା ଓ ଅନ୍ୟ ଜିଲ୍ଲାସ୍ତରୀୟ ଅଧିକାରୀ ବୃନ୍ଦ ଉପସ୍ଥିତ ଥିଲେ। ଗାନ୍ଧୀ ଛକରୁ ଅପରାହ୍ନ ୨ଟାରେ ଆରମ୍ଭ ହୋଇଥିବା ଏହି ଶୋଭାଯାତ୍ରା ସହର ପରିକ୍ରମା କରି ସମଲେଶ୍ୱରୀ ମନ୍ଦିର ପର୍ଯ୍ୟନ୍ତ ପହଞ୍ଚିଥିଲା। ଶୋଭାଯାତ୍ରାରେ ରାଜ୍ୟ ଭିତରୁ ଓ ରାଜ୍ୟ ବାହାରୁ ମୋଟ୍ ୨୨ଟି ସାଂସ୍କୃତିକ ଦଳ ଅଂଶଗ୍ରହଣ କରିଥିଲେ। ବିଭିନ୍ନ ପାରମ୍ପରିକ ନୃତ୍ୟ, ଲୋକଗୀତ ଓ ରଙ୍ଗୀନ ପୋଷାକରେ ସଜ୍ଜିତ କଳାକାରମାନଙ୍କ ପ୍ରଦର୍ଶନ ଶୋଭାଯାତ୍ରାକୁ ଅତ୍ୟନ୍ତ ଆକର୍ଷଣୀୟ କରିଥିଲା। ରାଜ୍ୟ ବାହାରୁ ଆସିଥିବା ଛତିଶଗଡ଼ର "ମା' ସମଲେଶ୍ୱରୀ କର୍ମା ଡାନ୍ସ ଗ୍ରୁପ୍", "ପାନ୍ଥି ଡାନ୍ସ ଗ୍ରୁପ୍" ଏବଂ କୋଲକାତାର "ଫ୍ରକ୍ ଡାନ୍ସ ଗ୍ରୁପ୍"ର ପ୍ରଦର୍ଶନୀ ଦର୍ଶକମାନଙ୍କ ମଧ୍ୟରେ ବିଶେଷ ଆକର୍ଷଣ ସୃଷ୍ଟି କରିଥିଲା। ଏହି ସାଂସ୍କୃତିକ ଶୋଭାଯାତ୍ରାର ସଫଳ ଆୟୋଜନ ଧନୁଯାତ୍ରା ପ୍ରଚାର–ପ୍ରସାର କମିଟିର ସହଯୋଗରେ କରାଯାଇଥିଲା। ସମଗ୍ର କାର୍ଯ୍ୟକ୍ରମକୁ ଶାନ୍ତିଶୃଙ୍ଖଳାର ସହିତ ସମ୍ପନ୍ନ କରିବା ପାଇଁ ପ୍ରଶାସନ ଓ ପୋଲିସ ବିଭାଗର ସକ୍ରିୟ ସହଯୋଗ ଉଲ୍ଲେଖନୀୟ ଥିଲା।

## ମହିଳାଙ୍କ ବେକରୁ ସୁନାଚେନ୍ ଲୁଟ୍

**ଚୌଦ୍ୱାର, ନ୍ୟୁଜ୍ ବ୍ୟୁରୋ**

ଦୀର୍ଘ ଦିନର ବ୍ୟବଧାନ ପରେ ଚୌଦ୍ୱାର ଅଞ୍ଚଳରେ ପୁଣି କଳା ପଲସର୍ ଆତଙ୍କ ଆରମ୍ଭ ହୋଇଛି। ବୁଧବାର ସକାଳେ ଏକ କଳା ପଲସର୍‌ରେ ଆସି ଦୁର୍ବୃତ୍ତମାନେ ଜଣେ ମହିଳାଙ୍କ ବେକରୁ ସୁନାଚେନ୍ ଟାଣିନେଇ ଫେରାର୍ ହୋଇଯାଇଥିବା ଚୌଦ୍ୱାର ଥାନାରେ ଅଭିଯୋଗ ହୋଇଛି। ମିଳିଥିବା ସୂଚନା ଅନୁଯାୟୀ ଚୌଦ୍ୱାର ପୌରପାଳିକା ଅନ୍ତର୍ଗତ କପାଳେଶ୍ୱରରେ ରହୁଥିବା ସରସ୍ୱତୀ ସାହୁ ନାମ୍ନି ଜଣେ ମହିଳା ସକାଳେ ଘର ବାହାରେ ଲୁଗା ଶୁଖାଉଥିବା ବେଳେ ଏକ କଳା ପଲସର୍ ଗାଡ଼ିରେ ୨ ଜଣ ଦୁର୍ବୃତ୍ତ ଆସି ହଠାତ୍ ତାଙ୍କ ବେକରୁ ସୁନାଚେନ୍ ଟାଣିନେଇ ଚମ୍ପଟ୍ ମାରିଥିଲେ। ଦୁର୍ବୃତ୍ତମାନଙ୍କ ମଧ୍ୟରୁ ଜଣେ ହେଲ୍‌ମେଟ୍ ପିନ୍ଧିଥିବାବେଳେ ଅନ୍ୟ ଜଣକ ମଙ୍କି କ୍ୟାପ୍ ଲଗାଇଥିବାରୁ ସେମାନଙ୍କୁ ଚିହ୍ନିବା ସମ୍ଭବ ହୋଇପାରିନଥିବା ପୀଡ଼ିତା ମହିଳା ଜଣକ ପ୍ରକାଶ କରିଛନ୍ତି। ଅଭିଯୋଗପାଇ ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି।



## ଆୟକର ଫ୍ରେଣ୍ଡସ୍ ସୋସାଇଟି ପରିଚାଳନା ସମିତିର ସ୍ୱତନ୍ତ୍ର ବୈଠକ

**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ସରକାରଙ୍କ ଦ୍ୱାରା ପଞ୍ଜୀକୃତ ଆୟକର ଫ୍ରେଣ୍ଡସ୍ ସୋସାଇଟିର ପରିଚାଳନା କମିଟିର ସ୍ୱତନ୍ତ୍ର ବୈଠକ ଭୁବନେଶ୍ୱର ରାଜସ୍ୱ ବିହାର ସ୍ଥିତ ଆୟକର ଭବନ ଆନେକ୍ସିରେ ଥିବା ସୋସାଇଟି କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଏହି ଅଧିବେଶନରେ ସଭାପତିତ୍ୱ କରିଥିଲେ ସଂଗଠନର ସଭାପତି ଶରତ ଦାଶ। ସମ୍ପାଦକ ରାଧାଶ୍ୟାମ ଗିରି ସଭା ପରିଚାଳନାରେ ସହାୟତା କରିଥିଲେ। ବରିଷ୍ଠ କାର୍ଯ୍ୟକାରିଣୀ ସଦସ୍ୟ ବ୍ରଜେନ୍ଦ୍ରନାଥ ମହାନ୍ତି ଅଧିନିୟମ ପରିବର୍ତ୍ତନର ଅନ୍ତିମ ଚିଠା ଉପସ୍ଥାପନା କରିଥଲେ। ସାମାନ୍ୟ ପରିବର୍ତ୍ତନ ସହିତ ଓ ବିଶଦ ଆଲୋଚନା ପରେ ଏହି ଚିଠା ସର୍ବସମ୍ମତିକ୍ରମେ ଅନୁମୋଦିତ ହୋଇଥିଲା। ଏହି ବୈଠକରେ ସଂଗଠନର ବାର୍ଷିକ ମିଳନ ସମାରୋହ ଆଗାମୀ ଜାନୁଆରୀ ୧୧ ତାରିଖରେ ନଖରା ନିକଟସ୍ଥ ଲୁଲୁଙ୍କ କୃଷିଉଦ୍ୟାନରେ କରିବାକୁ ନିଷ୍ପତ୍ତି ନିଆଯାଇଥିଲା। ବୈଠକରେ ଯୋଗଦେଇଥିବା ବରିଷ୍ଠ ସଭ୍ୟମାନେ ହେଲେ ସର୍ବଶ୍ରୀ ରବୀନ୍ଦ୍ରନାଥ ମହାନ୍ତି, ଦୁର୍ଗା ପ୍ରସାଦ ଆଚାର୍ଯ୍ୟ,, ଚିତ୍ତରଞ୍ଜନ ପଟ୍ଟନାୟକ, ବିଦ୍ୟାଧର ସାହୁ, ଏମ୍‌କେ ସାଇ, ଲଳିତ କୁମାର ପଣ୍ଡା, ଶଶିକାନ୍ତ ବେହେରା, ସୁଶାନ୍ତ କୁମାର ପଟ୍ଟନାୟକ, ତ୍ରିଲୋଚନ ମଲ୍ଲିକ, ରଘୁନାଥ ଦାସ, ମଙ୍ଗରାଜ ସେଠୀ ଓ ନାରାୟଣ ଦାସ।

## ।।।।।।।।।।।।।। କର୍ମଚାରୀ ଓ ଅଧିକାରୀମାନଙ୍କୁ ପରାମର୍ଶ ।।।।।।।।।।।।।।

# ଲୋକେ ସରକାରଙ୍କ କଲ୍ୟାଣକାରୀ ଯୋଜନାର ସୁଫଳ ପାଆନ୍ତୁ

**ଜଗତସିଂହପୁର, ନ୍ୟୁଜ୍ ବ୍ୟୁରୋ**




ସରକାରଙ୍କର ଲକ୍ଷ୍ୟ ତଥା ଉଦ୍ଦେଶ୍ୟ ସରକାର ଓ ପ୍ରଶାସନ ଗ୍ରାମରେ ପହଞ୍ଚିବା ଓ ସାଧାରଣ ଲୋକଙ୍କ ସମସ୍ୟା ସମାଧାନ କରିବା। ବିଭିନ୍ନ ଜନ କଲ୍ୟାଣକାରୀ ଯୋଜନା ଗୁଡିକ ଲୋକଙ୍କ ହିତରେ ଲାଗିବା ସହ ଏହାର ସୁଫଳ ଯେପରି ସମସ୍ତେ ପାଇବେ ସେଥିପାଇଁ ସଚେତନତା ସୃଷ୍ଟି ବ୍ୟବସ୍ଥା କରାଯାଇଛି। ଏହି ଉଦ୍ଦେଶ୍ୟରେ 'ପ୍ରଶାସନ ଗାଁଓ କି ଓର୍' ବା ପ୍ରଶାସନ ଗ୍ରାମ ଅଭିମୁଖେ କାର୍ଯ୍ୟକ୍ରମ ଅନ୍ତର୍ଗତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ସଦ୍‌ଭାବନା ସଭାଗୃହ ଠାରେ ଏକ ଦିବସୀୟ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ଜେ ସୋନାଲଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସେବା ନିବୃତ୍ତ ଭାରତୀୟ ପ୍ରାଶାସନିକ ଅଧିକାରୀ ତଥା ଜଗତସିଂହପୁର ଜିଲ୍ଲାର ପୂର୍ବତନ ଜିଲ୍ଲାପାଳ ନାରାୟଣ ଚନ୍ଦ୍ର ଜେନା ମୁଖ୍ୟ ଅତିଥି ଭାବେ ଯୋଗଦେଇ ସମସ୍ତ ଜିଲ୍ଲା ତଥା କ୍ଷେତ୍ରିୟ ଅଧିକାରୀମାନଙ୍କୁ ପ୍ରଶାସନିକ ବ୍ୟବସ୍ଥାରେ ଜନସାଧାରଣ ଉପକୃତ ହେବା, ସରକାରଙ୍କ କଲ୍ୟାଣକାରୀ ଯୋଜନାର ସୁଫଳ ପାଇବା ନିମନ୍ତେ ପଦକ୍ଷେପ ଆଦି ସଂପର୍କ ନିଜ ଅଭିଜ୍ଞତାରୁ ଉପଦେଶ ଦେଇଥିଲେ। ଜିଲ୍ଲାପାଳ ଜେ ସୋନାଲ ଅଧ୍ୟକ୍ଷତା ପ୍ରଶାସନିକ ବ୍ୟବସ୍ଥାରେ ସ୍ୱଚ୍ଛତାର ସହ ତୃଣମୂଳ ସ୍ତରରେ ସରକାରଙ୍କ ଯୋଜନା ପହଞ୍ଚାଇବାକୁ କହିଥିଲେ। ଅତିରିକ୍ତ ଜିଲ୍ଲାପାଳ ଜ୍ୟୋତି ଶଙ୍କର ରାୟ କହିଥିଲେ ଯେ ଜନ ଅଭିଯୋଗ ଶୁଣାଣି ମାଧ୍ୟମରେ ଜନସାଧାରଣଙ୍କ ଆପତ୍ତି ଅଭିଯୋଗ ର ଶୁଣାଣି କରାଯାଉଛି। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲାପାଳ ସମ୍ବିତ କୁମାର ରାଉତ, ଉପ ଜିଲ୍ଲାପାଳ ପ୍ରଶାନ୍ତ କୁମାର ତରାଇ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ସତ୍ୟବ୍ରତ ଦାଶ ପ୍ରମୁଖ ମଞ୍ଚାସିନ ଥିଲେ। ପ୍ରକାଶ ଥାଉକି, ଚଳିତ ମାସ ୧୯ ତାରିଖରୁ ୨୫ ତାରିଖ ପର୍ଯ୍ୟନ୍ତ ଭାରତ ସରକାରଙ୍କ ତରଫରୁ ସୁଶାସନ ସପ୍ତାହ ଭାବେ ପାଳନ କରାଯାଉଛି। ଏହି ଉପଲକ୍ଷେ ଅଧିକାରୀମାନେ ଜିଲ୍ଲାର ବିଭିନ୍ନ ପଞ୍ଚାୟତ ଗସ୍ତ କରି ହିତାଧିକାରୀଙ୍କ ସହ ଆଲୋଚନା ସହ ଉନ୍ନୟନ ମୂଳକ କାର୍ଯ୍ୟକ୍ରମ କରୁଛନ୍ତି। କର୍ମଶାଳାରେ ନିର୍ବାହୀ ଅଧିକାରୀ, ପାରାଦ୍ୱୀପ ପୌର ପରିଷଦ, ଜିଲ୍ଲା ଶିକ୍ଷା ଅଧିକାରୀ, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ, ଡେପୁଟି କଲେକ୍ଟର, ଗ୍ରିଭାନ୍ସ, ଏସ୍‌ଇ ଆରଡବ୍ଲୁଏସ୍‌ଏସ୍, ଏସ୍‌ଇ ମହାନଦୀ ସାଉଥ୍ ଡିଭିଜନ୍ ଓ ଅବକାରୀ ଅଧିକ୍ଷିକା ଗୁଡ଼ ଗଭରନାନସ୍ ପ୍ରାକ୍ଟିସ୍‌ରେ ନିଜ ବିଭାଗର ସଫଳତା ବିଷୟରେ ପାଓ୍ୱାର ପଏଣ୍ଟ ମାଧ୍ୟମରେ ବର୍ଣ୍ଣନା କରିଥିଲେ। ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ପ୍ରତିଚୀ ତନୟା ମହାନ୍ତି କାର୍ଯ୍ୟକ୍ରମ ସଂଯୋଜନା କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ। କର୍ମଶାଳାରେ ସମସ୍ତ ଜିଲ୍ଲା ସ୍ତରୀୟ ଅଧିକାରୀ, ନିର୍ବାହୀ ଅଧିକାରୀ, ବିଡ଼ିଓ, ତହସିଲଦାର, ଅଧିକ୍ଷଣ ଯନ୍ତ୍ରୀ ତଥା କର୍ମଚାରୀମାନେ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

## ଗଞ୍ଜାମ ସହରବାସୀଙ୍କୁ ମିଳିବ ସ୍ୱତନ୍ତ୍ର ଆମ୍ବୁଲାନ୍ସ ସେବା

**ଗଞ୍ଜାମ, ନ୍ୟୁଜ୍ ବ୍ୟୁରୋ**

ଗଞ୍ଜାମ ଏନ୍‌ଏସି ବାସିନ୍ଦାଙ୍କ ପାଇଁ ଶୁଭ ଖବର। ଖୁବ୍‌ଶୀଘ୍ର ସହରବାସୀଙ୍କୁ ମିଳିବ ସ୍ୱତନ୍ତ୍ର ଆମ୍ବୁଲାନ୍ସ। ନିଜ ଫଣ୍ଡରୁ ଆମ୍ବୁଲାନ୍ସ ପ୍ରଦାନ କରିବେ ବୋଲି ସୂଚନା ଦେଇଛନ୍ତି ଛତ୍ରପୁର ବିଧାୟକ କୃଷ୍ଣଚନ୍ଦ୍ର ନାୟକ। ଯାହା ଅଞ୍ଚଳବାସୀଙ୍କ ମଧ୍ୟରେ ଖୁସିର ଲହରୀ ଖେଳିଯାଇଛି। ଉକ୍ତ ଆମ୍ବୁଲାନ୍ସ ଦ୍ୱାରା ଗଞ୍ଜାମ ଏନ୍‌ଏସି ଜରୁରୀ କାଳୀନ ସମୟରେ ସମ୍ପୂର୍ଣ୍ଣ ହୋଇପାରିବ। ପୁଇଁତୋଳା ଗ୍ରାମ ନୃସିଂହ ପୂଜକଙ୍କ ବିୟୋଗରେ ଶ୍ମଶାନରେ ଶେଷ ଦର୍ଶନ ବେଳେ ସ୍ଥାନୀୟ ଅଞ୍ଚଳବାସୀଙ୍କ ସହ ଆଲୋଚନା କରିଥିଲେ ବିଧାୟକ। ପୁଇଁତୋଳା ଗ୍ରାମର ବାସିନ୍ଦାମାନେ ଶବ ଦାହା କରିବା ପାଇଁ ରଷୁକୂଲ୍ୟା ମୁହାଣ ନିକଟରେ ଅବସ୍ଥିତ ଶ୍ମଶାନକୁ ପ୍ରାୟ ଚାରି କିଲୋମିଟର ଦୁରକୁ ଯିବାକୁ ପଡୁଥିବାରୁ ବିଭିନ୍ନ ସମୟରେ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି। ଅନ୍ୟପଟେ ପୁରୀ ସ୍ୱର୍ଗଦ୍ୱାରକୁ ଯେଉଁମାନେ ଶବ ଦାହା କରିବାକୁ ଯିବାକୁ ଚାହିଁଲେ ମଧ୍ୟ ଏହି ଆମ୍ବୁଲାନ୍ସ ସୁବିଧା ପାଇବେ। ପୂର୍ବରୁ ଏନେଇ ନେଇ ବରିଷ୍ଠ ନାଗରିକ ପକ୍ଷରୁ ବିଧାୟକଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ସେମାନଙ୍କ ପାଇଁ ଆବଶ୍ୟକ ତେଲ ଖର୍ଚ୍ଚ ଦେଇ ନେଇପାରିବେ ବିଧାୟକ ସୂଚନା ଦେଇଛନ୍ତି। ଏହି ଆମ୍ବୁଲାନ୍ସର ରକ୍ଷଣ ବକ୍ଷଣା ଓ ଅନ୍ୟାନ୍ୟ ଅନୁସାଙ୍ଗିକ ବ୍ୟବସ୍ଥା ନେଇ ଗ୍ରାସୀମ ଇଣ୍ଡୋଷ୍ଟ୍ରିଜ ସହଯୋଗ କରିବ ବୋଲି ସେ କହିଛନ୍ତି। ସହରବାସୀ ବିଧାୟକ ନାୟକଙ୍କୁ ଭୂୟସୀ ପ୍ରଶଂସା କରିଛନ୍ତି।

## ଭଙ୍ଗା ହେଲା ବେଆଇନ୍ ଇଟାଭାଟି



**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

କେନ୍ଦ୍ରାପଡାରେ ବେଆଇନ୍ ଭାବେ ନିର୍ମାଣ ହେଉଥିବା ଇଟାଭାଟି ଗୁଡିକୁ ବିଭିନ୍ନ ସ୍ଥାନରେ ଭଙ୍ଗା ଚାଲୁଥିବା ବେଳେ କେନ୍ଦ୍ରାପଡା ତହସିଲଦାର କୁଇନି ଜେନା ଗରାପୁର କାଳୀ ମନ୍ଦିର ପଛପଟରେ ନିର୍ମାଣ ହୋଇଥିବା ବେଆଇନ୍ ଇଟାଭାଟିକୁ ଭାଙ୍ଗିଥିବା ଜଣାପଡିଛି। ପରିବେଶ ଦୂଷିତ ହେଉଥିବାରୁ ରାଜ୍ୟ ସରକାରଙ୍କ ଦ୍ୱାରା ଦୀର୍ଘ ବର୍ଷ ହେଲା ଇଟାଭାଟି ତିଆରି କରିବା ବେଆଇନ୍ ଥିବାବେଳେ ସ୍ଥାନୀୟ କେତେକ ଇଟାଭାଟି ମାଲିକ ଛତିଶଗଡରୁ ଶ୍ରମିକ ଆଣି ଏଠାରେ ନିୟମିତ ଭାବେ ଇଟାଭାଟି କରୁଥିବାର ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ ହେବାପରେ ଜିଲ୍ଲାପାଳ ରଘୁରାମ ଆର୍ ଆୟାର୍‌ଙ୍କ ନିର୍ଦ୍ଦେଶ ପରେ ତହସିଲଦାର ଇଟାଭାଟି ଗୁଡିକୁ ଭାଙ୍ଗି ଦେଇଛନ୍ତି।

## ଆଜିର ଭଲମନ୍ଦ



ଗଣକ-ପଣ୍ଡିତ ଶ୍ରୀ ଚନ୍ଦ୍ରଶେଖର ନନ୍ଦ
(ବହୁ ଗ୍ରନ୍ଥପ୍ରଣେତା ଓ ଏକାଧିକ ଓଡ଼ିଅଶ ପାଞ୍ଜି ଗଣନାକାର)
ମୋବାଇଲ୍-୯୩୩୭୬୯୩୦୨୨
csnastrology@gmail.com

ଉଦୟକାଳୀନ ଗ୍ରହଚକ୍ର




ସନ- ୧୪୩୩ ସାଲ, ଶକାବ୍ଦଃ- ୧୯୪୩, ସମ୍ବତ୍- ୨୦୮୧, ହିଜରୀ-୧୪୪୭, କଳିଯୁଗାବ୍ଦଃ- ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ- ଅ୬୯ଙ୍କ
**ତା୨୬।୧୨।୨୦୨୫, ପୌଷ ଦି୧୧ନ, ଶୁକ୍ରବାର**
**ସୂର୍ଯ୍ୟୋଦୟ- ଘ୬।୧୯।୧୮ ଚନ୍ଦ୍ରୋଦୟ- ଦିଘ୧୦।୪୦।୧୩**
**ଷଷ୍ଠୀ-** ଦିଘ୧।୪୪ ପର୍ଯ୍ୟନ୍ତ। **ଶତଭିଷା ନକ୍ଷତ୍ର-** ଦିଘ ୮।୫୯ ପର୍ଯ୍ୟନ୍ତ। **କୁମ୍ଭ ଚନ୍ଦ୍ର-** ରାଘ ୩।୦୯ ପର୍ଯ୍ୟନ୍ତ। **ଚନ୍ଦ୍ର ଶୁଦ୍ଧି-** ମେଷ, ବୃଷ, ସିଂହ, କନ୍ୟା, ତୁଳା, ଧନୁ, ମକର ଓ କୁମ୍ଭ ରାଶିର। ରାଘ ୩।୦୯ ଗତେ ବୃଷ, ମିଥୁନ, କର୍କଟ, କନ୍ୟା, ତୁଳା, ବିଛା, ମକର, କୁମ୍ଭ ଓ ମୀନ ରାଶିର। **ଘାତ ଚନ୍ଦ୍ର-** ମିଥୁନ ଓ ମୀନ ରାଶିର। ରାଘ ୩।୦୯ ଗତେ ଧନୁ ରାଶିର। **ଶ୍ରାଦ୍ଧ ନିର୍ଣ୍ଣୟ-** ଷଷ୍ଠୀର ଏକୋଦ୍ଦିଷ୍ଟ ଓ ସପ୍ତମୀର ପାର୍ବଣ ଶ୍ରାଦ୍ଧ। **ନିଷିଦ୍ଧ ଖାଦ୍ୟ-** ନିମ୍ବ ଦିଘ ୧।୪୪ ଗତେ ନଡ଼ିଆ ଖାଇବା ମନା। **ଆଜିର ଶୁଭବେଳା-** ପ୍ରାଘ ୬।୨୩ ଗତେ ଘ ୭।୦୬ ମଧ୍ୟେ। ଦିଘ ୧୨।୦୯ ଗତେ ଘ ୩।୦୨ ମଧ୍ୟେ। **ପର୍ବୋତ୍ସବ-** ଶରଣ ପଞ୍ଚକ ଶେଷ।



**ମେଷ:** ମନରେ ସରସତା ଆସିବ। କାର୍ଯ୍ୟପ୍ରାପ୍ତି। ଆୟରେ ଅଗ୍ରଗତି। ପରିବାରରେ ଆନନ୍ଦ ମିଳିବ। ଦୂରଯାତ୍ରା କରିବାକୁ ପଡିପାରେ। ବ୍ୟବସାୟିକ କ୍ଷେତ୍ରରେ ପ୍ରତିଦ୍ୱନ୍ଦ୍ୱିତା ଲାଗିପାରେ। ଦେହ ଓ ମନ ଭଲ ରହିବ।



**ବୃଷ:** ସୁଖ ସମ୍ମାନ ପାଇବେ। କାମ ଗୁଡିକ ସୁରୁଖୁରୁରେ ସମ୍ପାଦନ ହେବ। ସମାଜ ସେବା ପ୍ରତି ମନ ବଳାଇବେ। ପରିବହନ ସମସ୍ୟା ଦୂର ହେବ। ଆୟ ଓ ବ୍ୟୟ ସମାନ ରହିବ। ଗୃହେ ଆନନ୍ଦ ଦେଖାଦେବ।



**ମିଥୁନ:** ଆଜି ଦିନଟି ଭଲରେ କଟିବ ନାହିଁ। ଦୂରଯାତ୍ରା କରି ସତର୍କତା ଅବଲମ୍ବନ କରିବେ। ମାନହାନୀ ଓ ଧନହାନୀର ଆଶଙ୍କା। ଶୁଭ କାର୍ଯ୍ୟରେ ଯୋଗ ଦେବେ। ଘରେ କଳହ ସୃଷ୍ଟି।



**କର୍କଟ:** ପାରିବାରିକ ଅଶାନ୍ତି। ଖାଦ୍ୟପେୟରେ ଅନିୟମିତତା। ଏଣୁ ଦେହ କଷ୍ଟ ଭୋଗିବାର ସୂଚନା। ଆୟ ମଧ୍ୟମ ହେବ। ଗୃହ ସଜା ପ୍ରତି ଆଗ୍ରହ ବଢିପାରେ। ବ୍ୟବସାୟ ମଧ୍ୟମ ଧରଣର ହେବ।



**ସିଂହ:** କର୍ମକ୍ଷେତ୍ରରେ ସହଯୋଗୀଙ୍କ ସହଯୋଗ ବୃଦ୍ଧି ପାଇବ। ସହକର୍ମୀମାନଙ୍କ ସହଯୋଗରେ ଉନ୍ନତି। ଆଦର ସମ୍ମାନ ଲାଭ। ଆୟ ଠାରୁ ବ୍ୟୟର ପରିମାଣ ବଢିବ। ସତ କଥା କହି ବିରୋଧୀ ହେବାର ଆଶଙ୍କା।



**କନ୍ୟା:** ନିର୍ଭୟରେ ସବୁ କାମ କରି ଜୟଯୁକ୍ତ ହେବେ। ଶତ୍ରୁ ଆପେ ଆପେ ହାର ମାନିବେ। ଆୟ ଓ ବ୍ୟୟ ସମାନ ରହିବ। ସୁଖ ଭ୍ରମଣ ଯୋଗ ରହିଛି। ବନ୍ଧୁଙ୍କ ସହଯୋଗ ଲାଭ କରିବେ।



**ତୁଳା:** ଯାହା କରିବାର ଅଛି ବୁଝିବିଚାରି କରନ୍ତୁ। ଅନ୍ୟଥା ବିପଦ। ନୀରବ ଚିନ୍ତା ଆପଣଙ୍କ ପାଇଁ ଶ୍ରେୟସ୍କର। ରୋଜଗାର ମଧ୍ୟମ ହେବ। ଗୃହେ ବନ୍ଧୁ ମିଳନର ସୂଚନା। ଠକାମିରେ ପଡିପାରନ୍ତି। ମନ ଅସ୍ଥିର ରହିବ।



**ବିଛା:** କର୍ମକ୍ଷେତ୍ରରେ ଅଶାନ୍ତି। ପର ପାଇଁ ନିଜର ପରିଶ୍ରମ ବୃଦ୍ଧି। ଦୂରଯାତ୍ରା କରି ନିରାଶ ହେବେ। ପଥରୋଧ ଭଳି ପରିସ୍ଥିତି ସୃଷ୍ଟି ହେବ। ମାନସିକ ଅସ୍ଥିରତା ଦେଖାଦେବ। ଆୟ ତୁଳନାରେ ବ୍ୟୟର ପରିମାଣ ବଢିବ।



**ଧନୁ:** ପରିବାରରେ ଆନନ୍ଦ। ଭୋଜନେ ତୃପ୍ତି ଲାଭ ହେବ। କାର୍ଯ୍ୟକ୍ଷେତ୍ରରେ ଉତ୍ସାହିତ ହୋଇ ଉନ୍ନତି ସାଧନ କରିବେ। ସ୍ୱାସ୍ଥ୍ୟ ସମସ୍ୟା ଯୋଗୁ ମାନସିକ ସୁସ୍ଥତା ବ୍ୟାହତ ହେବାର ସୂଚନା। ମହିଳାମାନେ ଗର୍ବୀ ହେବେ।



**ମକର:** ବୁଝି ବିଚାରି କାର୍ଯ୍ୟକ୍ରମ ହାତକୁ ନେଲେ ଭଲ। ପରସ୍ପର ବୁଝାମଣା ଦ୍ୱାରା କାର୍ଯ୍ୟ ପ୍ରାପ୍ତି। ସୁପରାମର୍ଶ ଲାଭ କରିବେ। ଆୟ ଓ ବ୍ୟୟ ସମାନ ରହିବ। ପରିବାରରେ ଶାନ୍ତି ଅକ୍ଷୁର୍ଣ୍ଣ ରହିବ।



**କୁମ୍ଭ:** ବିଭିନ୍ନ ଦିଗରୁ ସୌଜନ୍ୟତା ଲାଭ କରିବେ। ଆଦର ସମ୍ମାନ ମିଳିବ। ସାର୍ବଜନୀନ କାର୍ଯ୍ୟ କରିପାରନ୍ତି। ଆୟ ଅପେକ୍ଷା ବ୍ୟୟ ବୃଦ୍ଧି। ଗୃହେ ଆନନ୍ଦ। ସହଯୋଗୀଙ୍କ ସହଯୋଗ ପ୍ରାପ୍ତ ହେବ। ମନ ଭଲ ରହିବ।



**ମୀନ:** ପ୍ରତ୍ୟେକ କାର୍ଯ୍ୟରେ ବାଧା ଆସିବ। ମନରେ ଅଶାନ୍ତି ଲାଗି ରହିବ। ବନ୍ଦିରେ ରହିବା ପରି ଅନୁଭବ କରିବେ। ସମ୍ମାନ ଲାଭ ହେବ। ରୋଜଗାରରେ ଉନ୍ନତି ହେବ। ପରିବାରରେ ଖୁସି ଲାଭ ହେବ।

## ଆଗାମୀ କାଲିର ପଞ୍ଜିକା

ସନ- ୧୪୩୩ ସାଲ, ଶକାବ୍ଦଃ- ୧୯୪୩, ସମ୍ବତ୍- ୨୦୮୧, ହିଜରୀ-୧୪୪୭, କଳିଯୁଗାବ୍ଦଃ- ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ- ଅ୬୯ଙ୍କ
**ତା୨୭।୧୨।୨୦୨୫, ପୌଷ ଦି୧୨ନ, ଶନିବାର**
**ସୂର୍ଯ୍ୟୋଦୟ- ଘ୬।୧୯।୪୫ ଚନ୍ଦ୍ରୋଦୟ- ଦିଘ୧୧।୧୫।୦୬**
**ସପ୍ତମୀ-** ଦିଘ୧।୧୦ ପର୍ଯ୍ୟନ୍ତ। **ପୂର୍ବଭାଦ୍ର ନକ୍ଷତ୍ର-** ଦିଘ ୯।୦୯ ପର୍ଯ୍ୟନ୍ତ। **ମୀନ ଚନ୍ଦ୍ର-** ଅହୋରାତ୍ର। **ଚନ୍ଦ୍ର ଶୁଦ୍ଧି-** ବୃଷ, ମିଥୁନ, କର୍କଟ, କନ୍ୟା, ତୁଳା, ବିଛା, ମକର, କୁମ୍ଭ ଓ ମୀନ ରାଶିର। **ଘାତ ଚନ୍ଦ୍ର-** ଧନୁ ରାଶିର। **ଶ୍ରାଦ୍ଧ ନିର୍ଣ୍ଣୟ-** ସପ୍ତମୀର ଏକୋଦ୍ଦିଷ୍ଟ ଓ ଅଷ୍ଟମୀର ପାର୍ବଣ ଶ୍ରାଦ୍ଧ। **ନିଷିଦ୍ଧ ଖାଦ୍ୟ-** ତାଳ ଦିଘ ୧।୧୦ ପରେ ନଡ଼ିଆ ଖାଇବା ମନା। **ଆଜିର ଶୁଭବେଳା-** ପ୍ରାଘ ୭।୫୦ ଗତେ ଦିଘ ୯।୦୬ ମଧ୍ୟେ। ଦିଘ ୨।୨୯ ଗତେ ଘ ୩।୦୨ ମଧ୍ୟେ।

ସମ୍ପାଦକୀୟ
31 YEARS
ସମ୍ବାଦ କଳିକା

# ନିବେଶ ପାଇଁ ନିରାପଦ ଆସେଟ୍ ସୁନା

ଭୂରାଜନୈତିକ ଅନିଶ୍ଚିତତା ମଧ୍ୟରେ ନିବେଶ ପାଇଁ ସବୁଠାରୁ ସ୍ଥିର ଏବଂ ନିରାପଦ ଆସେଟ୍ ଭାବେ ଏହାର ମାନ୍ୟତା ବଜାୟ ରଖିଛି ସୁନା । ଭାରତୀୟ ରିଜର୍ଭ ବ୍ୟାଙ୍କ(ଆରବିଆଇ) ପକ୍ଷରୁ ପ୍ରସ୍ତୁତ ଏକ ସର୍ଭେରୁ ଏହା ଜଣାପଡ଼ିଛି । ବିଶ୍ୱ ବଜାରରେ ଦେଖାଦେଇଥିବା ଝଟ୍‌କାରୁ ସବୁଠୁ ବିପଜ୍ଜନକ ନିବେଶ ଆସେଟ୍ ଭାବେ ଅଶୋଧିତ ତୈଳ ଉଭା ହୋଇଥିବା ରିପୋର୍ଟରେ ଉଲ୍ଲେଖ କରାଯାଇଛି । 'ଡିକୋଡିଂ ସେଫ୍ ଆସେଟ୍ ଭୋଲାଟାଇଲିଟି ଆମିଡ୍ ଜିଓପଲିଟିକାଲ ରିସ୍କସ ୟୁଜିଙ୍ଗ୍ ନ୍ୟୁରାଲ ନେଟ୍‌ୱର୍କସ' ନାମରେ ଏହି ସର୍ବେକ୍ଷଣରେ ପରିବର୍ତ୍ତିତ ଭୁ-ରାଜନୈତିକ ରିସ୍କ ମଧ୍ୟରେ ସୁନା, ରୁପା, ଅଶୋଧିତ ତୈଳ ଏବଂ ଆମେରିକା ଟ୍ରେଜେରି କେତେ ନିରାପଦ ତାହାର ସମୀକ୍ଷା କରାଯାଇଛି । ବିଶ୍ଳେଷଣରୁ ଜଣାପଡ଼ିଛି ଯେ, ରୁଷ-ୟୁକ୍ରେନ ଯୁଦ୍ଧ ସ୍ଥିତିରେ ସୁନା ଏହାର ଚମକ ହରାଇନାହିଁ । ନିବେଶକ ଏହି ଧାତୁରେ ପ୍ରଚୁର ମାତ୍ରାରେ ନିବେଶ କରିଛନ୍ତି । ଫଳରେ ସୁନା ଦରରେ ବଡ଼ ଧରଣର ବୃଦ୍ଧି ଘଟିଛି । ଏହା ବର୍ତ୍ତମାନ ଲକ୍ଷେ ୪୦ ହଜାର ଆଡ଼କୁ ମୁହାଁଇଛି । ଆଗକୁ ମଧ୍ୟ ସୁନାରେ ବୃଦ୍ଧି ଜାରି ରହିବ ବୋଲି ଅନୁମାନ କରିଛନ୍ତି ବଜାର ବିଶେଷଜ୍ଞ । ଅନ୍ୟପକ୍ଷରେ, ବିଶ୍ୱ ବଜାରରେ ଅନିଶ୍ଚିତତା ମଧ୍ୟରେ ଅଶୋଧିତ ତୈଳ ଦରରେ ଅସ୍ଥିରତା ୧୦ ଗୁଣାରୁ ଅଧିକ ବୃଦ୍ଧି ପାଇଛି । ଯୋଗାଣରେ ବାଧା ଏବଂ ଆମେରିକାର କଟକଣା ମଧ୍ୟରେ ଅଶୋଧିତ ତୈଳ ବିପଜ୍ଜନକ ନିବେଶ ଅସେଟ୍ ପାଲଟିଥିବା ରିପୋର୍ଟରେ ଉଲ୍ଲେଖ କରାଯାଇଛି। ବିଗତ ଦିନରେ ମଧ୍ୟ ବିଶ୍ୱ ବଜାରରେ ଅସ୍ଥିର ମାହୋଲ ମଧ୍ୟରେ ସୁନା ନିବେଶର ସୁରକ୍ଷିତ ମାଧ୍ୟମ ପାଲଟିଥିଲା । ୧୯୮୦ ପ୍ରଥମାର୍ଦ୍ଧରେ ହୋଇଥିବା ବିଶ୍ୱ ଅର୍ଥନୈତିକ ସଂକଟ ଏବଂ କୋଭିଡ୍-୧୯ ମହାମାରୀକୁ ଏଥିପାଇଁ ଉଦାହରଣ ଭାବେ ନିଆଯାଇପାରେ । ଏସବୁ ସମୟରେ ସୁନାରେ ନିବେଶ ଭଲ ରିଟର୍ଣ୍ଣ ଦେଇଛି । ୧୯୮୦ ହଣ୍ଟ୍ ବ୍ରଦର୍ସ ସଂକଟ ସମୟରେ ରୁପା ଦରରେ ରେକର୍ଡ ବୃଦ୍ଧି ଦେଖିବାକୁ ମିଳିଥିଲା । ୨୦୧୦-୧୧ରେ ଏବଂ କୋଭିଡ-୧୯ ମହାମାରୀ ସମୟରେ ମଧ୍ୟ ରୁପା ଦରରେ ରେକର୍ଡ ବୃଦ୍ଧି ଘଟିଛି । ଏ ବର୍ଷ ଘରୋଇ ବଜାରରେ ସୁନା ଦର ପ୍ରାୟ ୬୦,୦୦୦ ଟଙ୍କା ବଢ଼ିଥିବାବେଳେ ରୁପା ଲକ୍ଷେ ୨୦ ହଜାର ଟଙ୍କାରୁ ଅଧିକ ବଢ଼ିଛି । ସୁନା ଦର ବଢ଼ିବାର ଅନେକ ପ୍ରମୁଖ କାରଣ ରହିଛି । ରୁଷ-ୟୁକ୍ରେନ ଯୁଦ୍ଧ ଏବଂ ବିଶ୍ୱବ୍ୟାପୀ ଅଶାନ୍ତି ମଧ୍ୟରେ ନିବେଶକ ସୁନାରେ ନିବେଶ କରିବାକୁ ସୁରକ୍ଷିତ ମଣୁଛନ୍ତି । ଏହା ଫଳରେ ଧାତୁର ଚାହିଦା ବୃଦ୍ଧି ପାଉଛି, ଯାହାକି ଦରବୃଦ୍ଧିର ପ୍ରମୁଖ କାରଣ ।

# ଇତିହାସର ଅନନ୍ତ ପ୍ରବାହରେ ଜନଶ୍ରୁତିର ଜୀବନ୍ତ ଚିତ୍ରଶାଳା (୪୯)

## (ଏକ ଐତିହାସିକ ଉପସ୍ଥାପନା)



ସୁଧାଂଶୁ ମୋହନ ଶତପଥୀ
ଶ୍ରୀରାମ ଭବନ, ଚଟୁଆ
କୁଜଙ୍ଗ, ଜଗତସିଂହପୁର
ମୋ-୯୬୬୮୨୯୮୪୯୪

ମଣିଷର ମନ ହେଉଛି ସବୁଠାରୁ ଅଦୃଶ୍ୟ ଓ ସୂକ୍ଷ୍ମ । ମଣିଷ ଶରୀରର ସମସ୍ତ ଅଙ୍ଗ ପ୍ରତ୍ୟେଙ୍ଗ (ବାହ୍ୟ, ଅଭ୍ୟନ୍ତର) ସବୁ ମଣିଷର ଦୃଷ୍ଟି ସମ୍ମୁଖକୁ ଆସୁଥିବାବେଳେ ମନର କୌଣସି ଅବସ୍ଥିତିକୁ ନିରୀକ୍ଷଣ କରିପାରେ ନାହିଁ । କାରଣ ଏହାର କୌଣସି ସ୍ଥୁଳ ଅବସ୍ଥିତି ଶରୀରରେ ଅଭ୍ୟନ୍ତରରେ ଅଥବା ମସ୍ତିଷ୍କର କେଉଁ ଅଜଣା ସ୍ଥାନରେ ଏହାର କେନ୍ଦ୍ରସ୍ଥଳ ରହିଛି । ତାହାର ବ୍ୟାପକ ଅନୁସନ୍ଧାନ କରିବା ପରେ ମଧ୍ୟ ସଠିକ ସିଦ୍ଧାନ୍ତରେ ଉପନୀତ ହୋଇପାରୁନାହିଁ । ମାତ୍ର ମଣିଷ ଯାହା କିଛି ଚେଷ୍ଟା କରୁଛି ଏହାକୁ ଜୀବିକା ପାଇଁ କିନ୍ତୁ ତାହା ପର୍ଯ୍ୟାପ୍ତ ନୁହେଁ । ମଣିଷ ମନର ମାନଚିତ୍ର ତିଆରି ବି କରିସାରିଲାଣି । କିନ୍ତୁ ଏହା ସଠିକ ନିରୂପଣ ହୋଇପାରୁନାହିଁ । ତମାମ ନିଷ୍କର୍ଷ କୁହେ ଯେ ମନର ଚିତ୍ର, ଚରିତ୍ର ଗତିଶୀଳତାର ନିରୂପଣ କରିବା ମନୁଷ୍ୟ ଆୟତ୍ତର ବାହାରେ । ସେ ଜ୍ଞାନ ଏହି ଅଦୃଶ୍ୟ ବଳିଷ୍ଠ ଶକ୍ତିର ନିୟନ୍ତ୍ରଣରେ ସମଗ୍ର ବିଶ୍ୱର ଜଡ, ଚେତନ ସର୍ବୋପରି ମାନବ ସଭ୍ୟତା ଆବହମାନକାଳରୁ ଗତି କରି ଚାଲୁଛି । ଯାହା କି ଅବର୍ଣ୍ଣନୀୟ ଏ ସଭ୍ୟତାର ଇତିହାସ । ଏହି ମନର ବଳରେ ବିଶ୍ୱକୁ ବିଜୟ କରିପାରେ, ଧ୍ୱଂସ ବି କରିଦେଇପାରେ, ଶସ୍ୟ ସାମଳ କରିଦେଇପାରେ । ଆଗ୍ନେୟ ଗିରିରେ ପରିଣତ କରିଦେଇପାରେ। ବିଦ୍ରୋହ କରିଦେଇପାରେ ପୁଣି ଶାନ୍ତି ସ୍ଥାପନ କରିଦେଇପାରେ। ବଡ ବିଚିତ୍ର ଅଦ୍ଭୂତ ଏହି ଚିତ୍ର ଓ ଚରିତ୍ର।

ଏହାର ଏକ ଶକ୍ତିଶାଳୀ ପରିକ୍ରମା କୁଜଙ୍ଗ ରାଜ୍ୟ ଉପରେ ଧୀରେ ଧୀରେ ଅତିକ୍ରମ କରିବାରେ ଲାଗିଛି । ଅତି ସନ୍ତର୍ପଣରେ । ଆଜକୁ କିଛି ଦିନ ଧରି ବିଧବା ଲଳନା ଆଦି କଳିଙ୍ଗର ଏକ ମାତ୍ର କନ୍ୟା କଳ୍ପନାର ଜୀବନରେ ଘୋର ପରିବର୍ତ୍ତନର ଚେତନା ପ୍ରତିଫଳିତ ହୋଇଛି । ଶତ ସହସ୍ର ନୀରବତା ମଧ୍ୟରେ ଯେ ସୃଷ୍ଟି କରି ଚାଲିଛି ଏକ ବଳିଷ୍ଠ ସଂଘର୍ଷର ମର୍ମଭେଦି କମ୍ପନ, ଏହି କମ୍ପନର ମୁଖ୍ୟ ସୂତ୍ରଧର ହେଉଛନ୍ତି ଖୋଦ ନିଜେ ବିଶର ମହାନ୍ତି । ଆଦିମ କାମନାର ଚରିତାର୍ଥ କରିବା ନିମନ୍ତେ କଳ୍ପନାର ଅନୁସନ୍ଧାନୀ ମନ ଲଗାମହୀନ ହେଉଥିବାବେଳେ, ବିଶର ମହାନ୍ତିଙ୍କ ମନ ପ୍ରଚଣ୍ଡ ବେଗରେ ଧାବମାନ କରୁଛି ମହାବାହୁଙ୍କ ନିରାପତ୍ତା ଓ ସୁରକ୍ଷାର ଅନୁସନ୍ଧାନରେ। ଉଭୟେ ବିଦ୍ରୋହୀ, ଜଣେ ଶାରୀରିକ ସମ୍ଭୋଗକୁ ଶ୍ରେଷ୍ଠତ୍ୱ ଦେଉଥିବାବେଳେ ଆଉ ଜଣେ ଆଧ୍ୟାତ୍ମ ଚିନ୍ତନର ସାମାଜ୍ୟରେ ବିଚରଣ କରୁଛି । ପ୍ରେମ ଏକ ହୋଇପାରେ, କିନ୍ତୁ ମାନସିକତାରେ ଏହା ଶତଧା ବିଭକ୍ତ । ଏଥିରେ ଶାରୀରିକ ସମ୍ଭୋଗ ଅସମ୍ଭବ । ପ୍ରତ୍ୟେକ ମଣିଷ ଭିତରେ ଏହା ହେଉଛି ବଳିଷ୍ଠ ଚେତନା ଯାହା କି ମଣିଷ ଯେତେ ବି କଳ୍ପନା କଲେ ବି ଏଥିରେ କେଉଁଠି ନା କେଉଁଠି ଏପରି ଭୁଲ ହୋଇଯାଏ । ଯାହାର କୂଳ କିନାରା କିମ୍ବା ଥଳକୁଳ ପାଇପାରେନା । କଳ୍ପନାର ମନ ଭିତରେ ଯେଉଁ ଯୌନାକାଂକ୍ଷାର ପ୍ରଦିପଟି ନିଷ୍ପ୍ରଭ ଭଳି ବିଶରଙ୍କ ଭ୍ରମ ସୃଷ୍ଟି କରିଥିଲା ତାହା ବିଶରଙ୍କ ବଳିଷ୍ଠ ହାତରେ ସଂସ୍ପର୍ଶରେ ଆସି ଧୀରେ ଧୀରେ ତେଜିଆନ ହେବାରେ ଲାଗିଲା, ଯାହାକୁ ସେ ବିଶରଙ୍କ ଆଗରେ ପ୍ରକାଶ କରିପାରୁଛି ନା ନିଜକୁ ସଂଯତ କରି ନିୟନ୍ତ୍ରଣ କରିପାରୁଛି । ଦିଗନ୍ତ ବିସ୍ତାରୀ ଅରଣ୍ୟ। ଯୌବନ ରୂପକ ସମୁଦ୍ରର ଉତ୍ତାଳ ତରଙ୍ଗରେ କଳ୍ପନାର ହୃଦୟ ରୂପକ ବେଳାଭୂମି ଉତ୍କଣ୍ଠିତ ହୋଇ ମୁହୁର୍ମୁହୁ ପ୍ରତୀକ୍ଷା କରି ଚାଲିଛି ବିଶର ମହାନ୍ତିଙ୍କର ବର୍ଣ୍ଣାଢ୍ୟ ନୌକାକୁ କୋଳାଗ୍ରତ କରିବାପାଇଁ । କଳ୍ପନା ଯେତେ ଚେଷ୍ଟା କଲେ ବି ବିଶର ମହାନ୍ତିଙ୍କ ଭଳି ଜଣେ ବୈଷ୍ଣବର ହୃଦୟକୁ ପ୍ରେମ ରସରେ ପ୍ରଲୁବ୍ଧ କରିପାରୁନି । କେତେ ଦିନ ପ୍ରତୀକ୍ଷା କରିବ ପ୍ରେମର ଏ ଜଟିଳ ଆଲିଙ୍ଗନକୁ । କେତେଦିନ ପରେ ପୂର୍ଣ୍ଣ ହେବ କଳ୍ପନାର ଏ ଆଶା, ଭରସା ଆଉ ଉତ୍କଣ୍ଠାର ପରିସମାପ୍ତି । ସମୁଦ୍ରର ଘନୀଭୂତ ଅଶାନ୍ତ ଶୀତଳ ପବନ ଗୁଡା ଦେହରେ ବାଜି ନୂତନ ଉନ୍ମାଦନାରେ ରୋମାଞ୍ଚିତ କରୁଛି କଳ୍ପନାର ଶରୀରକୁ। କେତେଦିନ ଚାହିଁବ ଏହି ସୁନୀଳ ଅମ୍ବରକୁ। କଳ୍ପନା ଚିନ୍ତା କରୁଛି ବିଶର ମହାନ୍ତି ଯାହାର ହାତକୁ ଆଜକୁ ଦୀର୍ଘ ୧୮ ବର୍ଷ ହେଲା ଧରାଇଦେଇ ହରିନାମର ସଂକୀର୍ତ୍ତନରେ ସମାଜର ବାତାବରଣକୁ ଜଗନ୍ନାଥମୟ କରିସାରିଲେଣି ଅଥଚ ମହାପ୍ରଭୁ କ'ଣ ମୋର ଅକୁହା କଥାକୁ ବୁଝିପାରୁନାହାଁନ୍ତି ? ୧୮ ବର୍ଷ ଧରି ମୁଁ ମହାବାହୁଙ୍କ ସମ୍ମୁଖରେ ନାଚି ଚାଲିଛି। କିନ୍ତୁ ପାଇଲି କଣ ? ଆଜି ବି ନୃତ୍ୟ କରୁଛି ମହାବାହୁଙ୍କ ନିକଟରେ। ଏତିକି ଚିନ୍ତା କରି ନାଚୁଛି କଳ୍ପନା। ଆଖିରୁ ଝରୁଛି ଲୁହ ଧାର। କେତେ ଲୁହ ଧାର ଝରିଗଲାଣି କଳ୍ପନାର ଦୁଇ ଆଖିରୁ । କିନ୍ତୁ କାହାଁନ୍ତି ସେ କୃଷ୍ଣ ? ମଧୁବସନ୍ତର ଶାନ୍ତ ପବନରେ ବକ୍ଷ ଉପରୁ ଖସିଗଲାଣି ପାଟବସ୍ତ୍ର । ଆଖିରୁ କଜଳର ରେଖା ଲୁହରେ ଭିଜିଗଲାଣି। ଆଜି ସେ ମହାପ୍ରଭୁ ଜଗନ୍ନାଥଙ୍କୁ ଆଲିଙ୍ଗନ କରିବ । ସେଥିପାଇଁ ସେ ଦୁଇଟି ହାତରେ ଆଲିଙ୍ଗନ ମୁଦ୍ରା କରୁଛି ବାରମ୍ବାର ମହାପ୍ରଭୁଙ୍କୁ ତା'ର ବକ୍ଷରେ ବାନ୍ଧି ରଖିବା ପାଇଁ । କଳ୍ପନା ଆଜି ସଜେଇ ହୋଇଛି ନୂଆ ରୂପରେ। ମସ୍ତିଷ୍କ ଆଉ ନିୟନ୍ତ୍ରଣରେ ନାହିଁ । ଜହ୍ନି ଫୁଲ ଭଳି ଜହ୍ନ ରାତିଟା ବିଶରଙ୍କୁ ବିମୁଗ୍ଧ କରିଦେଉଛି । ଘୁଙ୍ଗୁରର ଶବ୍ଦରେ ଅରଣ୍ୟଟା ଆଜି ହସିଉଠୁଛି । ହଠାତ ଚମକି ପଡିଲେ ବିଶର ଚତୁର୍ଦ୍ଦିଗକୁ ଚାହିଁଲେ ବିଶର। ଅନତି ଦୂରରେ କଳ୍ପନା ନୃତ୍ୟ କରୁଛି। ସେ ବିଶ୍ୱାସ କରିପାରୁନାହାନ୍ତି ସତରେ କଣ କଳ୍ପନା ଏତେ ରାତିରେ ନୃତ୍ୟ କରୁଛି ? ବହୁତ ଦୂରରେ ରହି ଲକ୍ଷ୍ୟ କଲେ କଳ୍ପନାକୁ ସେଦିନ ଥାଏ ଫଗୁ ଦଶମୀ । ମଧୁମାଳତୀର ଲତା ଉପରେ ପେନ୍ଥା ପେନ୍ଥା ହୋଇ ଝୁଲିପଡିଛି କେତେ ରଙ୍ଗ ବେରଙ୍ଗର ପୁଷ୍ପ ସମ୍ଭାର। ଅରଣ୍ୟରେ ଏତେ ଫୁଲ ଫୁଟିଛି ଯେ ସାମାନ୍ୟ ପତ୍ରଟିଏ ମଧ୍ୟ ଦେଖାଯାଉନାହିଁ । ବଉଳ ଗଛରୁ ଫୁଲଗୁଡିକ ମାଟି ଉପରେ ବିଛାଡି ଗୋଟାଏ ଫୁଲର ଶଯ୍ୟା ଭଳି ଭ୍ରମ ସୃଷ୍ଟି କରୁଥାଏ । (କ୍ରମଶଃ...)



# ପ୍ରାତଃଭ୍ରମଣ ଓ ବାଡ଼ି

ମୃଣାଳମନ୍ତ୍ର



ମୃଣାଳ
ମୋ :୯୧ ୯୪୩୭୦ ୭୬୧୯୪

ପ୍ରାତଃଭ୍ରମଣ କରିବା ଅତି ଭଲ କଥା । ଡାକ୍ତରମାନେ କହୁଛନ୍ତି, ଚାଲିଲେ ହାତଗୋଡ଼ର ଭଲ ବ୍ୟାୟାମ ହୁଏ । ହାର୍ଟ ଭଲ ରହେ । ବାତ ନିୟନ୍ତ୍ରଣରେ ରହେ । ରକ୍ତରେ ଶର୍କରା ହାର କମ ରଖିବା ପାଇଁ ଚାଲିବା ଏକ ଭଲ ବାଟ । ପୁଣି ପ୍ରଭାତୀ ସୂର୍ଯ୍ୟ କିରଣରେ କୁଆନେ ଭିଟାମିନ୍ ଡି ଥାଏ। ଚମଡ଼ା ପାଇଁ ଭଲ । ଶାସ୍ତ୍ରରେବି ଉଷା କାଳରେ ଶଯ୍ୟାତ୍ୟାଗ କରି ପ୍ରାତଃଭ୍ରମଣ କରିବା ଉଚିତ ବୋଲି କୁଆଡ଼େ ଲେଖାହୋଇଛି । ତ ଶାସ୍ତ୍ରକଥା ମାନି ହେଉ (ଆଜିକାଲି ବଜାରଘାଟରେ ଯେତେ ମନ୍ଦିର ହେଲାଣି, ଆଉ ଅହୋରାତ୍ର ମନ୍ଦିରଠୁଁ ଆରମ୍ଭ କରି ପାନଦୋକାନ ଯାଏଁ ସର୍ବତ୍ର ଯେତେ ଭଜନ କ୍ୟାସେଟ୍ ବାଜୁଛି- ସେଥିରୁ ମନେ ହେଲାଣି ଲୋକଙ୍କ ମନରେ ଧର୍ମଭାବ ବଢ଼ିଲାଣି, ସତ୍ୟଯୁଗ ଆସିବାକୁ ଆଉ ବେଶି ଡେରି ନାହିଁ), କିମ୍ବା ଡାକ୍ତରଙ୍କ କଥା ମାନି ହେଉ(ନ ମାନିଲେ ଗତି କାଇଁ, ଡାକ୍ତରଙ୍କ ଫିସ୍ ଯାହା ହେଲାଣି, ପରାମର୍ଶ ଭାରି ଦାମିକା) ବହୁ ଲୋକ ପ୍ରାତଃଭ୍ରମଣ କରୁଛନ୍ତି। ଆପଣ ଯଦି ବଡ଼ିସକାଳେ ଉଠୁଥିବେ ଦେଖୁଥିବେ । ଆବାଳବୃଦ୍ଧବନିତା ଚାଲୁଛନ୍ତି । ନାନା ପ୍ରକାର ବେଶଭୂଷା ପିନ୍ଧି ଚାଲୁଛନ୍ତି । ହାତକଟା, ପୂରାହାତ ଗେଞ୍ଜି, ହାଫପ୍ୟାଣ୍ଟ, ଫୁଲ୍‌ପ୍ୟାଣ୍ଟ, ଥ୍ରି-କ୍ୱାର୍ଟର ପ୍ୟାଣ୍ଟ(ଇଏ ଏରପି ପ୍ୟାଣ୍ଟ୍ ଯାହା ହାଫପ୍ୟାଣ୍ଟଠୁଁ ଅଧିକ, ଫୁଲ୍‌ପ୍ୟାଣ୍ଟଠୁଁ କମ୍ । ଗୋଡ଼ ପେଣ୍ଡା ଯାଏଁ ଥାଏ), ଟ୍ରାକ୍‌ସ୍ୟୁଟ୍, ବାବା ସ୍ୟୁଟ୍, କବ୍‌ଜିରେ ପଟି, ମୁଣ୍ଡରେ ପଟି - ଚାଲିଛନ୍ତି । ବିଚିତ୍ର ଏବ ବିଭିନ୍ନ ଅଙ୍ଗଭଙ୍ଗୀ କରି ଚାଲୁଛନ୍ତି । କିଏ ଏମିତି ତରବର ହୋଇ ଚାଲୁଛି, ଯେମିତି ତାର ଟ୍ରେନ୍ ଫେଲ୍ ହୋଇଯିବ । ଆଉ କିଏ ଏତେ ହଲି ଦୋହଲି ଚାଲୁଛି, ଯେମିତି ସରକାରୀ ଅଫିସ୍‌ରେ ଫାଇଲ୍ । କେତେକେ କିଛି ବାଟ ଚାଲନ୍ତି ତାପରେ ହଠାତ୍ ଅଟକି ଯାଇ ହାତଗୋଡ଼ ଛାଟନ୍ତି- ଯେମିତି ତାଙ୍କ ଦେହରେ ହଠାତ୍ ବିଛୁଆତି ଲାଗିଯାଇଛି । କିଛି ସମୟ ଛାଟିପିଟି, ଭିଡ଼ିମୋଡ଼ି ହେଲା ପରେ ଫେର ଚାଲନ୍ତି । କିଏ ଏକୁଟିଆ ଚାଲେ, କେତେକେ ଯୋଡ଼ି ଯୋଡ଼ି ହୋଇ ଚାଲନ୍ତି । କେହି ଚୁପଚାପ୍ ଚାଲେ, କେହି ଗପସପ ହୋଇହୋଇ । ରାଜନୀତି, କ୍ରିକେଟ୍, ଫିଲ୍ମ, ଅଫିସ ରାଜନୀତି, ବସ୍‌ର ନିନ୍ଦା, ଶାଶୁର ନିନ୍ଦା, ପରଚର୍ଚ୍ଚା ।

ମୁଁ ବସି ବସି ଏମାନଙ୍କୁ ଦେଖେ । ଆପଣ ପଚାରିବେ ମୁଁ କାହିଁକି ସେମାନଙ୍କ ଭଳି ନ ଚାଲି, ବସି ରହେ ? ଉତ୍ତର : ପ୍ରତିଶୋଧ । ବଦ୍‌ଲା । ମୋ ସ୍ତ୍ରୀ ମୋତେ ଜବରଦସ୍ତି ପ୍ରାତଃଭ୍ରମଣକୁ ପଠଉଛନ୍ତି । ମୁଁ କୁଆଡ଼େ ମୋଟା ହୋଇଯାଉଛି । ତ ମୁଁ ସ୍ତ୍ରୀର ବୋଲକରା ନୁହେଁ । ସ୍ତ୍ରୀ ଯାହା କହିବେ ତାହା କଲେ ମୋ ସ୍ୱାଭିମାନକୁ ବାଧିବ । ତେଣୁ ତାଙ୍କ କଥାରେ ମୁଁ ପ୍ରାତଃଭ୍ରମଣ ପାଇଁ ବଡ଼ି ସକାଳେ ଘରୁ ବାହାରୁଥିଲେ ମଧ୍ୟ ଚାଲେ ନାହିଁ । ପାର୍କକୁ ଯାଇ ଗୋଟେ ବେଞ୍ଚରେ ଚୁପ୍ କରି ବସିଯାଏ । ଫେରିଲା ବେଳକୁ ରାସ୍ତା କଡ଼ ନଳକୂଅରୁ ପାଣି ଆଞ୍ଜୁଳାଏ ନିଜ ପୋଷାକରେ ପକେଇଦିଏ- ଯେମିତି ବହୁତ ଚାଲିଛି, ବହୁତ ଝାଳ ଝରିଛି । ଗତ ମାସେ ଧରି ମୁଁ ଏଇଆ କରୁଛି, ମୋ ସ୍ତ୍ରୀ ଏଯାଏଁ ଟେର ପାଇ ନାହାନ୍ତି । ହାଃ ହାଃ !

ତେବେ ଏ ମାସେ ଭିତରେ ଗୋଟେ କଥା ଲକ୍ଷ୍ୟ କରୁଛି, ଯେତେ ଲୋକ ଚାଲୁଛନ୍ତି, ଅଧିକାଂଶଙ୍କ ହାତରେ ଦେଖୁଛି ଖଣ୍ଡେ ଖଣ୍ଡେ ବାଡ଼ି । କାହା ହାତରେ ପିତଳ ଗୋବଲଗା ଛୋଟ ରୁଳ ବାଡି, କିଏ ଧରିଛି ଶିଙ୍ଗ କାମ କରା ବେତର ୱାକିଂ ଷ୍ଟିକ୍, କିଏ ବା ଛୋଟ ବାଉଁଶ ଠେଙ୍ଗା । ସମସ୍ତେ ଏମିତି ଖଣ୍ଡେ ଖଣ୍ଡେ ବାଡ଼ି କାହିଁକି ଧରିଛନ୍ତି ?

ମୋର ଜଣେ ଅଧ୍ୟାପକ ବନ୍ଧୁ କହିଲେ, ମର୍ଣ୍ଣିଂୱାକ୍ କରିବା ଗୋଟେ ଫେସନ୍ ହେଲାଣି । ବାଡ଼ିଟା କେବଳ ବାଡ଼ି ନୁହେଁ, ଫେସନ୍ ଷ୍ଟେଟ୍‌ମେଣ୍ଟ୍ । ବନ୍ଧୁ ମୋର ଆଠଟା ପୂର୍ବରୁ ବିଛଣା ଛାଡ଼ନ୍ତି ନାହିଁ, ଜୀବନରେ କେବେ ପ୍ରାତଃଭ୍ରମଣରେ ଯାଇ ନାହାନ୍ତି । ତାଙ୍କ ପତ୍ନୀ ତାଙ୍କୁ ପ୍ରାତଃଭ୍ରମଣରେ ପଠେଇବାର ଚେଷ୍ଟାରେ ଅଛନ୍ତି। ମୁଁ ଭାବିଲି ସେଇ କାରଣରୁ ବୋଧହୁଏ ସେ ପ୍ରାତଃଭ୍ରମଣକାରୀମାନଙ୍କ ଉପରେ ଖପ୍ପା । ତାଙ୍କ କଥା ଗ୍ରହଣ କରିବା ନାହିଁ । ଯିଏ ବାଡ଼ି ଧରି ଯାଉଛି- ତାକୁଇ ପଚାରିବା । ଘୋଡ଼ା ମୁହଁରୁ ତା କଥା ଶୁଣିବା । (ଆପ୍ତବାକ୍ୟଟି ଇଂରାଜୀ, ମୁଁ ତାକୁ ଓଡ଼ିଆରେ ଅନୁବାଦକରିଛି ।) ଜଣକୁ ପଚାରିଲି ଏ ବାଡ଼ିଟା କାହିଁକି ଧରିଛନ୍ତି ? ସେ କହିଲେ, ସକାଳୁ ବାହାରୁଛି ତ, ରାସ୍ତାରେ ଲୋକବାକ ବିଶେଷ ନାହାନ୍ତି, କାଳେ କୁକୁର ଗୋଡ଼େଇବ ! ଆଉ ଜଣେ କହିଲେ ଠାଉରିଆ ଛିନତାଇକାରୀଙ୍କୁ ସାବାଡ଼ କରିବା ପାଇଁ ।

ଆମ ଘର ପାଖରେ ରହନ୍ତି ସୀତାନାଥ ବାବୁ । ସେ ପ୍ରତିଦିନ ସକାଳେ ସିନ୍ଦୁରା ଫାଟିବା ପୂର୍ବରୁ ଗୋଟେ ୱାକିଂ ଷ୍ଟିକ୍ ଧରି ମର୍ଣ୍ଣିଂୱାକ୍‌ରେ ବାହାରନ୍ତି । ବର୍ଷା ହେଉ, ଝଡ଼ି ହେଉ- ସେ ନିଶ୍ଚୟ ବାହାରନ୍ତି । ତାଙ୍କୁ ପଚାରିଲି, ଆପଣ ଏ ବାଡ଼ିଟାକୁ କାହିଁକି ଧରି ଚାଲୁଛନ୍ତି ? ଏ ପ୍ରଶ୍ନ ଶୁଣି ସେ ଟିକେ ଥମ୍ ମାରି ବସିଲେ । ହାତରେ ଧରିଥିବା ୱାକିଂ ଷ୍ଟିକ୍‌ଟିକୁ ଟିକେ ଆଉଁସି ଦେଲେ । ଉପରକୁ ଚାହିଁଲେ । ତାପରେ ଆସ୍ତେ ଆସ୍ତେ ପ୍ରାୟ ଫିସ୍‌ଫିସ୍ ଗଳାରେ କହିଲେ, ଜାଣିଛ, ଏ ବାଡ଼ିଟା ସୌଭାଗ୍ୟଲକ୍ଷ୍ମୀ କିଣିଦେଇଥିଲା ପୁରୀରୁ ।

- ସୌଭାଗ୍ୟଲକ୍ଷ୍ମୀ କିଏ ?

- ମୋ ସ୍ତ୍ରୀ । ତାର ମୋର ଯାଇଥିଲୁ । ଜଗନ୍ନାଥ ଦର୍ଶନ ପରେ ବଡ଼ ଦାଣ୍ଡରେ ବୁଲୁଥିଲୁ, ସେ କହିଲା, ଚାଲ ତୁମକୁ ଗୋଟେ ଭଲ ୱାକିଂ ଷ୍ଟିକ୍ କିଣିଦେବି । ବୁଢ଼ା ହେଲେ ଦରକାର ହେବ । ମୁଁ ବାଡ଼ିର ଇତିହାସ ଜାଣିବାକୁ ଚାହୁଁନି । ଜାଣିବାକୁ ଚାହୁଛି, ଆପଣ ପ୍ରାତଃଭ୍ରମଣ କରିବା ବେଳେ ବାଡ଼ିଟାକୁ କାହିଁକି ସାଙ୍ଗରେ ନିଅନ୍ତି ।

ମୋ କଥା ବୋଧହୁଏ ତାଙ୍କୁ ଶୁଭିଲାନି । ସେ କହି ଚାଲିଥିଲେ, ସୌଭାଗ୍ୟ ମୋତେ ଛାଡ଼ି ଚାଲିଯାଇଛି ତିନି ବର୍ଷ ହେଲା । ପୁଅ ଝିଅ ଯେ ଯାହା ସଂସାରରେ ବ୍ୟସ୍ତ। ମୋ ସହିତ କଥାବାର୍ତ୍ତା କରିବାକୁ ସେମାନଙ୍କୁ ସମୟ ନାହିଁ, ହୁଏତ ପ୍ରବୃତ୍ତି ବି ନାହିଁ । ସକାଳେ ବାଡ଼ିଟା ଧରି ଚାଲିଲେ ଲାଗେ ସୌଭାଗ୍ୟ ମୋ ସାଙ୍ଗରେ ଅଛି । ମୋ ସାଙ୍ଗରେ ସାଙ୍ଗରେ ଚାଲିଛି । ମୁଁ ତା ସହିତ ଗପସପ କରି କରି ଚାଲେ । ତାକୁ ସୁଖଦୁଃଖର କଥା କହେ । ସେ ଶୁଣେ । ସମୟ କଟିଯାଏ । ଜୀବନ କଟିଯାଏ ।

# ସୁରକ୍ଷା ଆମର ଦାୟିତ୍ୱ: ଏକ ସାମୂହିକ ପ୍ରୟାସ



ଡାକ୍ତର ଅଶୋକ କୁମାର ମହାନ୍ତି
ଟାଟା ମେନ୍ ହସପିଟାଲ୍,
ନୂଆମୁଣ୍ଡି
ମୋ-୯୨୩୪୬୬୭୫୪୬

ସୁରକ୍ଷା ଜୀବନର ଏକ ଉପାୟ,ଗୋଟିଏ ଦିନର ସଫଳତା ନୁହେଁ, ଏକ ନିରନ୍ତର ପ୍ରୟାସ, ଆମେ ଏହାକୁ ନିରନ୍ତର ଭାବରେ କାର୍ଯ୍ୟକାରୀ କରିବା ଉଚିତ୍। ଏହା ଏକ ଗନ୍ତବ୍ୟସ୍ଥଳ ନୁହେଁ,ବରଂ ଏକ ଯାତ୍ରା। ଯେପର୍ଯ୍ୟନ୍ତ ଆମେ ସୁରକ୍ଷାକୁ ପ୍ରଥମ ପ୍ରାଥମିକତା ଦେବା, ସେପର୍ଯ୍ୟନ୍ତ ସଫଳତା ସର୍ବଦା ଆମ ସହିତ ରହିବ। ତେଣୁ ଏକ କଥା ଅଛି ଯେ ସୁରକ୍ଷା ABC (Always Be Careful )ପରି ସରଳ - ସର୍ବଦା ସତର୍କ ରୁହନ୍ତୁ। ସୁରକ୍ଷା ହେଉଛି ଏକ ମନର ଗଠନ, ତେଣୁ ଆମେ ସବୁବେଳେ ଏଥିରେ ଧ୍ୟାନ ଦେବା ଉଚିତ୍ । ସୁରକ୍ଷା(Safety) 'S' ରୁ ଆରମ୍ଭ ହୁଏ, କିନ୍ତୁ ପ୍ରକୃତରେ (YOU)ତୁମ ଠାରୁହିଁ ଆରମ୍ଭ।

ମନେରଖିବାକୁ ଥିବା ବିଷୟଗୁଡ଼ିକ:-

ସୁରକ୍ଷାକୁ ଆମ କାମର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ଭାବରେ ବିବେଚନା କରନ୍ତୁ।

ସର୍ବଦା ବିପଦ ପ୍ରତି ସତର୍କ ରୁହନ୍ତୁ। ସର୍ଟକଟ୍ ନିଅନ୍ତୁ ନାହିଁ କିମ୍ବା ଦେଖାନ୍ତୁ ନାହିଁ । ସୁରକ୍ଷା ସତର୍କତା ସଙ୍କେତଗୁଡ଼ିକ ପ୍ରତି ଧ୍ୟାନ ଦିଅନ୍ତୁ।

ସୁରକ୍ଷା ଉପକରଣ ଯଥା ସୁରକ୍ଷା ହେଲମେଟ୍, ସୁରକ୍ଷା ଚଷମା, ସଚେତନ ଦୃଷ୍ଟି, ସୁରକ୍ଷା ହାତ ଗ୍ଲୋଭସ୍, ସୁରକ୍ଷା କାର୍ଯ୍ୟ, ସୁରକ୍ଷା ଜୋତା, ଇତ୍ୟାଦି ଆବଶ୍ୟକ କିନ୍ତୁ ଯେକୌଣସି ସୁରକ୍ଷା କାର୍ଯ୍ୟକ୍ରମରେ ଆମେ ନିଜେ ଅଧିକ ଗୁରୁତ୍ୱପୂର୍ଣ୍ଣ। ଦୁର୍ଘଟଣା କାହିଁକି ଘଟେ:-

ଅଧିକାଂଶ ଦୁର୍ଘଟଣାକୁ ଏଡାଯାଇପାରିବ।

ଏଡାଇବାର ସର୍ବୋତ୍ତମ ଉପାୟ ହେଉଛି ସର୍ବଦା ସୁରକ୍ଷା ପ୍ରତି ସଚେତନ ରହିବା।

ଦୁର୍ଘଟଣାଜନିତ କାରଣ:- ଅସାବଧାନତା, ତାଲିମର ଅଭାବ,ଆମେ କ'ଣ କରୁଛୁ ତାହା ପ୍ରତି ଧ୍ୟାନ ନ ଦେବା , 'ସମସ୍ତ ଜାଣିବା' ମନୋଭାବ ରଖିବା, ସର୍ଟକଟ୍ ନେବା , ଅତ୍ୟଧିକ କ୍ଳାନ୍ତ ହେବା , ଅତ୍ୟଧିକ ଜଲ୍‌ଦି ବାଜି ଓ ଚିନ୍ତାଗ୍ରସ୍ତ ହୋଇ କାମରେ ବାଧା ସୃଷ୍ଟି କରିବାକୁ ଦେବା ଇତ୍ୟାଦି । ଯଦି ଆପଣ ସୁରକ୍ଷାକୁ ଏକ 'ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ' ଭାବରେ ବ୍ୟବହାରକରନ୍ତି, ତେବେ ଅଧିକାଂଶ ଦୁର୍ଘଟଣାକୁ ରୋକାଯାଇପାରିବ।

କିଛି ପ୍ରମୁଖ ସୁରକ୍ଷା ଟିପ୍ସ:-

ସଠିକ ସୁରକ୍ଷା ମନୋଭାବ ରଖନ୍ତୁ। ଏହାର ଅର୍ଥ ହେଉଛି ଆମର ସୁରକ୍ଷା ନିୟମଗୁଡ଼ିକୁ ଜାଣିବା ଏବଂ ପାଳନ କରିବା, ଦୁର୍ଘଟଣାକୁ ରୋକିବାପାଇଁ ଆମେ ଯାହା କରିପାରୁଛୁ ତାହା କରିବା,ଏବଂ ସୁରକ୍ଷାକୁ ଆମ କାମର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ଭାବରେ ବ୍ୟବହାର କରିବା। ନିରାପଦ କାର୍ଯ୍ୟ ଅଭ୍ୟାସ କରନ୍ତୁ ଏବଂ ସହକର୍ମୀମାନଙ୍କ ପାଇଁ ଏକ ଭଲ ଉଦାହରଣ ସୃଷ୍ଟି କରନ୍ତୁ। ଆବଶ୍ୟକ ହେଲେ ବ୍ୟକ୍ତିଗତ ସୁରକ୍ଷା ଉପକରଣ ପିନ୍ଧନ୍ତୁ ଏବଂ ସମସ୍ତ ସୁରକ୍ଷା ନିର୍ଦ୍ଦେଶାବଳୀ ପାଳନକରନ୍ତୁ। ବହୁତ କମ୍ ଶୋଇବା ପ୍ରାୟତଃ ଦୁର୍ଘଟଣାର କାରଣ ହୋଇଥାଏ। ଘରେ ଘଟିଥିବା କିଛି ବିଷୟରେ ବିରକ୍ତ ହେବା ମଧ୍ୟ ଆମକୁ ବିଚଳିତ କରିପାରେ ଏବଂ ଦୁର୍ଘଟଣା କରାଇପାରେ। କୌଣଣି କାର୍ଯ୍ୟ କରିବା ପୂର୍ବରୁ ଭଲ ଭାବରେ ଚିନ୍ତା କରନ୍ତୁ। କ'ଣ ଭୁଲ ହୋଇପାରେ, ଏହାକୁ କିପରି ଏଡାଇବା ଏବଂ ଯେ କୌଣସି ଅପ୍ରତ୍ୟାଶିତ ବିପଦରୁ ନିଜକୁ କିପରି ରକ୍ଷା କରିପାରିବେ, ସେ ବିଷୟରେ ଚିନ୍ତା କରନ୍ତୁ। ନିଜ କାମ ଉପରେ ସର୍ବଦା ମନ ରଖନ୍ତୁ। ଅତୀତରେ ଆମକୁ କ୍ରୋଧାନ୍ୱିତ କରିଥିବା ଯେ କୌଣସି ବ୍ୟକ୍ତିଙ୍କ ବିଷୟରେ ଚିନ୍ତା କରନ୍ତୁ ନାହିଁ।

ଏଠାରେ କିଛି ମନୋଭାବର ଉଦାହରଣ ଦିଆଯାଇଛି ଯାହା ଆମକୁସ ମସ୍ୟାରେ ପକାଇପାରେ:-

'ଏହି କାମ ସରଳ' ଏହି ପ୍ରକାର ମନୋଭାବ ସହଜରେ ଆମେ କ'ଣ କରୁଛୁ ତାହା ପ୍ରତି ଧ୍ୟାନ ନ ଦେବାର ପରିଣାମ ହୋଇପାରେ।

'ମୋ ପାଖରେ ସୁରକ୍ଷା ବିଷୟରେ ଚିନ୍ତା କରିବାକୁ ସମୟ ନାହିଁ, ମୋତେ ଏହି କାମ ଏବେ ଠିକ୍ ଭାବରେ କରିବା ଆବଶ୍ୟକ। ଜଲ୍‌ଦିବାଜି ଯୋଗୁ ଅସାବଧାନତା ହୋଇଥାଏ ଏବଂ ଅସାବଧାନତା ଦୁର୍ଘଟଣାର କାରଣ ହୁଏ।

'ମୁଁ ମୋ ଉପାୟରେ କାମ କରିବି' , ଏହି ପ୍ରକାରର 'ସମସ୍ତ ଜାଣିବା' କିମ୍ବା ନିର୍ବୋଧ ମନୋଭାବ ଆପଣଙ୍କୁ ଏବଂ ଆପଣଙ୍କ ସହକର୍ମୀଙ୍କୁ ଏକ ଗୁରୁତର ଦୁର୍ଘଟଣାର ବିପଦରେ ପକାଇଥାଏ।

ଯଦି କୌଣସି ଉପକରଣ କିପରି ବ୍ୟବହାର କରିବା ତାହା ଅନିଶ୍ଚିତ ଅଛନ୍ତି କିମ୍ବା ସୁରକ୍ଷା ସମ୍ବନ୍ଧୀୟ ଅନ୍ୟ କୌଣସି ପ୍ରଶ୍ନ ଅଛି, ତେବେ ଆପଣଙ୍କ ପରିଦର୍ଶକଙ୍କ ସାହାଯ୍ୟ ନିଅନ୍ତୁ।

'ମୁଁ ଯାହାକରେ ନା କାହିଁକି ଦୁର୍ଘଟଣା ଘଟିବ' ଏପରି ମନୋଭାବ ରଖିବା ଠିକ୍ ନୁହେଁ।

ଦୁର୍ଘଟଣା ରୋକିବା ପାଇଁ ଅଧିକ ଟିପ୍ସ:

୧) ଆବଶ୍ୟକ ସୁରକ୍ଷା ଉପକରଣ ପିନ୍ଧନ୍ତୁ ୨)କାର୍ଯ୍ୟକ୍ଷେତ୍ରକୁ ପରିଷ୍କାର ତଥା ବିପଦମୁକ୍ତ ରଖନ୍ତୁ ୩) ଆବଶ୍ୟକ ହେଲେ ସାହାଯ୍ୟ ମାଗନ୍ତୁ ୪)ଅସୁରକ୍ଷିତ କାର୍ଯ୍ୟଅଭ୍ୟାସ ଗୁଡ଼ିକୁ ଅଣଦେଖା କରନ୍ତୁ ଏବଂ ସେଗୁଡ଼ିକୁ ସଂଶୋଧନ କରିବାକୁ ଚେଷ୍ଟା କରନ୍ତୁ ୫)ବ୍ୟବହାର ପୂର୍ବରୁ ଉପକରଣଗୁଡ଼ିକୁ ସତର୍କତାର ସହ ଯାଞ୍ଚ କରନ୍ତୁ ୬) ଚେତାବନୀ ସଙ୍କେତ ପ୍ରତି ଧ୍ୟାନ ଦିଅନ୍ତୁ ୭)ସୁରକ୍ଷା ଉପକରଣଗୁଡ଼ିକୁ ଅବହେଳା କରନ୍ତୁ ନାହିଁ ୮)ଯଦି ଆପଣ କୌଣସି ଚାକିରିରେ ନୂଆ, ତେବେ ତାଲିମ ନିଅନ୍ତୁ ଏବଂ ଦିଆଯାଇଥିବା ନିର୍ଦ୍ଦେଶାବଳୀକୁ ସତର୍କତାର ସହିତ ସମୀକ୍ଷା କରନ୍ତୁ ୯)ସମୟ ଅନୁସାରେ ସୁଷମ ଖାଦ୍ୟ ଖାଆନ୍ତୁ ୧୦)ପ୍ରତିଦିନ ୭ ରୁ ୯ଘଣ୍ଟା ନିଦ୍ରାଯାଆନ୍ତୁ ଏବଂ ଚିନ୍ତାଗ୍ରସ୍ତ ହୋଇ କୌଣସି କାର୍ଯ୍ୟକରନ୍ତୁ ନାହିଁ ୧୧)ଉପଯୁକ୍ତ ପୋଷାକ ପିନ୍ଧନ୍ତୁ ତଥା ଯନ୍ତ୍ରପାତିରେ ପସି ଯାଇପାରୁଥିବା ଢିଲା ପୋଷାକ କିମ୍ବା ଅଳଙ୍କାର ପିନ୍ଧନ୍ତୁ ନାହିଁ ୧୨)ସହଜରେ ନ ଖସୁଥିବା ଜୋତା ପିନ୍ଧନ୍ତୁ ୧୩)ଯଦି ଆମେ ଏକା କାମ କରୁଛେ, ତେବେ ନିଜ ଲୋକଙ୍କୁ ଜଣେଇ ଦିଅନ୍ତୁ ଯେ, କେଉଁଠି ଅଛନ୍ତି ଏବଂ କେତେବେଳେ ଫେରିବେ ୧୪) ବିପଦ ପାଇଁ ନିରନ୍ତର ସତର୍କ ରୁହନ୍ତୁ ୧୫) ଅନ୍ୟମାନଙ୍କ ଦ୍ୱାରା ପରିଚାଳିତ ଉପକରଣଠାରୁ ଦୂରରେ ରୁହନ୍ତୁ।

ଜଣେ କର୍ମଚାରୀ ଭାବରେ ଆମର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ହେଉଛି:-

ନିଜର ସ୍ୱାସ୍ଥ୍ୟ ଏବଂ ସୁରକ୍ଷାର ଯତ୍ନ ନେବା ।

ଯନ୍ତ୍ରପାତି ଚଳାଉଥିବା ସମୟରେ ଅଳଙ୍କାର କିମ୍ବା ଢିଲା ପୋଷାକ ପିନ୍ଧିବାରୁ ଦୂରେଇ ରହିବା।

ଯଦି ଲମ୍ବାକେଶ ଅଛି, କିମ୍ବା ମୁଣ୍ଡରେ ସ୍କାର୍ଫ ପିନ୍ଧିଛନ୍ତି, ତେବେ ନିଶ୍ଚିତ କରନ୍ତୁ ଯେ ଏହା ଯନ୍ତ୍ରପାତିରେ ଫସିଯିବାର ସମ୍ଭାବନା ଅଛି ।

ଆମର କାର୍ଯ୍ୟକିପରି ଅନ୍ୟ ସହକର୍ମୀ ମାନଙ୍କୁ ତଥା ଜନସାଧାରଣଙ୍କୁ ବିପଦରେ ନ ପକାଏ, ସେଥିପ୍ରତି ଯତ୍ନବାନ ହେବା ଉଚିତ୍ ।

ଆମର ନିଯୁକ୍ତିଦାତାଙ୍କ ସହିତ ସହଯୋଗ କରିବା, ନିଶ୍ଚିତ କରିବା ଯେ ଆମେ ଉପଯୁକ୍ତ ତାଲିମ ପାଉଛୁ ଏବଂ କମ୍ପାନୀର ସ୍ୱାସ୍ଥ୍ୟ ଏବଂ ସୁରକ୍ଷା ନୀତିଗୁଡ଼ିକୁ ଭଲ ଭାବରେପାଳନ କରୁଛୁ।

ଆମର ସ୍ୱାସ୍ଥ୍ୟ, ସୁରକ୍ଷା କିମ୍ବା କଲ୍ୟାଣ ପାଇଁ ପ୍ରଦାନ କରାଯାଇଥିବା କୌଣସି ଜିନିଷରେ ବାଧା ସୃଷ୍ଟି କରିବା କିମ୍ବା ଅପବ୍ୟବହାର ନକରିବା ।

ଆପଣଙ୍କ କାମ କରିବା ଫଳରେ ଆମକୁ ହେଉଥିବା କୌଣସି ଆଘାତ, ଚାପ କିମ୍ବା ଅସୁସ୍ଥତାକୁ ଯଥା ଶୀଘ୍ର ରିପୋର୍ଟ କରିବା ।

ଯଦି ଆମେ ଗାଡ଼ି ଚଲାଉ କିମ୍ବା ଯନ୍ତ୍ରପାତି ଚଲାଉ, ତେବେ ଆମେ ଯଦି ଏପରି ଔଷଧ ଖାଉ ଯାହା ଆମକୁ ନିଦ୍ରାଳୁ କରିଥାଏ ତେବେ ଆମକୁ ଉପରିସ୍ଥ ଅଧିକାରୀଙ୍କୁ ଜଣାଇବା ଉଚିତ୍। ଯଦି ଆମେ ଏପରି କରିଥାଉ, ତେବେ ସେମାନେ ଆମକୁ ଅସ୍ଥାୟୀ ଭାବରେ ଅନ୍ୟ ଏକ ଚାକିରିକୁ ସ୍ଥାନାନ୍ତର କରିବା ଉଚିତ୍, ଯଦି ସେମାନଙ୍କ ପାଖରେ ଆମ ପାଇଁ ଏକ କାମ ଅଛି।

ବୃତ୍ତିଗତ ସ୍ୱାସ୍ଥ୍ୟ ଏବଂ ସୁରକ୍ଷା (OHS) କିମ୍ବା କର୍ମକ୍ଷେତ୍ର ସ୍ୱାସ୍ଥ୍ୟ ଏବଂ ସୁରକ୍ଷା (WHS) :-ଏହା କାର୍ଯ୍ୟ କିମ୍ବା ନିଯୁକ୍ତିରେ ନିୟୋଜିତ ଲୋକଙ୍କ ସୁରକ୍ଷା, ସ୍ୱାସ୍ଥ୍ୟ ଏବଂ କଲ୍ୟାଣ ସହିତ ଜଡିତ ଏକ କ୍ଷେତ୍ର। ବୃତ୍ତିଗତ ସୁରକ୍ଷା ଏବଂ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମର ଲକ୍ଷ୍ୟ ହେଉଛିଏକ ନିରାପଦ ଏବଂ ସୁସ୍ଥ କାର୍ଯ୍ୟ ପରିବେଶକୁ ପ୍ରୋତ୍ସାହିତ କରିବା।

ଆପଣଙ୍କ ପରିବାରକୁ ଆପଣ ଦେଇପାରିବେ ସବୁଠାରୁ ଭଲ ଉପହାର, ତାହାହେଉଛି ଆପଣ ! ଦୟାକରି ନିଜେ ସୁରକ୍ଷିତ ରହିବା ସହିତ ଅନ୍ୟଙ୍କୁ ସୁରକ୍ଷିତ ରଖନ୍ତୁ ।

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022 ସମ୍ପାଦକ : ଜୟାଶୀଷ ରାୟ

# ହାତ ଧରି ଚାଲୁଥିବା ଜୀବନ ସାଥୀ

**ସୁନନ୍ଦା ମହାନ୍ତି**

ପ୍ରତିଦିନ ବାରିପଟେ ଘାସ ବାଛିବା ଅଭ୍ୟାସ ନିତେଇର । ମାଆ ବୋଲି ମାନୁଥିବା ମାଟି ମାଆ ଉପରେ ତାର ସବୁଠୁ ବିଶ୍ୱାସ। ନିଶ୍ୱାସ ମାରି ମାରି ଘାସ ବାଛି ମାଟି ହାଣି ପରିବା ଚାଷ ତାର ଏବେ ଜୀବନ, ଜୀବିକା ଓ ବେଉଷା। ଘାସ ବାଛୁ ବାଛୁ ଚାହେଁ ଆକାଶକୁ ନିତେଇ ଓ ଭାବେ ଏ ଆକାଶ, ମାଟି ଓ ମାଟି ଉପରେ ଥିବା ନଈ ନାଳ ଓ ହ୍ରଦ ମଧ୍ୟ କଣ କାହାର ନା କାହାର ନାମରେ କେହି କରିଦେଇଛି ନା କଣ ! ପରିବା ଚାଷ କରି ତାହା ବଜାରରେ ଯୋଉ ଜାଗାରେ ଗଦେଇ ବିକ୍ରୀ କରି ଚଳି ଯାଉଥିଲା ସେଠି ପୋଲିସ ବାବୁ ପହଁଞ୍ଚି କହିଲା ଏ ଜାଗାରେ ବେପାର କରିବା ସୂତ୍ର ତତେ ଜଣାନାହିଁ, ଯା ଯା ଭାଗ ଏଠୁ। କହିଲା ତ କହିଲା ଜିପ ପଛପଟେ ପରିବା ବସ୍ତା ଲଦି ଗଲାବେଳେ ସେ ଭରଷି ପଚାରି ପାରିଲା ନାହିଁ କି ଆଉ ଯୋଉ ସବୁ ବେପାରୀ ତାଙ୍କ ଭଳି ଭଳି ଚିଜ ଧରି ଏଠି ଭିନ୍ନ ଭିନ୍ନ ବେପାର କରୁଛନ୍ତି ସେମାନେ କଣ ଏ ଜାଗା କିଣିନେଇଛନ୍ତି ? ସେତେବେଳେ ନିତେଇର ବାପା କଥା ମନେପକେଇ ସେ ପଚାରିପାରିଲାନି ସେକଥା କାରଣ ବାପା ମରିବା ପୂର୍ବରୁ କହିଯାଇଛି ପୁଅରେ ବୋକା ବୋଲି କାହା ଆଗରେ ନିଜକୁ ପ୍ରଣାମ କରିବୁନି ବରଂ ବୁଝିନାପାରିଲେ ଦୂରେଇ ଯିବୁ ତ ବାପାଙ୍କର ପୁରୁଣା ମାଛ ମରା ଜାଲ କାଢି ସେ ମାଛ ଧରିଲା ନାଳରୁ କିନ୍ତୁ ଏଯାଏଁ ଜାଣିଥିବା ସେ ସର୍ବସାଧାରଣ ନାଳ ଟା ମଧ୍ୟ କେବେଠୁ ସେ ମୋଟା ଲୋକ କବାଜ୍ଜାକୁ ଆସିଥିଲା ସେ ବୁଝିନାପାରିବା ବେଳେ ଦେଖିଥିଲା ତା ପରି ଅନେକ ସେଠାରେ ମାଛ ମାରି ସାରି ମୋଟା ପେଟୁଆ ଲୋକଟାକୁ ମାରିଥିବା ମାଛର ଏକ ତୃତୀୟାଂଶ ଦେଇ ଚାଲିଯାଉଛନ୍ତି ତ ସେଇଟା କଣ ଲାଞ୍ଚ ବୋଲି ସେ ପଚାରିପାରୁନଥିଲା କାହାକୁ କାରଣ ବାପା କୁହେ ପୁଅରେ ସେ ଲାଞ୍ଚ ଦେବା ଓ ନେବା ଏକ ଅପରାଧ ତ ସେପରି ଅପରାଧବୋଧକ କଥାଟା ସେ କେମିତି ପାଟିରେ ଧରନ୍ତା ! ଖାଲି କଣ ସେତିକି ! ହିଡ଼ ତଲୁ ପିତା ଶାଗ, ମଦରଙ୍ଗା ଶାଗ ଇତ୍ୟାଦି ଜାତି ଜାତି ଶାଗ ତୋଳି ବିକିବାକୁ ବସିଲା ବେଳେ ତାଙ୍କରି ସାହି ହରିଆ ପଟେ କଳି କଲା ତା ସହ ଯେ ଏଠି ମୁଁ କେବେଠୁ ଶାଗ ତୋଳୁଛି ତ ତୋର ଏଠି ଅଧିକାର ନାହିଁ। ନିତେଇ କିଛି ବୁଝିପାରୁନଥିଲେ ବି ଏତିକି ବୁଝିଯାଇଥିଲା ଯେ ବାପା କହୁଥିଲେ ଜୋର ଜାର ମୂଳକ ତାର। ସେ ଏବେ ରୋଜଗାରର ଭିନ୍ନ ଭିନ୍ନ ପନ୍ଥା ଆପଣେଇବାକୁ ଯାଇ ବଡ଼ ତକଲିଫ ବା ଅସୁବିଧାର ସମ୍ମୁଖୀନ ହେଇ କଷ୍ଟ ପାଉଥିଲା ତ ବୁଝିପାରୁନଥିଲା ତା ଚାରିପ୍ରାଣୀ କୁଟୁମ୍ବ ଚଳିବେ କେମିତି !

ପୁଅ କହୁଥିଲା ବହି କି ଖାତା କିଣି ନଦେଲେ ସେ ଆଉ ସ୍କୁଲ ଯିବନି ତ ନିତେଇ ଛାନିଆଁ ହୋଇଯାଉଥିଲା । ତା ପରି ପୁଅଟା ପାଠ ଦି ଅକ୍ଷର ନପଢିଲେ କେମିତି ଜାଣିବ କୋଉଠି କଣ କହିବାକୁ ତଥା କରିବାକୁ ହୁଏ ! ପୁଣି ଝିଅ କହୁଛି ତାଙ୍କର ୟୁନିଫର୍ମ ଭାବେ ଶୀତ ଦିନିଆଁ ନାଲି ସୋଏଟର କିଣି ନଦେଲେ ସେ ଆଉ ସ୍କୁଲ ଯିବନି। ଝିଅ ଘିଅ ତାକୁ ବେଶି ଦିନ ଘରେ ରଖିହେବନି ସତ କିନ୍ତୁ ପିଲାଦିନୁ ପାଠ ଦି ଅକ୍ଷର ନପଢିଥିଲେ ରାମାୟଣ କି ଗୀତା ଭାଗବତ ପଢିବ କେମିତି ! ସ୍ତ୍ରୀ ମଧ୍ୟ କହୁଛି ଯେତେ ସୁନା ରୁପା ମୋ ବୋଉ ମତେ ଦେଇଥିଲା ସେସବୁ ନେଇ ଦୁଇ ଭଉଣୀ ବାହା କଲ। ଏବେ ଅନ୍ତତଃ ନାକକୁ ଫୁଲଟିଏ କରିଦିଅ ନଚେତ ମୋ ହାତରୁ ତୁମ ପିତୃପୁରୁଷ ପାଣି ପାଇବେ କେମିତି। ଦେହରେ ଚ଼ିନେ ସୁନା ନଥିଲେ ପିତୃପୁରୁଷ କାଳେ ପାଣିପାଇବେନି। ଏକଥା ସତ କି ମିଛ ବୁଝିବାକୁ ସେ ଗାଁ ଅବଧାନଙ୍କୁ ଅଟକେଇ ପଚାରିବାରୁ ସେ କହିଲେ ଆରେ ନାଶ ଟିକେ ନାହିଁ ଦେଲୁ ଆଗ କୋଡିଏଟା ଟଙ୍କା। ଗୁରୁଜନ ପୁଣି ବୟସ୍କ ଲୋକଙ୍କୁ ଦେଲେ ସେଇଟା ଲାଞ୍ଚ କୁହାଯାଏନି ବୁଝିଥିବା ନିତେଇ ଅଣ୍ଟିରୁ କୋଡିଏ ଟଙ୍କା କାଢି ଅବଧାନଙ୍କ ହାତକୁ ବଢ଼େଇ ଦେବା ପରେ ସେ କହିଲେ ହୁଣ୍ଡା ଟା। ଟଙ୍କା କଣ ଏମିତି ରଖା ଯାଏ। ମୁଁ ବୋଲି ନଉଛି ଆଉ କେହି ହୋଇଥିଲେ ଭାଙ୍ଗ ବସି ଅଙ୍କେ ଚିରିବାକୁ ବସିଥିବା ଏ ଟଙ୍କାକୁ କିଏ ନିଅନ୍ତା ତୋ ହାତରୁ ! ସେଦିନ କାହିଁକି କେଜାଣି ସବୁଠୁ ବିଶ୍ୱସ୍ତ ଲାଗୁଥିବା ଅବଧାନଙ୍କ କଥା ନିତେଇକୁ କେମିତି କେମିତି ଲାଗୁଥିଲା ବେଳେ ପୁଅ କହୁଥିଲା ବାପା ମୋ ବହି ଆଣିଲ ? ଝିଅ କହୁଥିଲା ମୋ ପାଇଁ ନାଲି ସୋଏଟର କେବେ ଆଣିବ ବାପା। ତ ସେତିକି ବେଳେ ସ୍ତ୍ରୀ କହୁଥିଲା ମୋର ନାକ ଫୁଲ ଆଣିବା ଦରକାର ନାହିଁ। ପିଲାଙ୍କ ଆବଶ୍ୟକତା ପୁରଣ କରିବାକୁ ଏଇ ନିଅ ଟଙ୍କା ଏକାକାଳୀନ ଦୁଇହଜାର ଟଙ୍କା ଦେଖି ନିତେଇର ଅପାଠୁଆ ମନ ବିବେକ ବୁଦ୍ଧି ଓ ଜ୍ଞାନ ଉଦୟ ହୋଇ ନିତେଇ ଭାବୁଥିଲା ଏଇ ସ୍ତ୍ରୀ ହାତ ଧରି ଚାଲିବାକୁ ବେଦୀରେ ବସିବା ଦିନୁ କଥା ଦେଇ ତା କଥା ରଖିଆସିଛି ସେ ଆଜିଯାଏଁ ବିନା ଭେଜାଲରେ। ଆମ ନିଜ ବାଡ଼ିରେ ତୁମ ପରିବା ଚାଷ ସାଙ୍ଗକୁ ମାଟି ମାଆ ସାହାଯ୍ୟରେ କଣ୍ଢେଇ ଗଢି ଅଳ୍ପ ରଙ୍ଗ ଦେଇ ବିକ୍ରୀ କରି ହାତଧରି ସାଥି ଜାନକୀ ସ୍ୱାମୀ ନିତେଇ ପଛେ ପଛେ ତାଙ୍କ ନିଜ ଘର ପଛପଟକୁ ଦୁହେଁ ଚାଲୁଥିଲେ ସଂସାର ନାଆ ଆଗକୁ ବାହି ନେବାକୁ ଅପାଠୁଆ ନିତେଇ ବୁଝିଯାଇଥିଲା ସ୍ତ୍ରୀ ଟା ତାର ନଈ ପରି ସଂସାର ରାସ୍ତାରେ ଆହୁଲାଟିଏ।

ସାକ୍ଷୀଗୋପାଳ
ପୁରୀ, ମୋ : ୯୦୪୦୯୭୭୩୨୭

# କର୍ତ୍ତବ୍ୟ

**ସତ୍ୟନାରାୟଣ ପ୍ରଧାନ**

ଘରେ ଚଳିବାକୁ ଅସୁବିଧା ଥିବାରୁ ସାନଭାଇ ଗାଁ ଛାଡ଼ି ବିଦେଶକୁ ରୋଜଗାର ଆଶାରେ ବାହାରି ପଡିଲା । ଘରେ ବାପା ମାଆଙ୍କ ଇଚ୍ଛା ନ ଥିଲେ ବି ସାନ ଭଉଣୀର ବାହାଘର ପାଇଁ କରଜ କରିଥିବା ଟଙ୍କାକୁ ତ ସୁଝିବାକୁ ପଡିବ। କିଛି ନ କରି ଖାଲି ବସି ରହିଲେ ଏତେ ଟଙ୍କା କେଉଁଠୁ ଯେ ଆସିବ । ବଡଭାଇ ଥିଲେ ବି ବାପା ସାନଭାଇ କାମ ଧନ୍ଦା କରୁ ଥିବାରୁ ସେ ପରିବାର ଲାଗି ବେଶି ଚିନ୍ତିତ ନ ଥିଲା । ଘରେ ସ୍ତ୍ରୀ ପିଲାଛୁଆଙ୍କୁ ଛାଡ଼ି ଗଲା ବେଳେ ଆଖି ଦୁଇଟା ତାର ଲୁହରେ ଛଳ ଛଳ ହୋଇ ଯାଉଥିଲା । ଯାହା ହେଉ ଦୁଃଖ କଷ୍ଟ ଭିତରେ ତାର ରୋଜଗାର ଟଙ୍କାରେ ଧୀରେ ଧୀରେ ସୁଝିବା ଚାଲୁ ରହିଥିଲା । ସେ ଘର ଛାଡ଼ି ବାହାରେ ଥିବାରୁ ବାପା ମାଆଙ୍କ ଦେହ ପା ଖବର ବଡ଼ଭାଇ ଗୁରୁତ୍ୱ ଦେଉ ନ ଥିଲା ।

ସାନଭାଇର କରଜ ଟଙ୍କା ସୁଝା ସରିବାରୁ ପାଖରେ ବେଶି ନ ହେଲେ ଯେତେ ଟଙ୍କା ବଳି ପଡିଥିଲା ତାକୁ ନେଇ ଗାଁକୁ ଫେରି ଆସିଲା । ପରିବାର ପୋଷିବାକୁ ହେଲେ ନିହାତି କିଛି ଗୋଟେ କରିବାକୁ ହେବ ଭାବି ନିଜ ଗାଁ ଶେଷ ମୁଣ୍ଡରେ ଛୋଟ ଦୋକାନ ଦେଇ ବସିଲା। ଘରେ ସମସ୍ତେ ଏକାଠି ରହି ଆସୁଥିଲେ ତେଣୁ ନିହାତି ସଉଦା ପନି ପରିବା ଅଧିକ କିଣିବାକୁ ପଡିବ । ବଡଭାଇ କମ୍ପାନୀରେ କାମ କରୁଥିବାରୁ ମାସକୁ ମାସ ଦରମା ପାଏ। ତାର ଇଚ୍ଛା ହେଲେ ମାସେ କି ଦୁଇ ମାସରେ ଥରେ ଘର ପାଇଁ ପନି ପରିବା ସଉଦା କିଣେ ପୁଣି ଚୁପ ହୋଇ ରହିଯାଏ। ସେ ସକାଳୁ କମ୍ପାନୀ ଯିବ ବୋଲି ତା ପାଇଁ କେବେ ରୁଟି ପରଟା ପିଠା ଭଜା ତିଆରି ହୁଏ । ବାପା ଓ ସାନଭାଇ ପାଇଁ ଖାଲି ପିଇବାକୁ ଚାହା ସାଥେ ମୁଢ଼ି । ଘରର ଗୋଟେ ବଡ଼ବୋହୂ ହିସାବରେ କେବେ ତାର ମନ କହିନାହିଁ ନିଜ ସ୍ୱାମୀଙ୍କ ପାଇଁ ସକାଳ ଜଳଖିଆ ସାଙ୍ଗକୁ ଦିଅର ଶ୍ୱଶୁର ଲାଗି ତିଆରି କରିଦେବାକୁ ।

ସାନଭାଇ ଦୋକାନରେ ବସି ମନଦୁଃଖ କରେ ଘର ଲାଗି ଏତେ ସବୁ କଲାପରେ ଶେଷରେ ତାକୁ ଏଭଳି ଦିନ ଦେଖିବାକୁ ପଡୁଛି ବୋଲି । ଦୋକାନଟି ନୂଆ ଖୋଲା ହୋଇଥିବାରୁ ସେତେ ବେପାର ହେଉ ନ ଥିଲା ପୁଣି ତା ସାଙ୍ଗକୁ ଘରଖର୍ଚ୍ଚ । ଗୋଟେ ବଡ଼ଭାଇ ହିସାବରେ କାଳେ ଅଭାବ ଅସୁବିଧା ଥିବ ତାକୁ ଦୋକାନ ପାଇଁ କେବେ କେଉଁଦିନ ଗୋଟିଏ ଟଙ୍କା ଖର୍ଚ୍ଚ କରିବାକୁ ଦେଇନାହିଁ । ବାପା ମାଆ ବଞ୍ଚି ଥାଉଁ ଥାଉଁ କୌଣସି ନିଷ୍ପତ୍ତି ନେଲେ ସେମାନଙ୍କ ଆତ୍ମାକୁ ବାଧିବ। ସେମାନଙ୍କ ଆଖିରୁ ଅଦେଖା ଲୁହ ଝରିବ । ଗାଁ ଗଣ୍ଡାରେ ସେମାନେ ଆଗଭଳି ବାଟ ଚାଲି ପାରିବେ ନାହିଁ । ପରିସ୍ଥିତି ଯାହା ହେଉ ନା କାହିଁକି ବଡ଼ଭାଇ ଘରର ପୁଅ ହିସାବରେ ତାର କର୍ତ୍ତବ୍ୟ ନ କରୁ ପଛେ ସେ ପୁଅର କର୍ତ୍ତବ୍ୟ ପାଳନ କରିବା ତାର ସୌଭାଗ୍ୟ ବୋଲି ତା ଭାବନା ରାଜ୍ୟକୁ ଚାଲି ଆସୁଥିଲା ।

ସା /ପୋ - ଅଣ୍ଡିଆ
ଜିଲ୍ଲା - ଯାଜପୁର
ମୋ -୯୧୭୮୩୧୩୬୪୪

# ଓଜନିଆ ଗପ

**ଘନଶ୍ୟାମ ପଲେଇ**

ଠିକ୍ ବର୍ଷେ ପରେ ପରେ ଦିନେ ଫୋନ୍ କଲଟିଏ ଆସିଲା। - ନମସ୍କାର ସାର... ଆପଣ ବିବେକ ସାର୍ କହୁଛନ୍ତି ତ ?

ମୁଁ କହିଲି— ହଁ...

- ଆପଣଙ୍କ ଗପଟେ ଆଜି ଅମୁକ ଖବରକାଗଜରୁ ପଢ଼ିଲି। ଭାରି ଭଲ ଲାଗିଲା ସାର..

ମୁଁ ଟିକେ ଆଶ୍ଚର୍ଯ୍ୟ ହୋଇ ପଚାରିଲି—କେଉଁ ଗପଟି କଥା କହୁଛନ୍ତି ? ଏଇ ରବିବାର ବାହାରିଥିବା ଗପଟି କି ?

ସେପଟୁ ସାଥିସାଥି ଉତ୍ତର ଆସିଲା— ନା ସାର ନା... ଗତ ବର୍ଷ ବାହାରିଥିବା 'ସମ୍ବର୍ଦ୍ଧନା' ଗପଟି।

ମୁଁ ସତରେ ଆଶ୍ଚର୍ଯ୍ୟଚକିତ ହୋଇଗଲି। ବର୍ଷେ ତଳର ଗପ! ମୋତେ ଲାଗିଲା ସିଏ ବୋଧେ ମିଛ କହୁଛନ୍ତି।

ମୁଁ ପଚାରିଲି—ଏହା ତ ବର୍ଷେ ତଳର ଗପ... !

— ହଁ ସାର ଏବେ ମଧ୍ୟ ଏହାକୁ ମୁଁ ହାତରେ ଧରିଛି...କହି ସିଏ



ଗପଟିକୁ ଏମିତି ଅନର୍ଗଳ କହିଗଲେ... ଯେମିତି ଗପଟି ତାଙ୍କ ମନରେ ଚୁମ୍ବକ ଭଳି ଲାଗି ରହିଛି।

ମୁଁ ନିଶ୍ଚିତ ହେଲି— ସିଏ ସତ କହୁଛନ୍ତି। ମୋର ମନ ଭିତରେ ଅଜଣା ଆନନ୍ଦ ଭରିଗଲା। ମୁଁ ତାଙ୍କୁ ନମସ୍କାର କଲି, ଧନ୍ୟବାଦ ଦେଲି। ମୋତେ ଲାଗିଲା— ନିଶ୍ଚୟ ସିଏ ଜଣେ ବଡ ଲେଖକ କିମ୍ବା କୌଣସି ଗବେଷଣାରତ ବ୍ୟକ୍ତିତ୍ୱ ହେଇଥିବେ।

କିନ୍ତୁ ସିଏ ବଡ ଅସହାୟ ଓ ସରଳ ସ୍ୱରରେ କହିଲେ— ସାର... ଆପଣ ମୋତେ ଧନ୍ୟବାଦ ଦିଅନ୍ତୁ ନାହିଁ। ମୁଁ ଜଣେ ସାଧାରଣ ଦିନମଜୁରିଆଟିଏ। ଗପ ଭଲ ଲାଗେ ବୋଲି ପଢ଼େ। ଏଇ ଗପଟି ଆମ ଭଳି ତଳପାହାଚର ଲୋକଙ୍କ ପାଇଁ ଲେଖାଯାଇଛି। ଏହା ଆମକୁ ଉତ୍ସାହ ଯୋଗାଉଛି, ସେଥିପାଇଁ ତ ଫୋନ୍ ନ କରି ରହି ପାରିଲି ନାହିଁ...

ଟିକେ ନିଶ୍ୱାସ ମାରି ପୁଣି କହିଲେ—ମୁଁ ପୁରୁଣା ରଦି ପେପର ଘରଘର ବୁଲି କିଣେ। ଆଜି ଓଜନ କରୁକରୁ ନିକିତିର ଗୋଟିଏ ପାଖ ଭାରି ହୋଇଗଲା। କିଛିଟା କାଢ଼ିଦେଲା ବେଳେ ଆପଣଙ୍କ ଗପଟି ଉପରକୁ ରହିଗଲା। ନଜର ପଡ଼ିଲା। ସ୍ୱଭାବବଶତଃ ପଢ଼ିଦେଲି। ଏଇଭଳି ଓଜନିଆ ଗପ ଆହୁରି ଲେଖନ୍ତୁ ସାର..

ପୁଣିଥରେ ଗଦଗଦ ସ୍ୱରରେ କହିଲେ— ଭଗବାନ ଆପଣଙ୍କ ମଙ୍ଗଳ କରନ୍ତୁ। ରହୁଛି ସାର... ନମସ୍କାର। କହି ଫୋନ୍‌ଟି କଟିଗଲା।

ଫୋନ୍ ସିନା କଟିଗଲା, କିନ୍ତୁ ମୋତେ ସିଏ ଭାବନାର ଗଭୀର ରାଜ୍ୟରେ ବୁଡ଼ାଇ ଦେଇଗଲେ। ମୋର ଏତେଦିନର ଧାରଣା— ମୋ ଭଳି ସାଧାରଣ ଲେଖକକୁ କିଏ ପଢ଼େ ? କିଏ ମନେ ରଖେ ? ...ଆଜି ଭାଙ୍ଗିଗଲା। ମୋତେ ମିଳିଲା ଢେର ସାରା ପ୍ରେରଣା। ମୋତେ ଲାଗିଲା— ମୋର ଲେଖିବାର ଉଦ୍ଦେଶ୍ୟ ଧିରେ ଧିରେ ପୂରଣ ହେଉଛି।

ଟେନସା, ସୁନ୍ଦରଗଡ-୪୨,
ମୋ- ୯୪୩୭୭୧୮୫୦୦

# ବେଷ୍ଟ ଅଫ୍ ଲକ୍

**ସୁକାନ୍ତି ରାଉତ**

ଶବ ପାଖରେ ସି କାନ୍ଦୁଥିଲା ୪ ବର୍ଷର ଶିଶୁ ରୋହିତ୍। ତାକୁ ଭୋକ ଲାଗୁଥିଲା କାଲି ରାତିରୁ ତା ମା' ତାକୁ ଖାଇବାକୁ ଦେଇନି। ରାତିରେ ୬ କି ୭ ଥର କ୍ଷୀର ଖାଏ। ଶବ ପାଖରେ ରୁଣ୍ଡ ହୋଇଥାନ୍ତି ଗାଁ ସାରା ଲୋକ ଏବଂ ସ୍ଥାନୀୟ ପୋଲିସ୍। ପୋଲିସ୍ ଅନୁସନ୍ଧାନରୁ ଜାଣିଲା-ତା ବାପା ହିଁ ତାକୁ କଟୁରୀ ହାଣି ମାରି ଫିଙ୍ଗିଦେଇଛି। ଆଉ ଅତି ସନ୍ତର୍ପଣରେ ପୋଲିସ୍ ପାଖେ ନେହୁରା ହୋଇ କହୁଛି ମୋ ସ୍ତ୍ରୀକୁ ମୁଁ ବହୁତ ଭଲପାଏ ତାକୁ କାହିଁକି ମାରିବି। ଶବ ପାଖରେ ସେ ବି ଛିଡ଼ା ହୋଇଥାନ୍ତି। ପୁଅ ରୋହିତ୍‌କୁ ହାତ ଠାରି ଡାକୁଥାନ୍ତି। ପୁଅ ରୋହିତ କାନ୍ଦ କାନ୍ଦ ହୋଇ କହୁଥାଏ ନାଇଁ- ମୁଁ ତମ ପାଖକୁ ଯିବିନି, ମୁଁ ତମ ପାଖକୁ ଗଲେ ତମେ ପୁଣି ଆସି ମାଆକୁ ମାରିବ। ମାଆ ଦେହ ଖରାପ ଅଛି। ସେ ଉଠିଲେ ମୋତେ କ୍ଷୀର ଖାଇବାକୁ ଦେବ। ତମେ ଯାଅ ସେଇ ଝିଅପାଖକୁ। ମୁଁ ପରା ଦେଖିଛି ତମେ କାଲି ରାତିରେ ମାଆକୁ ପ୍ରବଳ ମାରିଲ ଆଉ କହିଲ କୋଉ ଗୋଟେ ଝିଅକୁ ଘରକୁ ଆଣିବ। ମାଆ ତମକୁ ବୁଝାଉଥିଲା। ତମେ ମାରିଚାଲିଥିଲ ସେମିତି। ମାଆ ବି ମୋ ଉପରେ ରାଗି ମୋତେ ବି ମାରୁଥିଲା। ପୁଣି କହୁଥିଲ-ଏ ଘର ଛାଡ଼ି ତମେ ମାଆ ପୁଅ ଦୁଇ ଜଣ ଚାଲିଯାଅ। ମୁଁ ବି କହୁଥିଲି ନାଇଁ ବାବା ଆମେ କୁଆଡ଼େ ଯିବୁ ଯେ। ମୁଁ ଟିକେ ବଡ଼ ହୋଇ ଚାକିରି କରେ। ମାଆକୁ ନେଇ ପଳାଇବି ଆଉ ଜମା ତମ ପାଖକୁ ଆସିବି ନାହିଁ। ମାଆ ହାତରେ ରକ୍ତ ବାହାରୁଛି। ଡାହାଣ ହାତ ଫୁଲି ଯାଇଛି। ମୁଁ ତେଲ ଲଗାଇ ମାଲିସ୍ କରିଦେଲେ ସେ ଭଲହୋଇଯିବ। ମୁଁ ମୋ ମାଆକୁ ଛାଡ଼ି ଯାଇପାରିବି ନାହିଁ। ସବୁ ଥର ତ ବାବା ତୋତେ ମାରନ୍ତି, ଆଉ ମୁଁ ମୁଭ୍ ମାଲିସ୍ କରିଦେଲେ ତୋର ଭଲହୋଇଯାଏ। ତୁ ପୁଣି ଉଠି ମୋତେ ଖାଇବାକୁ ଦେଉ, ବାବାଙ୍କୁ ଖାଇବାକୁ ଦେଉ ଆଉ ସବୁ କାମ ବି କରୁ। ଆଜି କେତେ ମାଲିସ୍ କଲିଣି, ଜମା ଉଠୁନୁ। ହଉ ନ ଉଠୁ। ମୁଁ ବି ରାଗିବି, ମୋତେ ବି ରାଗି ଆସେ। ଆଉ ତୋ ପୁଅ ଜମା ହେବିନି। କିନ୍ତୁ ରୋହିତ ଜାଣି ନ ଥିଲା ଯେତେ ମୁଭ୍ ଘଷିଲେ ବି ମାମା ତାର ଆଉ ଉଠି ଖାଇବାକୁ କେବେ ଦେବ ନାହିଁ। ରୁଣ୍ଡ ହୋଇଥିବା ସମସ୍ତ ଲୋକ ଭୋ ଭୋ ହୋଇ କାନ୍ଦୁ ଉଠୁଥାନ୍ତି ରୋହିତ୍ କଥା ଶୁଣି। ରୋହିତ କିଛି ବୁଝିପାରୁ ନ ଥାଏ। ସବୁବେଳେ ତ ବାପା ମାରନ୍ତି। ମାଆ ପାଖେ କେହି ଆସନ୍ତନି। ଯେତେ ମାଡ଼ ଖାଇଲେ ବି ମୁଁ ଟିକେ କାନ୍ଦିଦେଲେ ମୋତେ ସବୁ କାମ ପଛରେ ପକାଇ ଆଗ କୋଳେଇ ନେଇ ଖାଇବାକୁ ଦିଏ, ଗେଲ କରେ ଆଉ ମୋ ମଥାରେ ଗୋଟେ କେତେ ଚୁମ୍ବନ ଦିଏ। ହେଲେ ଆଜି କାହିଁ ଏତେ ଲୋକ। ମଝିରେ ମଝିରେ ପୁଣି କାନ୍ଦୁଥିଲା। ଲୋକ ଘେରିଥିଲେ। ପୋଲିସ୍ ପହରା ଦେଉଥିଲା ତୁହାକୁ ତୁହା।

ଆଉ ଶେଷରେ ମରିଥିବା ନନ୍ଦିନୀର ସ୍ୱାମୀକୁ ଗିରଫ କରି ଜେଲ୍ ଅଭିମୁଖେ ନେଇଗଲେ। ରୋହିତ କହୁଥିଲା-ମୁଁ ଯେବେ ଖେଳୁ ଖେଳୁ ପଡ଼ିଯାଏ, ମାମା କହେ, ଜମା ବ୍ୟସ୍ତ ହୁଏନା। ମୋ ଗାଲରେ ଗୋଟେ ଚୁମ୍ବନ ଆଙ୍କି ଦେଇ କହେ ବେଷ୍ଟ ଅଫ୍ ଲକ୍। ମୁଁ ଜାଣେନା ଏହାର ପ୍ରକୃତ ଅର୍ଥ କ'ଣ ? କିନ୍ତୁ ଏତିକି ଜାଣେ ଏହା ଆଗକୁ ଯିବା ପାଇଁ ଉତ୍ସାହ ଦିଏ-ମମି କହିଛି। ମାମାକୁ ବହୁ ଥର ପଚାରିଛି-କହ ମାମା ତୋତେ କାହିଁକି ବାରମ୍ବାର ବାବା ପିଟୁଛନ୍ତି। କେତେ ଥର ଶୁଣିଲିନି ବାବାଙ୍କୁ ଖାଲି କହୁଛୁ ଯେ ମୋତେ ଯେତେ ମାରୁଛ ମାର କିନ୍ତୁ ତମେ ଭଲ ମଣିଷ ହୋଇଯାଅ। ଅନ୍ତତଃ ତମ ପିଲାର ମୁହଁକୁ ଥରେ ଚାହଁ। ସେ ମଦ ଆଉ ଝିଅରୁ କ'ଣ ମିଳିବ ? କିନ୍ତୁ ମାମା ମୋତେ କହେନା, ମିଛ କହି ଭୁଲେଇ ଦିଏ। ଓଲଟି ମୋତେ ମାରେ। ପାଠ ପଢ଼, ଆଉ ଡ୍ରାର୍ଡ଼ କମ୍ପିଟିସନ୍‌ରେ ଫାଷ୍ଟ ହେଲେ ତୋତେ ଗୋଟେ ଏଲିଫ୍ୟାଣ୍ଟ କିଣିଦେବି। ମୁଁ ଖୁସି ହୋଇଥାଏ ଆଉ କହେ ହଁ, ନିଶ୍ଚିତ ଫାଷ୍ଟ ହେବି। ମାମା କହେ- ଆଡ଼ଭାନ୍ସ ବେଷ୍ଟ ଅଫ୍ ଲକ୍। ବାବା ତମକୁ ବି ବେଷ୍ଟ ଅଫ୍ ଲକ୍। ଲୁହ ଭିଜା ନୟନରେ ପଛକୁ ଫେରି ଚାହିଁଥିଲେ ରୋହିତ୍‌କୁ ଆଉ କହିଥିଲେ ଏବେ ଭଲମଣିଷ ହେବାକୁ ଚେଷ୍ଟା କରିବି। ଅପଲକ ନୟନରେ ଚାହିଁଥିଲା ରୋହିତ୍।

ଫୋନ୍ : ୮୮୯୫୩୦୪୫୫୬
ଇ-ମେଲ : serveforthenation@gmail.com

**ମଦନ ମୋହନ ମହାପାତ୍ର**

# ଏଠି ପ୍ରେମ କରିବା ମନା

ମନୋଜ ଘଣ୍ଟାକୁ ଚାହିଁଲା । ସାଢ଼େ ଦଶ ହବାକୁ ଯାଉଛି। ସେ ପାର୍କ ଯିବାକୁ ବାହାରି ପଡ଼ିଲା । ଅନେକ ଦିନ ହବ ପାର୍କକୁ ଯାଇନି । ପ୍ରାତଃ ଭ୍ରମଣକାରୀ ଓ ଯୋଗ ଅଭ୍ୟାସକାରୀଙ୍କ ଗହଳି ଭାଙ୍ଗିଲା ପରେ ହିଁ ସେ ସବୁବେଳେ ପାର୍କକୁ ଯାଏ। ତାକୁ ଗହଳି ଭଲ ଲାଗେନି। ଏ ସହରୀ ଜୀବନରେ କିଛି ଘଣ୍ଟା ପ୍ରାକୃତିକ ପରିବେଶରେ ନିଃଶ୍ୱାସ ନ ନେଲେ ସତରେ ଖୁବ୍ ଅଣନିଃଶ୍ୱାସୀ ଲାଗେ । ପାର୍କଟା ଘରଠୁ ବେଶୀ ଦୂର ନୁହେଁ କାରରେ ଖୁବ୍ ଅଳ୍ପ ସମୟ ଲାଗେ..। ଆଜି କାରଟା ପାର୍କିଂ ଜୋନରେ ପ୍ରବେଶ ହବା ଆଗରୁ ଗେଟ୍ କାନ୍ଥରେ ଲାଗିଥିବା ଗୋଟାଏ ନୋଟିସ୍ ତା ଆଖିରେ ପଡିଲା । ପାର୍କକୁ ଆସିବା ସମୟ ସାରଣୀ ସଙ୍କୁଚିତ ହେଇଛି। ସକାଳ ୬ ରୁ ରାତି ୮.୦୦ ପରିବର୍ତ୍ତେ ସକାଳ ୬ ରୁ ୧୧.୩୦ ଓ ଅପରାହ୍ନ ୩ ରୁ ରାତି ୮.୦୦ । ହଠାତ୍ ଏ ପରିବର୍ତ୍ତନ ତାକୁ ଆଶ୍ଚର୍ଯ୍ୟ ଓ ଦୁଃଖିତ କଲା। କାରଣ ଏ ସମୟ ତା ଜୀବନ ଚର୍ଯ୍ୟା ପାଇଁ ଅନୁକୂଳ ନୁହେଁ।

ପାର୍କ ଭିତରେ ଅଧ ଘଣ୍ଟାଏ ହେଇଛି କି ନାହିଁ ଜଣେ ସିକ୍ୟୁରିଟି ଗାର୍ଡ୍ ପରୀକ୍ଷା ହଲ୍‌ର ନିରୀକ୍ଷକଙ୍କ ଭଳି ସୂଚନା ଦେଲେ - ସାର୍! ସାଢ଼େ ଏଗାରରେ ପାର୍କ ବନ୍ଦ ହେବ।

ସେ ତାକୁ ପାଖକୁ ଡାକି ହଠାତ୍ ଏ ପ୍ରତିବନ୍ଧର କାରଣ ପଚାରିଲା..।

ଗାର୍ଡ୍ ଜଣଙ୍କ ଉତ୍ତର ଦେଲେ - ଏ କଲେଜ୍ ଟୋକା ଟୋକୀ ଗୁଡ଼ାକ ଉତ୍ପାତ ହେଲେ ତ..!

ପ୍ରାୟ ଦିନ ୧୨ ଟା ରୁ ୩ ଟା ଯାଏଁ ପାର୍କ ନିରୋଳା ରହେ ।

ପ୍ରାୟ ଦିନ ୧.୦୦ ଯାଏଁ ସେ ସବୁବେଳେ



ପାର୍କ ରେ ବସେ ..।

ମଧ୍ୟାହ୍ନ ର ନିରୋଳା ମୁହୂର୍ତ୍ତରେ ପିଞ୍ଜରା ମୁକ୍ତ ପ୍ରେମିକ ପ୍ରେମିକା ମାନେ ଲଗା ଲଗି ହେଇ ବେଞ୍ଚରେ ବସି ଗପୁଥିବାର ସେ ଦେଖିଛି।

କିନ୍ତୁ କୌଣସି ଆପତ୍ତି ଜନକ ଅନ୍ତରଙ୍ଗ ମୁଦ୍ରାରେ ସେ କାହାକୁ କେବେ ବି ଦେଖିନି।

ଖୁବ୍ ବେଶି ହେଲେ କେହି କେହି ଅନ୍ୟ ଜଣଙ୍କ କାନ୍ଧରେ ମୁଣ୍ଡ ରଖି ବସି ଥାନ୍ତି ..!

ସେ ଦୃଶ୍ୟ ଭଲ ଲାଗେ ..।

ଲାଗେ ଯେମିତି ଏ ଯାଏଁ ମଣିଷ ମୁର୍ଦ୍ଦାର ହେଇନି..! ବଞ୍ଚିବାର ରାହା ଖୋଜୁଛି..! ଏବେବି ପତ୍ର ରେ ସବୁଜିମା ଅଛି ..ଫୁଲ ଫୁଟୁଛି ..!

ଏଥିରେ ବି ଅନ୍ୟ ମାନଙ୍କର କି ଅସୁବିଧା ହୁଏ ? ଆଜି କେତେ ମାନସିକ ଚାପରେ ସମସ୍ତେ..! ପାଠ ପଢା ନାହି, ସ୍ୱାସ୍ଥ୍ୟ ସେବା ନାହିଁ , ନିଯୁକ୍ତି ନାହିଁ, ପାରିବାରିକ ଶାନ୍ତି ନାହିଁ । ଆଗ ଭଳି ପ୍ରେମ ହୀନ ପୁରୁଣା ବିବାହ ବ୍ୟବସ୍ଥାକୁ ନା ଆଦରି ହେଉଛି ନା ବଞ୍ଚିବା ପାଇଁ ତାହା ଅନୁକୂଳ ହେଇ ପାରୁଛି..। ପୁଅ ଝିଅ ନିର୍ବିଶେଷରେ ବିବାହ ଜନିତ ପାରିବାରିକ,ମାନସିକ ଓ ଶାରିରୀକ ଉତ୍ପୀଡନ ର ଶିକାର ଅନେକ। ସେଥିପାଇଁ ଅନେକ ଯୁବକ ଯୁବତୀ ଏବେ ଅବିବାହିତ ରହିବାକୁ ଶ୍ରେୟ ମଣୁଛନ୍ତି। ଯାହା ହେଲେବି ଏଠି ବିବାହ ପୂର୍ବରୁ ଓ ବିବାହ ବାହାରେ ପୁଅ ଝିଅ ମିଶିବା ମନା, କଥା ହେବା ମନା, ପ୍ରେମ କରିବା ମନା । ଅନାବିଳ ପ୍ରେମ କରିବାଟା ବି ଏଠି ଅପରାଧ ଭାବରେ ଗଣା।

ପାଖ ଘରର ରାକେଶ.. ବୟସ ଅଠତିରିଶ ହବ । ବି ଟେକ ପରେ ଷ୍ଟାର୍ଟ ଅପ୍ କମ୍ପାନୀ ଖୋଲିଛି । ଏଇ ପ୍ରତିବନ୍ଧ ଯୋଗୁ କଲେଜ୍ ସରିଗଲା ହେଲେ ପ୍ରେମ ହେଇ ପାରିଲାନି।

ଏବେ ବିବାହ ବି ହେଇ ପାରୁନି ..। କେବେ ପୁଅର ଝିଅ ପସନ୍ଦ ହେଉନି ତ ପୁଅର ଝିଅ ପସନ୍ଦ ହେଲେ ଝିଅର ପୁଅ ପସନ୍ଦ ହେଉନି । ବହୁ ଦେଖା ଦେଖି ପରେ ଏବେ ଗୋଟାଏ ଜାଗାରେ ବିବାହ ପାଖାପାଖି ଠିକ ହେଇଥିଲା.. ! ହେଲେ କଣ ହବ? ପୁଅର ପ୍ରୋଫାଇଲ୍ ଦେଖିଲା ପରେ ଝିଅ ରାଜି ହେଲାନି । ଝିଅର ଦାବୀ ମୁତାବକ ପୁଅ ର ସରକାରୀ ବା ପ୍ରତିଷ୍ଠିତ ନାମୀ କମ୍ପାନୀରେ ଚାକିରୀ, ମୋଟା ଅଙ୍କର ଦରମା, ଭୁବନେଶ୍ୱରରେ ପୁଅ ନାଆଁରେ ଘର ନ ହେଲେ ଜମି ଗୋଟାଏ ହେଲେ କିଛି ବି ନ ଥିଲା।

ରାକେଶ କହିଲା - ଆମର ଜମି ଅଛି ଭୁଲରେ ଲେଖିବାକୁ ଭୁଲି ଯାଇଥିଲୁ ।

ଝିଅ ପକ୍ଷରୁ ଉତ୍ତର ଆସିଲା -

ଠିକ୍ ଅଛି ଜମି ପଟ୍ଟାର ଜେରକ୍ସ ପଠାନ୍ତୁ ଦେଖିବା..।

ପ୍ରେମ ହୀନ ବିବାହ..! ବିବାହ ନାଆଁରେ ଝିଅର ଆର୍ଥିକ ଓ ସାମାଜିକ ସୁରକ୍ଷା ଦରକାର । ଏଠି ବିବାହ କଲେ ବି ଦୁଃଖ ନ କଲେ ବି ଦୁଃଖ । ବିବାହ ନ କଲେ ଏକାକୀ ଏକ ଘରିକିଆ ବାସନ୍ଦ ଜୀବନ । ବିବାହ କଲେ ଖାଲି କଳହ ଓ କଳହ। ଏଟା ବିବାହର ଦୋଷ ନୁହଁ। ପ୍ରେମ ହୀନ ଜୀବନ ହିଁ ଏକମାତ୍ର କାରଣ। ତଥାପି ବି, ଏ ପ୍ରେମ ହୀନ ଦୁନିଆଁ ମଣିଷକୁ ସ୍ୱାଭାବିକ ଓ ପ୍ରାକୃତିକ ଭାବେ ବଞ୍ଚିବାକୁ ଦିଏନି । ପ୍ରେମ କରିବାକୁ ଦିଏନି । ଏତେ ନିଷେଧ ଆଉ ପ୍ରତିବନ୍ଧକ ଭିତରେ ସେ ଆଦିମ ଆବେଗର ବିକୃତି ଘଟିଲେ ତାକୁ କିନ୍ତୁ ଅସାମାଜିକ ବ୍ୟବହାର ଓ ଅପରାଧର ଆଖ୍ୟା ଦିଏ ।

ଡ଼ି ୪୨୪, ଡ଼ି ଏଚ ପି ଏଲ ସାହୁ
ରେସିଡେନସି, ରଙ୍ଗମାଟିଆ,
ମଞ୍ଚେଶ୍ୱର , ଭୁବନେଶ୍ୱର
ମୋ- ୯୮୯୨୦୦୦୨୨୪

**ମନୋଜ କୁମାର ବେହେରା**

# ଦେବତା ମିତ୍ର ମଧ୍ୟ ହୋଇଥାନ୍ତି !!

ମାତା-ପିତା ଗୁରୁଙ୍କ ସହିତ ହିଁ ମିତ୍ର ମଧ୍ୟ ହୋଇଥାନ୍ତି ଦେବତା । ଜୀବନରେ ଯଦି କୌଣସି ଅଚାନକ ସଙ୍କଟ ଆସିଥାଏ ଆଉ ଏହାର ସମାଧାନ କିଛି ମୁଣ୍ଡରେ ପଶେ ନାହିଁ ହତାଶା, ଆଉ ମନରେ ବିବ୍ରତବୋଧ ଥାଏ। ଏହି ସମୟରେ ଯଦି କୌଣସି ମିତ୍ର ଆସିକରି ଏତିକି ଟିକିଏ କହିଦେବ,'ଡର ନାହିଁ..ମୁଁ ଅଛି ନା' ? ଯେମିତି କୌଣସି ମରୁଥିବା ବ୍ୟକ୍ତିକୁ କିଏ ଅମୃତ ପିଆଇ ସୁସ୍ଥ କରିଦେଇଛି, ଠିକ୍ ସେହି ସ୍ଥିତି ସଙ୍କଟ ଗ୍ରସ୍ତ ବ୍ୟକ୍ତିର ମଧ୍ୟ ହୋଇଥାଏ । ମିତ୍ରତାର ବହୁତ ପ୍ରଭାବ ଜୀବନରେ ପଡିଥାଏ, ସେଥିପାଇଁ ମିତ୍ରତା ଏମିତି କର, ଯେମିତି ସଙ୍କଟ ଆସିଲେ ମିତ୍ର ତୁମ ଆଗରେ ଆସି ଛିଡା ହେଇଯିବ । ସନାତନ ସଂସ୍କୃତିରେ ମାତା, ପିତା, ଗୁରୁଙ୍କ ସହିତ ମଧ୍ୟ ଦେବତାଙ୍କର ସଂଜ୍ଞା ଦିଆଯାଇଛି। ମିତ୍ରକୁ କେବେ ଛଳ- କପଟ କର ନାହିଁ ମଧ୍ୟ ସନ୍ଥମାନେ କହିଛନ୍ତି । ମିତ୍ରତାର ବାଖ୍ୟା କରିକି ଗୋସ୍ୱାମୀ ତୁଳସୀଦାସ ରାମଚରିତ ମାନସରେ ଉଲ୍ଲେଖ କରିଛନ୍ତି । ମିତ୍ରତା କ୍ଷୀର ଆଉ ପାଣିର ଭଳି ହେବା ଦରକାର। ନିଆଁ ଉପରେ କ୍ଷୀର ଚଢାଯାଏ,ଗୋଟିଏ ସମୟ ସ୍ଥିତି ଏମିତି ଆସିଥାଏ କି କ୍ଷୀର ଗରମ ହୋଇକରି ଫୁଟିବାକୁ ଲାଗିଥାଏ ଆଉ ନିଆଁରେ ଯାଇ ଜଳିବାକୁ ଲାଗିଥାଏ। କିନ୍ତୁ ସେହି ସମୟରେ ପାଣିର କିଛି ବୁନ୍ଦା କ୍ଷୀରରେ ପକେଇ ଦିଆଯିବ, ଆଉ ମିତ୍ରକୁ ପାଇକରି ପୁଣି କ୍ଷୀରର ଫୁଟିବା କମ୍ ହୋଇଯାଏ । ଆଉ ଯେଉଁ କ୍ଷୀର ନିଆଁରେ ଆତ୍ମହତ୍ୟା କରିବାକୁ ଯାଉଥିଲା, ତାହା ପୁଣି ଶାନ୍ତ ହୋଇଯାଏ । ମିତ୍ରର ପାଣିକୁ ପାଇକରି କ୍ଷୀରର ଓଜନ ମଧ୍ୟ ବଢିଯାଏ। ଏହି ପରି ସୁଗ୍ରୀବ ଆଉ ବାନର ସେନାର ମିତ୍ରତାର ବଳରେ ମର୍ଯ୍ୟାଦା ପୁରୁଷୋତ୍ତମ ଶ୍ରୀରାମ ମହାବଳୀ ରାବଣର ସଂହାର କରିଥିଲେ । ଶ୍ରୀହନୁମାନ ମଧ୍ୟ ଯେତେବେଳେ ପ୍ରଥମ ଥର ଲଙ୍କାକୁ ଗଲେ ଆଉ ବିଭୀଷଣଙ୍କ ସହିତ ତାଙ୍କର ମିତ୍ରତା ହେଲା । ଏମିତି ସ୍ଥିତିରେ ଯେଉଁ ଲଙ୍କାରେ ରାକ୍ଷସମାନଙ୍କର ପ୍ରଭାବ ଥିଲା, ସେହି ଲଙ୍କାକୁ ଜଳେଇବା ପାଇଁ ମିତ୍ରତା କାମରେ ଆସିଲା। ମିତ୍ରତାର ସୁନ୍ଦର ଉଦାହରଣ ମହାଭାରତ ଯୁଦ୍ଧ ସମୟରେ ମଧ୍ୟ ମିଳେ। ଅର୍ଜୁନଙ୍କୁ ଶ୍ରୀକୃଷ୍ଣ ମିତ୍ରର ପରି ବିଷାଦ ଗ୍ରସ୍ତ



ସ୍ଥିତିରୁ ବାହାର କଲେ ଆଉ ଯୁଦ୍ଧ ପାଇଁ ପ୍ରସ୍ତୁତ କଲେ । ନହେଲେ ଅର୍ଜୁନ ସ୍ୱଜନଙ୍କ ମୋହରେ ଯୁଦ୍ଧର ରଣ ଭୂମିରୁ ପଛକୁ ହଟିବାରେ ମନ ବଳେଇ ସାରିଥିଲେ। ମହାଭାରତରେ କର୍ଣ୍ଣଙ୍କ ଦୁଯୋର୍ଧନର ସହିତ ମିତ୍ରତାର ପ୍ରସଙ୍ଗ ଆସେ । ଏହା ଜାଣିକରି କି ଦୁର୍ଯୋଧନର ପରାଜୟ ନିଶ୍ଚିତ, ତଥାପି କର୍ଣ୍ଣ ଦୁର୍ଯୋଧନର ସଙ୍ଗ ଛାଡିଲେନି । ଅତଃ ପ୍ରତ୍ୟେକ ମନୁଷ୍ୟକୁ ଦରକାର କି ସେ ମିତ୍ରତାର ସହିତ ସତ୍ୟନିଷ୍ଠ ରଖୁ।

ପ୍ଲଟ ନମ୍ବର-୨୧୭/ପି,
ବାୟାବାବା ମଠ ଲେନ୍,
ୟୁନିଟ୍ - ୯ (ପ୍ଲଟ),
ଭୁବନେଶ୍ୱର-୨୨
ଫୋନ୍ - ୭୯୭୮୮୩୦୬୧୧

## ଆଇସିସି ଟି-ଟ୍ୱେଣ୍ଟି ମାନ୍ୟତା

# ବ୍ୟାଟିଂରେ ତୃତୀୟକୁ ଉଠିଲେ ତିଳକ ବର୍ମା



**ଦୁବାଇ**

ସଦ୍ୟ ପ୍ରକାଶିତ ଆଇସିସି ଟି-ଟ୍ୱେଣ୍ଟି ମାନ୍ୟତା ତାଲିକାରେ ତିଳକ ବର୍ମା ଓ ଯଶ୍‌ପ୍ରୀତ ବୁମ୍‌ରାଙ୍କ ଉନ୍ନତି ହୋଇଛି । ତିଳକ ବ୍ୟାଟିଂ ମାନ୍ୟତା ତାଲିକାର ତୃତୀୟ ସ୍ଥାନ ଦଖଲ କରିଛନ୍ତି । ସେହିପରି ବୁମ୍‌ରା ବୋଲିଂ ମାନ୍ୟତା ତାଲିକାର ୧୮ତମ ସ୍ଥାନରେ ପହଞ୍ଚିଛନ୍ତି ।

ତିଳକ ଗତ ସପ୍ତାହରେ ମାନ୍ୟତା ତାଲିକାର ଚତୁର୍ଥ ସ୍ଥାନରେ ରହିଥିଲେ । ଦକ୍ଷିଣ ଆଫ୍ରିକା ବିପକ୍ଷ ପଞ୍ଚମ ମ୍ୟାଚ୍‌ରେ ସେ ୪୨ଟି ବଲ୍‌ର ୭୩ ରନ୍‌ର ଏକ ଇନିଂସ ଖେଳିଥିଲେ । ଏହି ପ୍ରଦର୍ଶନ ତାଙ୍କୁ ତୃତୀୟ ସ୍ଥାନରେ ପହଞ୍ଚାଇ ଦେଇଛି । ସେହିପରି ବୁମ୍‌ରା ଉକ୍ତ ମ୍ୟାଚ୍‌ରେ ୨ଟି ୱିକେଟ୍ ନେବା ଫଳରେ ତାଙ୍କ ମାନ୍ୟତାରେ ୧୦ଟି ସ୍ଥାନ ଉନ୍ନତି ହୋଇଥିଲା । ଭାରତର ଅଭିଷେକ ଶର୍ମା ଓ ବରୁଣ ଚକ୍ରବର୍ତ୍ତୀ ଯଥାକ୍ରମେ ବ୍ୟାଟିଂ ଓ ବୋଲିଂ ମାନ୍ୟତା ତାଲିକାର ଶୀର୍ଷ ସ୍ଥାନ ଦଖଲ କରିଛନ୍ତି । ଅଲରାଉଣ୍ଡର ମାନ୍ୟତା ତାଲିକାରେ ହାର୍ଦ୍ଦିକ ପାଣ୍ଡ୍ୟା ଚତୁର୍ଥ ସ୍ଥାନ ବଜାୟ ରଖିଛନ୍ତି । ପଞ୍ଚମ ଟି-ଟ୍ୱେଣ୍ଟିରେ ସେ ୨୫ଟି ବଲରୁ ୫ ଚୌକା ଓ ୫ଛକା ବଳରେ ୬୩ ରନ ସଂଗ୍ରହ କରିବା ସହ ବୋଲିଂ କରି ଗୋଟିଏ ୱିକେଟ୍ ନେଇଥିଲେ ।

# ବିଜୟ ହଜାରେ ଟ୍ରଫିରୁ ବାଦ୍ ପଡ଼ିଲେ ବୈଭବ ସୂର୍ଯ୍ୟବଂଶୀ

**ନୂଆଦିଲ୍ଲୀ**

ବୈଭବ ସୂର୍ଯ୍ୟବଂଶୀଙ୍କ ଫ୍ୟାନ୍‌ଙ୍କୁ ଝଟ୍‌କା । ଅଣ୍ଡର-୧୯ ଏସିଆ କପ୍‌ରେ ଏକ ଚମତ୍କାର ଇନିଂସ ଖେଳିବା ପରେ, ବୈଭବ ବିଜୟ ହଜାରେ ଟ୍ରଫିରେ ମଧ୍ୟ ଏକ ଦୃଢ଼ ଆରମ୍ଭ କରିଥିଲେ । କିନ୍ତୁ ବର୍ତ୍ତମାନ ମାତ୍ର ଗୋଟିଏ ମ୍ୟାଚ୍ ପରେ, ସେ ଟୁର୍ଣ୍ଣାମେଣ୍ଟରୁ ବାଦ୍ ପଡ଼ିଛନ୍ତି । ବିହାର ପାଇଁ ଖେଳୁଥିବା ଏହି ୧୪ ବର୍ଷୀୟ ବ୍ୟାଟ୍‌ସମ୍ୟାନ୍‌ଙ୍କୁ ଏକ ବିଶେଷ କାରଣ ଯୋଗୁଁ କେବଳ ଗୋଟିଏ ମ୍ୟାଚ୍ ପରେ ଟୁର୍ଣ୍ଣାମେଣ୍ଟ ଛାଡ଼ିବାକୁ ପଡ଼ିଲା । ଏହା ଭାରତର ରାଷ୍ଟ୍ରପତିଙ୍କ ଠାରୁ ତାଙ୍କୁ ପାଇବାକୁ ଥିବା ଏକ ବିଶେଷ ପୁରସ୍କାର ଯୋଗୁଁ ହୋଇଛି ଏବଂ ଏଥିପାଇଁ ସେ ତାଙ୍କର ପ୍ରଥମ ମ୍ୟାଚ୍ ପରେ ଦିଲ୍ଲୀ ଯାଇଥିଲେ ।



ବିଜୟ ହଜାରେ ଟ୍ରଫି ୨୦୨୫-୨୬ ଡିସେମ୍ବର ୨୪ ତାରିଖ ବୁଧବାର ଦିନ ଆରମ୍ଭ ହୋଇଥିଲା । ବିହାରର ପ୍ରଥମ ମ୍ୟାଚ୍ ଅରୁଣାଚଳ ପ୍ରଦେଶ ବିପକ୍ଷରେ ଥିଲା ଏବଂ ଏହି ମ୍ୟାଚ୍‌ରେ ବୈଭବ ଏକ ଧମାକାଦାର ଶତକ ହାସଲ କରିଥିଲେ । ବାମହାତୀ ଷ୍ଟାର ଓପନର ମାତ୍ର ୮୪ ବଲ୍ ରେ ୧୯୦ ରନର ତାଙ୍କର ଆଶ୍ଚର୍ଯ୍ୟଜନକ ଏବଂ ରେକର୍ଡ ଭାଙ୍ଗିବା ଇନିଂସ ସହିତ ହଇଚଇ ସୃଷ୍ଟି କରିଥିଲେ । ତାଙ୍କ ଇନିଂସ ମଧ୍ୟରେ, ବୈଭବ ମାତ୍ର ୫୯ ବଲ୍ ରେ ୧୫୦ ରନ୍ ପୂରଣ କରି ଏବି ଡିଭିଲିୟର୍ସଙ୍କ ଦ୍ରୁତତମ ୧୫୦ ରନ୍ ସ୍କୋର କରିବାର ବିଶ୍ୱ ରେକର୍ଡ ମଧ୍ୟ ଭାଙ୍ଗିଥିଲେ ।

ବୈଭବ ସୂର୍ଯ୍ୟବଂଶୀଙ୍କ ଇନିଂସ ବିହାରକୁ ଏକ ବିଶାଳ ୫୭୪ ରନ ସ୍କୋର କରିବାରେ ସାହାଯ୍ୟ କରିଥିଲା ଏବଂ ଏକ ଆରାମଦାୟକ ବିଜୟ ହାସଲ କରିଥିଲା । ତଥାପି, ବିହାର ଏବେ ତା'ର ଷ୍ଟାର ବ୍ୟାଟ୍‌ସମ୍ୟାନଙ୍କ ବିନା ଟୁର୍ଣ୍ଣାମେଣ୍ଟର ବାକି ମ୍ୟାଚ୍‌ଗୁଡ଼ିକର ସମ୍ମୁଖୀନ ହେବ । ଏହି ବର୍ଷ ବୈଭବ ସୂର୍ଯ୍ୟବଂଶୀଙ୍କୁ କେନ୍ଦ୍ର ସରକାର ପ୍ରଧାନମନ୍ତ୍ରୀ ଜାତୀୟ ବାଲ୍ ପୁରସ୍କାରରେ ସମ୍ମାନିତ କରିବେ । ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ତାଙ୍କୁ ଡିସେମ୍ବର ୨୬ ତାରିଖ ଶୁକ୍ରବାର ଦିନ ନୂଆଦିଲ୍ଲୀର ରାଷ୍ଟ୍ରପତି ଭବନରେ ଏହି ସ୍ୱତନ୍ତ୍ର ପୁରସ୍କାର ପ୍ରଦାନ କରିବେ । ଏହି ସମୟରେ ବୈଭବ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହ ମଧ୍ୟ ସାକ୍ଷାତ କରିବେ । ଏହି ବଡ଼ ଦିନର ଅଂଶ ହେବା ପାଇଁ ବୈଭବ ତାଙ୍କର ପ୍ରଥମ ମ୍ୟାଚ୍ ଖେଳିବା ପରେ ସିଧାସଳଖ ଦିଲ୍ଲୀ ଯାଇଥିଲେ ।

# ଆରସିବି ଖେଳାଳିଙ୍କ ବିରୋଧରେ ବୟସ ଜାଲିଆତି ଅଭିଯୋଗ

**ନୂଆଦିଲ୍ଲୀ**



ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ପ୍ରଥମ ଥର ପାଇଁ ଆଇପିଏଲ ୨୦୨୫ରେ ଚାମ୍ପିଅନ ହୋଇଥିଲା । ଏବେ ଫ୍ରାଞ୍ଚାଇଜ ଆଇପିଏଲ ୨୦୨୬ପାଇଁ ପ୍ରସ୍ତୁତ ହେଉଛି । ଡିସେମ୍ବର ୧୬ରେ ଅନୁଷ୍ଠିତ ନିଲାମରେ ସେମାନେ ଭେଙ୍କଟେଶ ଆୟରଙ୍କୁ ଦଳରେ ସାମିଲ କରି ସେମାନଙ୍କର ଦଳକୁ ଆହୁରି ମଜବୁତ କରିଥିଲେ । ସେମାନେ ବାମହାତୀ ସ୍ପିନ ବୋଲର ସାତ୍ୱିକ ଦେଶୱାଲଙ୍କୁ ୩୦ ଲକ୍ଷ (ପ୍ରାୟ ୩ ମିଲିୟନ) ମୂଲ୍ୟରେ ମଧ୍ୟ ସାମିଲ କରିଥିଲେ । ଖେଳାଳିଙ୍କ ଉପରେ ଏବେ ଡକ୍ୟୁମେଣ୍ଟ ଜାଲିଆତିର ଅଭିଯୋଗ ଆସିଛି ଏବଂ ବିସିସିଆଇକୁ ଏହା ବିଷୟରେ ସୂଚନା ଦିଆଯାଇଛି ।

ଗଣମାଧ୍ୟମ ରିପୋର୍ଟ ଅନୁଯାୟୀ ସାତ୍ୱିକ ଦେଶୱାଲ ପୁଡୁଚେରୀ ଦଳ ପାଇଁ ଖେଳିବା ପାଇଁ ଡକ୍ୟୁମେଣ୍ଟ ସହିତ ହେରଫେର କରିଥିଲେ । ତଥାପି, ଏହା ଏପର୍ଯ୍ୟନ୍ତ ଆନୁଷ୍ଠାନିକ ଭାବରେ ନିଶ୍ଚିତ ହୋଇନାହିଁ । ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ନିଲାମରେ ସ୍ପିନ ବୋଲରଙ୍କୁ ୩୦ଲକ୍ଷ ରେ ଅଧିଗ୍ରହଣ କରିଥିଲା । ସେ ପୂର୍ବରୁ ଦଳ ସହିତ ନେଟ୍ ବୋଲର ଭାବରେ କାର୍ଯ୍ୟ କରିଥିଲେ । ରିପୋର୍ଟରେ ଦାବି କରାଯାଇଛି ଯେ ସେ ପୁଡୁଚେରୀ ଦଳରେ ଯୋଗଦେବା ପାଇଁ ଜାଲିଆତି ଡକ୍ୟୁମେଣ୍ଟ ବ୍ୟବହାର କରିଥିଲେ ।

ବିସିସିଆଇକୁ ଦିଆଯାଇଥିବା ଅଭିଯୋଗ ଇମେଲରେ ଉଲ୍ଲେଖ ଅଛି ଯେ ସାତ୍ୱିକ ଦେଶୱାଲଙ୍କ କାର୍ଯ୍ୟ ସମ୍ପର୍କରେ ଏକ ମାସ ପୂର୍ବରୁ ଏକ ଅଭିଯୋଗ ଦାଖଲ କରାଯାଇଥିଲା, କିନ୍ତୁ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଇ ନଥିଲା । ତାଙ୍କ ବ୍ୟତୀତ ଆହୁରି ଅନେକ ଖେଳାଳି ଅଛନ୍ତି ଯେଉଁମାନେ ଜାଲିଆତି କରି ଦଳରେ ପ୍ରବେଶ କରିବାକୁ ଚେଷ୍ଟା କରନ୍ତି । ଇମେଲରେ କୁହାଯାଇଛି, 'ପୁଡୁଚେରୀ ଦଳରେ ଯୋଗଦେବା ପାଇଁ ସାତ୍ୱିକ ଦେଶୱାଲ ଜାଲିଆତି ପ୍ରମାଣପତ୍ର ବ୍ୟବହାର କରିବା ସମ୍ପର୍କରେ ଆମେ ବିସିସିଆଇ ଦୁର୍ନୀତି ନିବାରଣ ୟୁନିଟରେ ଅଭିଯୋଗ କରିବାର ଏକ ମାସ ବିତିଗଲାଣି । ତଥାପି, ଏହି ମାମଲାରେ ଏପର୍ଯ୍ୟନ୍ତ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଇନାହିଁ । ଆମେ ଦେଖିଛୁ ଯେ ଅନେକ ଖେଳାଳି ସମାନ ଭାବରେ ଦଳରେ ସ୍ଥାନ ପାଇବାକୁ ଚେଷ୍ଟା କରନ୍ତି । ଆମେ ଅନୁରୋଧ କରୁଛୁ ଯେ ବୋର୍ଡ ଶୀଘ୍ର ଏହି ବିଷୟ ସମୀକ୍ଷା କରି ଆମକୁ ନିଆଯାଇଥିବା କାର୍ଯ୍ୟାନୁଷ୍ଠାନ ବିଷୟରେ ଜଣାନ୍ତୁ ।'

ସାତ୍ୱିକ ଦେଶୱାଲଙ୍କୁ ଦଳରେ ଯୋଗଦେବା ପାଇଁ ପୁଡୁଚେରୀର ବାସିନ୍ଦା ଏବଂ ପ୍ରକୃତ ବାସିନ୍ଦା ହେବାର ଆବଶ୍ୟକତା ପୂରଣ କରୁ ନଥିବା ଅଭିଯୋଗ ହୋଇଛି । କୁହାଯାଇଛି ଯେ ସେ ଅଗଷ୍ଟ ୧୦, ୨୦୨୫ ପର୍ଯ୍ୟନ୍ତ ହରିୟାଣା କ୍ରିକେଟ ଆସୋସିଏସନ ଲିଗ୍‌ରେ ଖେଳୁଥିଲେ ।

# ସନ୍ତୋଷ ଟ୍ରଫି : ଓଡ଼ିଶାର ବିଜୟଧାରା ଜାରି

**ଭୁବନେଶ୍ୱର**

ମଧ୍ୟପ୍ରଦେଶକୁ ହରାଇ 'ସନ୍ତୋଷ ଟ୍ରଫି' ୭୯ତମ ଜାତୀୟ ଫୁଟ୍‌ବଲ୍ ପ୍ରତିଯୋଗିତାରେ ଅଭିଯାନ ଆରମ୍ଭ କରିଥିବା ଓଡ଼ିଶା ବିଜୟ ଧାରା ଜାରି ରଖିଛି । ଛତିଶଗଡ଼ର ନାରାୟଣପୁର ସ୍ଥିତ ଆରକେଏମ୍ ଆଶ୍ରମ ପଡ଼ିଆରେ ଖେଳାଯାଇ ଥିବା ମ୍ୟାଚ୍‌ରେ ଓଡ଼ିଶା ୧-୦ ଗୋଲ୍‌ରେ ତେଲେଙ୍ଗାନାକୁ ପରାସ୍ତ କରିଛି ।

କଡ଼ା ସଂଘର୍ଷପୂର୍ଣ୍ଣ ଏହି ମ୍ୟାଚ୍‌ର ୪୨ତମ ମିନିଟ୍‌ରେ ଅଧିନାୟକ କାର୍ତ୍ତିକ ହନ୍ତାଲଙ୍କ ଗୋଲ୍ ବଳରେ ଓଡ଼ିଶା ପ୍ରଥମାର୍ଦ୍ଧକୁ ନିଜ ନିୟନ୍ତ୍ରଣରେ ରଖିଥିଲା । ଦ୍ୱିତୀୟାର୍ଦ୍ଧରେ ତେଲେଙ୍ଗାନା ଗୋଲ୍ ଶୁଝିବାକୁ ବହୁ ଚେଷ୍ଟା କରିଥିଲେ ମଧ୍ୟ ଓଡ଼ିଶାର ରକ୍ଷଣଭାଗ ଭେଦ କରି ନ ପାରି ପରାଜୟ ବରଣ କରିଥିଲା । ଓଡ଼ିଶା ପରବର୍ତ୍ତୀ ମ୍ୟାଚ୍‌ରେ ଶୁକ୍ରବାର ଘରୋଇ ଦଳ ଛତିଶଗଡ଼କୁ ଭେଟିବ ।



## ୨୯ତମ ସର୍ବ ଭାରତୀୟ ଲୁତୁରପଙ୍କ କ୍ରିକେଟ କପ୍

# ସେମିଫାଇନାଲରେ ବାଙ୍ଗାଲୋର ଏକାଦଶ କର୍ଣ୍ଣାଟକ

**ସୁବର୍ଣ୍ଣପୁର, ନ୍ୟୁଜ୍‌ବ୍ୟୁରୋ**

ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ଲୁତୁରପଙ୍କ ହାଇସ୍କୁଲ ପଡ଼ିଆରେ ଜେଜେସିସି ଆନୁକୂଲ୍ୟରେ ହେଉଥିବା ୨୯ତମ ସର୍ବଭାରତୀୟ ଜୟ ଜଗନ୍ନାଥ ଲୁତୁରପଙ୍କ କ୍ରିକେଟ କପ୍‌ର ପଞ୍ଚମ ଦିବସରେ ବକାରୋ ଚ୍ୟାଲେଞ୍ଜର ଝାଡ଼ଖଣ୍ଡକୁ ହରାଇ ବାଙ୍ଗାଲୋର ଏକାଦଶ କର୍ଣ୍ଣାଟକ ସେମିଫାଇନାଲରେ ପ୍ରବେଶ କରିଛି । ମ୍ୟାଚ୍ ଟି ଟି-୨୦, ଟି-୧୦ ଓ ସୁପର - ୨ ଓଭର ବିଶିଷ୍ଟ ଫର୍ମାଟରେ ଖେଳାଯାଇଥିଲା । ପ୍ରଥମ ଫର୍ମାଟରେ ବକାରୋ ଚ୍ୟାଲେଞ୍ଜର ଝାଡ଼ଖଣ୍ଡ ପ୍ରଥମେ ବ୍ୟାଟିଂ କରି ୧୯.୩ ଓଭରରେ ସମସ୍ତ ଉଇକେଟ ହରାଇ ୧୩୪ ରନ କରିଥିଲେ । ଦଳର ଜିସାନ ହାସମି ୪୮ ରନ, ଅଖିଳ ଯାଦବ ୨୯ ରନ କରିଥିଲେ । ବିପକ୍ଷ ଓମକାର ମହାନ୍ତି, ରାଗା ଶିବ କୁମାର, ଇନିତ କୁମାର ଓ ନୀତିଶ ୱାଣିକିଆଲା ପ୍ରତ୍ୟେକ ୨ଟି ଲେଖାଏଁ ଉଇକେଟ ନେଇଥିଲେ । ଜବାବରେ କର୍ଣ୍ଣାଟକ ୧୫.୨ ଓଭରରେ ସମସ୍ତ ଉଇକେଟ ହରାଇ ୯୬ ରନ କରିଥିଲେ । ଦଳର ବିନୟ ମାସକି ୩୫ ଓ ଅଭିଷେକ ଏସକେ ୨୯ ରନ କରିଥିଲେ । ଝାଡ଼ଖଣ୍ଡର ଆଶିଷ ଯାଦବ ଓ ପବନ କୁମାର ପ୍ରତ୍ୟେକ ୩ ଟି ଲେଖାଏଁ ଉଇକେଟ ନେଇଥିଲେ । ଟି-୧୦ ଫର୍ମାଟ ରେ ଝାଡ଼ଖଣ୍ଡ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୦ ଓଭର ରେ ୭ ଉଇକେଟ ହରାଇ ୬୪ ରନ କରିଥିଲା । ଦଳର ମଙ୍ଗଳମ ଦ୍ୱିବେଦୀ ୧୪ ରନ କରିଥିଲେ । ବିପକ୍ଷ କର୍ଣ୍ଣାଟକ ଓମକାର ମହାନ୍ତି, ରୁପକ ସାହୁ ଓ ନୀତିଶ ୱାଣିକିଆଲା ପ୍ରତ୍ୟେକ ୨ ଟି ଲେଖାଏଁ ଉଇକେଟ ନେଇଥିଲେ । ଜବାବରେ କର୍ଣ୍ଣାଟକ ୪.୩ ଓଭରରେ କୌଣସି ଉଇକେଟେ ନ ହରାଇ ଆବଶ୍ୟକୀୟ ୬୫ ରନ କରିଥିଲା । ଦଳର ଅଭିଷେକ ଏସକେ ୧୫ଟି ବଲ ରୁ ୪୦ ରନ କରିଥିଲେ । ଉଭୟ ଦଳ ଗୋଟିଏ ଲେଖାଏଁ ଫର୍ମାଟରେ ବିଜୟୀ ହେବାରୁ ସୁପର-୨ ଖେଳାଯାଇଥିଲା । ଏଥିରେ ବାକରୋ ଚ୍ୟାଲେଞ୍ଜର ଝାଡ଼ଖଣ୍ଡ ୭ ରନ କରିଥିବା ବେଳେ କର୍ଣ୍ଣାଟକ ୮ ରନ କରି ବିଜୟୀ ହୋଇଥିଲା । ଫଳରେ କର୍ଣ୍ଣାଟକ ପୁଲ-ବି'ରୁ ପ୍ରଥମ ଦଳ ଭାବେ ସେମିଫାଇନାଲରେ ପ୍ରବେଶ କରିଛି । ପୀତାମ୍ବର ସାହୁଙ୍କ ସଂଯୋଜନାରେ ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ ସୁବର୍ଣ୍ଣପୁର ଜିଲ୍ଲାପାଳ ଡ. ନୃପରଜ ସାହୁ ମୁଖ୍ୟ ଅତିଥି ଏବଂ ବୀରମହାରାଜପୁର ବରିଷ୍ଠ ନାଗରିକ ସଂଗଠନର ସଭାପତି ଡ. ପ୍ରଫୁଲ୍ଲ କୁମାର ରଥ, ସ୍ଥାନୀୟ ସରପଞ୍ଚ ସୂର୍ଯ୍ୟ କୁମାର ନନ୍ଦ, ବ୍ୟବସାୟୀ କୁଶ କୁମାର ସାହୁ, ସଞ୍ଜୟ ବଡ଼ପଣ୍ଡା, ଆକାଶ ମିଶ୍ର ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ । ଏହି ଅବସର ରେ ଓଡ଼ିଶା ପ୍ରଶାସନିକ ସେବାରେ କୃତକାର୍ଯ୍ୟ ହୋଇଥିବା ଶାଶ୍ୱତ ସୌମ୍ୟକାନ୍ତ ସାହୁଙ୍କ ସମ୍ବର୍ଦ୍ଧିତ କରାଯାଇଥିଲା । ଏହା ସହିତ କର୍ଣ୍ଣାଟକର ଅଭିଷେକ ଏସ.କେ.ଙ୍କୁ ମ୍ୟାନ ଅଫ ଦି ମ୍ୟାଚ୍ ଭାବେ ପୁରସ୍କୃତ କରାଯାଇଥିଲା । ମ୍ୟାଚ୍‌କୁ ଓସିଏ ମାନ୍ୟତାପ୍ରାପ୍ତ ଅମ୍ପାୟାର ବିଶ୍ୱଜିତ ପୁରୋହିତ ଓ ପୃଥ୍ୱୀରାଜ ମିଶ୍ର ପରିଚାଳନା କରିଥିବା ବେଳେ ମାନସ ରଞ୍ଜନ ମହାକୁର ସ୍କୋରିଙ୍ଗ, ଚମାରୁ ମହାକୁର ଅନଲାଇନ ସ୍କୋରିଙ୍ଗ ଏବଂ ମ୍ୟାକ ମିଲନ ମହାକୁର ଓ ଆଶିଷ ଦେଓ ଧାରା-ବିବରଣୀ ପ୍ରଦାନ କରିଥିଲେ । ଶୁକ୍ରବାର ଦିନ କ୍ୟୁସିଆ ଛତିଶଗଡ଼ ଓ ବିରାଟ କ୍ରିକେଟ ଏକାଡେମି କୋଲକତା (ୱେଷ୍ଟ ବେଙ୍ଗଲ) ମଧ୍ୟରେ ହେବ ବୋଲି ଆୟୋଜକ ଉପ ସଭାପତି ଟୁଟୁ ମହାକୁର ପ୍ରକାଶ କରିଛନ୍ତି ।



# ୧୫ ବର୍ଷରୁ କମ୍ ଓଡ଼ିଶା ମହିଳା କ୍ରିକେଟ ଦଳରେ ସ୍ଥାନ ପାଇଲେ ମୟୂରଭଞ୍ଜର ସନ୍ଧ୍ୟା

**ବାରିପଦା, ନ୍ୟୁଜ୍‌ବ୍ୟୁରୋ**

ମହାରାଷ୍ଟ୍ରର ନାଗପୁର ଠାରେ ଅନୁଷ୍ଠିତ ହେବାକୁ ଥିବା ଜାତୀୟ ସ୍ତରୀୟ ୧୫ ବର୍ଷରୁ କମ୍ ବିସିସିଆଇ ଟ୍ରଫି ପାଇଁ ମୟୂରଭଞ୍ଜର ଲକ୍ଷ୍ମୀ ଭଗତ ଓଡ଼ିଶା ଦଳରେ ସ୍ଥାନ ପାଇଛନ୍ତି । ଆନ୍ତଃଜିଲ୍ଲା କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ଉଚ୍ଚମାନର ଖେଳ ପ୍ରଦର୍ଶନ କରି ସେ ଓଡ଼ିଶା ଦଳରେ ସ୍ଥାନ ପାଇ ଜିଲ୍ଲା ତଥା ବାରିପଦା ପାଇଁ ସୁନାମ ଆଣିଛନ୍ତି । ବାରିପଦା ମ୍ୟୁନିସିପାଲିଟି ଅନ୍ତର୍ଗତ ୧୨ ନଂ ୱାର୍ଡ ସ୍ଥିତ ପ୍ରଫୁଲ୍ଲନଗର ନିବାସୀ ବିଷ୍ଣୁ ଭଗତ ଓ ସୁମନ ଭଗତଙ୍କ ଝିଅ ଲକ୍ଷ୍ମୀ, ମହୁଲିଆ ସ୍ଥିତ ସେକ୍ରେଡ଼ ସନସାଇନ ସ୍କୁଲର ୭ମ ଶ୍ରେଣୀର ଛାତ୍ରୀ । ଝିଅର କ୍ରିକେଟ ଖେଳିବାର ଇଚ୍ଛାଶକ୍ତି ଦେଖି ବାପା ତା'ର ପ୍ରଶିକ୍ଷଣ ପାଇଁ ଲେଟ୍‌କଟ୍ କ୍ଲବ ଅଧୀନରେ ଥିବା କ୍ରିକେଟ କୋଚିଂ ଶିବିରରେ ଛାଡ଼ିଥିଲେ । ପୂର୍ବତନ ରଣଜୀ ଖେଳାଳି ଦେବୀଦତ୍ତ ମହାନ୍ତିଙ୍କ ଠାରୁ ପ୍ରଶିକ୍ଷଣ ପାଇ ସେ ଓଡ଼ିଶା ଦଳରେ ସ୍ଥାନ ପାଇବାର ସୌଭାଗ୍ୟ ଅର୍ଜନ କରିଛନ୍ତି । ସହ କୋଚ୍ ଦିବ୍ୟଲୋଚନ ଦାଶ ମଧ୍ୟ ତା'ର ଖେଳ ପାଇଁ ବିଭିନ୍ନ ପ୍ରକାର ସାହାଯ୍ୟ ସହଯୋଗ କରିଛନ୍ତି । ପ୍ରଥମ ଥର ପାଇଁ ମୟୂରଭଞ୍ଜ ଜିଲ୍ଲାରୁ ଓଡ଼ିଶା ଦଳରେ ସ୍ଥାନ ପାଇ ସେ ଅନ୍ୟମାନଙ୍କ ପାଇଁ ଉଦାହରଣ ପାଲଟିଛନ୍ତି ବୋଲି କୋଚ ଶ୍ରୀ ମହାନ୍ତି ପ୍ରକାଶ କରିଛନ୍ତି । ଖବର ପାଇ ଲେଟକଟ କ୍ଲବର ସଭାପତି ଗିରିଶ ଚନ୍ଦ୍ର ଦାସ, ସମ୍ପାଦକ ଦୀପକ କୁମାର ଦାଶ ଓ ସମସ୍ତ ସଦସ୍ୟ, ମୟୂରଭଞ୍ଜ ଆଥଲେଟିକ୍ ଆସୋସିଏସନର ସାଧାରଣ ସମ୍ପାଦକ ବିଜୟ କୁମାର ଦାସ, କ୍ରିକେଟ ସମ୍ପାଦକ ହରପ୍ରସାଦ ପାତ୍ର ଓ ପ୍ରସନ୍ନଜିତ ମହାନ୍ତି, ଗଣମାଧ୍ୟମ ସଂଯୋଜକ ସୋମନାଥ ସିଂହ, ତଥା ସମସ୍ତ ସଦସ୍ୟ, ବିଦ୍ୟାଳୟର ଅଧ୍ୟକ୍ଷ, ଶିକ୍ଷକ / ଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀ, ଅଭିନନ୍ଦନ ଜଣାଇବା ସହ ଆଗାମୀ ଖେଳ ପାଇଁ ସଫଳତା କାମନା କରିଛନ୍ତି ।



# ସାଂସଦୀୟ ଖେଳ ମହୋତ୍ସବ : ୧୫୪ ରନ୍ କରି ପାପଡ଼ାହାଣ୍ଡି ବିଜୟୀ

**ଝରିଗାଁ**

ନବରଙ୍ଗପୁର ଝରୀଗାଁ ବ୍ଲକ ସଦର ମହକୁମାସ୍ଥିତ ମିନି ଷ୍ଟାଡିୟମଠାରେ ସାଂସଦୀୟ ଖେଳ ମହୋତ୍ସବ ଉଦ୍‌ଯାପିତ । ସାଂସଦ ବଳଭଦ୍ର ମାଝୀ ମୁଖ୍ୟ ଅତିଥି ରୂପେ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ସ୍ଥାନୀୟ ବିଧାୟକ ନରସିଂହ ଭତରା ଯୋଗଦେଇଥିଲେ । ଅନ୍ୟ ପ୍ରମୁଖ ମଧ୍ୟରେ ଅର୍ଜୁନ ତ୍ରିପାଠୀ ରାଜ୍ୟ ଉପସଭାପତି, କ୍ରିକେଟ୍ ଆସୋସିଏସନ, ବିଜେପି ଜିଲ୍ଲା ସଭାପତି କୁଞ୍ଜ ବିହାରୀ ଦାସ, ବିଡିଓ ମଧୁସୂଦନ ମାଝୀ, ତହସିଲଦାର ସୁମନ୍ତ ପାତ୍ର, ସାଂସଦୀୟ ଖେଳ କୋର୍ଡିନେଟର ରାମେଶ୍ୱର ଜେନା, ରାଜ୍ୟ ଉପସଭାପତି ରମେଶ ସାହୁ, ଉମରକୋଟ ସାଂସଦ ପ୍ରତିନିଧି ରାମ ନାୟକ, ତେନ୍ତୁଳି ଖୁଣ୍ଟି ସାଂସଦ ପ୍ରତିନିଧି ସନ୍ତୋଷ ପାତ୍ର, ପାପଡ଼ାହାଣ୍ଡି ସାଂସଦ ପ୍ରତିନିଧି ସମୋନାଥ ପୂଜାରୀ, ବିଜେପି ଜିଲ୍ଲା ଯୁବମୋର୍ଚ୍ଚା ସଭାପତି ଶୁଭ୍ରଜିତ୍ ପାଣିଗ୍ରାହୀ, ସାଂସଦୀୟ କ୍ଷେତ୍ରର ସହ ସଂଯୋଜକ ତଥା ବ୍ଲକ ସାଂସଦ ପ୍ରତିନିଧି ଚନ୍ଦ୍ରଭାନୁ ନାୟକ, ରାଜ୍ୟ ଯୁବ ମୋର୍ଚ୍ଚା କାର୍ଯ୍ୟକାରିଣୀ ସଭ୍ୟ କାହ୍ନୁ ଦାସ, ସାଂସଦୀୟ ବିକାଶ ପରିଯୋଜନା ସଂଯୋଜକ ପୁରୁସତୋମା ଗଣ୍ଡ, ଜିଲ୍ଲା ସମ୍ପାଦକ ବୁଲୁ ଷଡ଼ଙ୍ଗୀ, ବରିଷ୍ଠ ଦଳୀୟ କର୍ମକର୍ତ୍ତା ମଧ୍ୟରେ ଚିତ୍ରସେନ ତିୱାରୀ ପ୍ରଫୁଲ୍ଲ ପ୍ରଧାନି, ସନ୍ତୋଷ ରାଓ ଗଣପତି ସାହୁ, ଗିରି ପାଣ୍ଡେ, ସୁଦାମ ତିୱାରୀ ପିଣ୍ଟୁ ତିୱାରୀ, ପ୍ରମୁଖ ଉପସ୍ଥିତ ଥିଲେ ।



ଏହି ଭାରତ ଯୁବ ବିକାଶ କ୍ରୀଡ଼ା ମହୋତ୍ସବ ଉଦଯାପିତ ଅବସରରେ ଆୟୋଜିତ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଫାଇନାଲ ମ୍ୟାଚ୍ ଝରିଗାଁ ଏବଂ ପାପଡ଼ାୟାଣ୍ଡି ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ଏଥିରେ ପାପଡ଼ାହାଣ୍ଡି ବିଜୟ ଲାଭ କରିଥିଲା । ୧୫ ଓଭର୍ ବିଶିଷ୍ଟ ମ୍ୟାଚ୍ ରେ ପ୍ରଥମେ ଝରିଗାଁ ବ୍ୟାଟିଂ କରି ୧୫୩ ରନ କରି ଅଲଆଉଟ୍ ହୋଇଥିବା ବେଳେ ପାପଡ଼ାହାଣ୍ଡି ୧୫୪ ରନ୍ କରି ବିଜୟୀ ହୋଇଥିଲା । ବିଜେତା ଦଳକୁ ମୁଖ୍ୟ ଅତିଥି ଟ୍ରଫି ସହ ୧୦ ହଜାର ଟଙ୍କା ଆର୍ଥିକ ରାଶି ପ୍ରଦାନ କରିଥିବା ବେଳେ ଉପବିଜେତା ଦଳକୁ ସମ୍ମାନିତ ଅତିଥି ବିଧାୟକ ନରସିଂହ ଭତରା ଟ୍ରଫି ପ୍ରଦାନ କରିଥିଲେ । ଅନ୍ୟ ସମସ୍ତ ଖେଳାଳିଙ୍କୁ ମଞ୍ଚାସୀନ ଅତିଥିବୃନ୍ଦ ପୁରସ୍କାର ବିତରଣ କରିଥିଲେ । ମୁଖ୍ୟ ଅତିଥି ଶ୍ରୀ ମାଝୀ କ୍ରୀଡ଼ା ବ୍ୟକ୍ତିର ପ୍ରତିଭା, ଦକ୍ଷତା ଓ ସୁସ୍ଥ ସ୍ୱାସ୍ଥ୍ୟ ବିକାଶରେ ମୁଖ୍ୟ ଭୂମିକା ଗ୍ରହଣ କରିବା ସହ ରାଜ୍ୟ ଓ ରାଷ୍ଟ୍ର ପାଇଁ ଗୌରବ ଆଣିଥାଏ ବୋଲି କହିଛନ୍ତି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଏହା ଏକ ଐତିହାସିକ ପଦକ୍ଷେପ ବୋଲି ନିଜ ଅଭିଭାଷଣରେ ସେ କହିଥିଲେ ।

ସେହିପରି ସାଂସଦୀୟ କ୍ଷେତ୍ର କ୍ରୀଡ଼ା ପ୍ରତିଯୋଗିତା ଆୟୋଜନ ପ୍ରଧାନମନ୍ତ୍ରୀଙ୍କ ସ୍ୱପ୍ନକୁ ସାକାର କରିଛି ବୋଲି ବିଧାୟକ ନରସିଂହ ଭତରା ନିଜ ଭାଷଣରେ କହିଥିଲେ । ତୃଣମୂଳ ସ୍ତରରୁ କ୍ରୀଡ଼ା ପ୍ରତିଭା ଅନେଷ୍ୱଣ କରି ଜିଲ୍ଲା, ରାଜ୍ୟ, ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ଅଂଶଗ୍ରହଣ କରି ଖେଳାଳି ଦେଶ ପାଇଁ ଗୌରବ ଆଣିବେ ବୋଲି ରାଜ୍ୟ କ୍ରିକେଟ ଆସୋସିଏସନ୍ ଉପସଭାପତି ଅର୍ଜୁନ ତ୍ରିପାଠୀ ନିଜ ଅଭିଭାଷଣ ରଖିଥିଲେ । ଝରିଗାଁ ବିଜେପି ଯୁବ ପରିଷଦ ଦ୍ୱାରା ଆୟୋଜିତ ସାଂସଦୀୟ ଖେଳ ମହୋତ୍ସବ ଶାନ୍ତି ଶୃଙ୍ଖଳାର ସହ ସମାପନ ହୋଇଥିଲା । ଖେଳ ଉପଭୋଗ କରିବାକୁ ପାରମ୍ପାରିକ ନୃତ୍ୟ ଓ ସଙ୍ଗୀତ ପରିବେଷଣ କରାଯାଇଥିଲା । ଶତାଧିକ ଦର୍ଶକ ଏହି କ୍ରୀଡ଼ା ମହୋତ୍ସବକୁ ଆନନ୍ଦର ସହ ଉପଭୋଗ କରିଥିଲେ ।

# କ୍ରୀଡ଼ା ଭିତ୍ତିଭୂମିର ବିକାଶ ସହ ଖେଳରେ ଯୁବଶକ୍ତିଙ୍କ ଭାଗିଦାରୀକୁ ବଢାଇବା : ଧର୍ମେନ୍ଦ୍ର

## ଭର୍ଚ୍ୟୁଆଲ ପ୍ଲାଟଫର୍ମରେ ଖେଳାଳିମାନଙ୍କୁ ଉପାଦେୟ ପରାମର୍ଶ ଦେଲେ ପ୍ରଧାନମନ୍ତ୍ରୀ

**ସମ୍ବଲପୁର**



କ୍ରୀଡ଼ା ଭିତ୍ତିଭୂମିର ବିକାଶ ସହ ଖେଳରେ ଯୁବପ୍ରତିଭାଙ୍କ ଭାଗିଦାରୀକୁ ଅଧିକ ବଢାଇବା ଆମ ସରକାରଙ୍କ ଲକ୍ଷ୍ୟ ରହିଛି । ଏ ଦିଗରେ ସାଂସଦ ଖେଳ ମହୋତ୍ସବ ଏହି ଯୋଜନାକୁ ସାକାର କରିବା ଦିଗରେ ବିଶେଷ ଭାବରେ ସହାୟକ ହୋଇଛି ବୋଲି ସମ୍ବଲପୁରରେ ଆୟୋଜିତ 'ସାଂସଦ ଖେଳ ମହୋତ୍ସବ'ର ରାଷ୍ଟ୍ରୀୟ ସମାପନ କାର୍ଯ୍ୟକ୍ରମରେ ଯୋଗଦେଇ କହିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । କାର୍ଯ୍ୟକ୍ରମରେ ଉପସ୍ଥିତ ଖେଳାଳି ଓ ଜନସାଧାରଣଙ୍କୁ ସମ୍ବୋଧିତ କରି ଶ୍ରୀ ପ୍ରଧାନ କହିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏହି କାର୍ଯ୍ୟକ୍ରମ ମାଧ୍ୟମରେ ଭର୍ଚ୍ଚୁଆଲ ପ୍ଲାଟଫର୍ମ ମାଧ୍ୟମରେ ଦେଶର ଯୁବ ଖେଳାଳିମାନଙ୍କୁ ଉଦବୋଧନ ଦେଇ ସେମାନଙ୍କ ମନୋବଳ ବଢାଇଛନ୍ତି । ଖେଳରେ ହାର-ଜିତ୍ ନ ଥାଏ । ଖେଳରେ ଜଣେ ଜିତେ, ନଚେତ୍ ଶିଖେ । ପରାଜୟ ଆମକୁ ଆଗକୁ ବଢ଼ିବାର ବାଟ ଦେଖାଏ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି । ପ୍ରଧାନମନ୍ତ୍ରୀଙ୍କ ଏହି ବାର୍ତ୍ତା ଯୁବ ଖେଳାଳିମାନଙ୍କ ମଧ୍ୟରେ ଏକ ନୂତନ ଉନ୍ମାଦନା ଭରିଦେଇଛି ।

ଶ୍ରୀ ପ୍ରଧାନ କହିଛନ୍ତି ଯେ, ସମ୍ବଲପୁର ଜିଲ୍ଲା ଏକ 'ସ୍ପୋର୍ଟମ୍ୟାନ ସ୍ପିରିଟ୍'ର ଜିଲ୍ଲା । ଏହି ମାଟି ପୂର୍ବରୁ ଅନେକ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରର ଖେଳାଳି ସୃଷ୍ଟି କରିସାରିଛି । ବର୍ତ୍ତମାନ ସମୟ ଆସିଛି ଆମେ ୱାର୍ଡ଼ ଓ ପଞ୍ଚାୟତସ୍ତରରୁ ନୂତନ ପ୍ରତିଭା ମାନଙ୍କୁ ଖୋଜି ବାହାର କରି ସେମାନଙ୍କୁ ବିଶ୍ୱସ୍ତରୀୟ ତାଲିମ୍ ପ୍ରଦାନ କରିବା । କେନ୍ଦ୍ରମନ୍ତ୍ରୀ ଜିଲ୍ଲା ପ୍ରଶାସନ, ଜିଲ୍ଲା ଆଥ୍‌ଲେଟିକ୍ ଆସୋସିଏସନ ଏବଂ କ୍ରୀଡ଼ା ଅଧିକାରୀମାନଙ୍କୁ ଏକ 'ମାଷ୍ଟରପ୍ଲାନ' ପ୍ରସ୍ତୁତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ସେ କହିଛନ୍ତି ଯେ, ଜାନୁଆରୀରୁ ଡିସେମ୍ବର ପର୍ଯ୍ୟନ୍ତ ବ୍ଲକରୁ ଜିଲ୍ଲାସ୍ତର ପର୍ଯ୍ୟନ୍ତ ବିଭିନ୍ନ ଖେଳର ଆୟୋଜନ କରିବା ପାଇଁ କ୍ରୀଡ଼ା କ୍ୟାଲେଣ୍ଡର ପ୍ରସ୍ତୁତ ହେଉ । ଗ୍ରାମାଞ୍ଚଳରେ ଥିବା ଖେଳପଡ଼ିଆ ଗୁଡ଼ିକର ସୁଦୃଢ଼ୀକରଣ ହେବା ଦରକାର । ଫୁଟବଲ, କବାଡ଼ି, ଖୋ-ଖୋ, ଆଥ୍‌ଲେଟିକ୍ସ ଏବଂ ସନ୍ତରଣ ଭଳି ଖେଳକୁ ପ୍ରୋତ୍ସାହନ ଦେବାକୁ ହେବ । ସମ୍ବଲପୁରରେ ଥିବା ସ୍ପୋର୍ଟସ କଲେଜରେ ଝିଅମାନଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ସହ ଅତ୍ୟାଧୁନିକ ଷ୍ଟାଡିୟମ ପାଇଁ ଉଦ୍ୟମ ହେବ । ମହାନଦୀରେ 'ବୋଟ ଫେଷ୍ଟିଭାଲ' ଭଳି ଆକର୍ଷଣୀୟ କାର୍ଯ୍ୟକ୍ରମ କରିବାକୁ ମଧ୍ୟ ସେ ପ୍ରସ୍ତାବ ଦେଇଥିଲେ ।

ଶ୍ରୀ ପ୍ରଧାନ ଆହୁରି ମଧ୍ୟ କହିଛନ୍ତି ଯେ, ୨୦୩୦ମସିହାରେ ଭାରତରେ କମନୱେଲଥ ଗେମ୍ସ ଆୟୋଜିତ ହେବାକୁ ଥିବାବେଳେ ୨୦୩୬ ଅଲିମ୍ପିକ ପାଇଁ ଭାରତ ନିଜର ଦାବି ଜଣାଇବାକୁ ପ୍ରସ୍ତୁତ ହେଉଛି । ସମ୍ବଲପୁରରୁ ଏଭଳି ଏକ ବାତାବରଣ ତିଆରି କରାଯିବ, ଯେଉଁଠାରୁ ବାହାରିଥିବା ପିଲାମାନେ ଦେଶ ପାଇଁ ମେଡାଲ ଆଣିବେ ।

# ଲୁକ୍କାୟିତ ଖେଳ ପ୍ରତିଭାମାନଙ୍କୁ ସୁଯୋଗ ସୃଷ୍ଟି କରୁଛି ସାଂସଦ ଖେଳ ମହୋତ୍ସବ : ସାଂସଦ ଅନନ୍ତ ନାୟକ

**କେନ୍ଦୁଝର, ନ୍ୟୁଜ୍**

କେନ୍ଦୁଝର ସହର ସ୍ଥିତ ଅଡିଟୋରିୟମରେ ଅନୁଷ୍ଠିତ ସାଂସଦ ଖେଳ ମହୋତ୍ସବର ଉଦ୍‌ଯାପନୀ ସମାରୋହ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ରୂପେ ମାନ୍ୟବର ସାଂସଦ ଅନନ୍ତ ନାୟକ, କରଞ୍ଜିଆ ବିଧାୟକ ପଦ୍ମଚରଣ ହାଇବ୍ରୁ, କେନ୍ଦୁଝରଗଡ଼ ପୌରପାଳିକା ଅଧ୍ୟକ୍ଷା ନିକୁ ସାହୁ, ବିଜେପି ଜିଲ୍ଲା ସଭାପତି ଶୁକଦେବ ମହାନ୍ତ, ଜିଲ୍ଲାପାଳ ବିଶାଳ ସିଂହ, ଆରକ୍ଷୀ ଅଧିକ୍ଷକ ନିତିନ କୁଶଳକର ଦାଗଡୁ ମାନନୀୟ, ସାଂସଦ ଖେଳ ମହୋତ୍ସବର ଜିଲ୍ଲା ସଂଯୋଜକ ଦିଲ୍ଲୀପ କୁମାର ପଣ୍ଡା ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ । ଲୁକ୍କାୟିତ ଖେଳ ପ୍ରତିଭାମାନଙ୍କୁ ବିଭିନ୍ନ ଗ୍ରାମରୁ ଆଣି ଆଗକୁ ବଢିବା ପାଇଁ ପ୍ରଧାନମନ୍ତ୍ରୀଙ୍କର ଏହି ପ୍ରୟାସ ଖେଳାଳିମାନଙ୍କ ପାଇଁ ସୁଯୋଗ ସୃଷ୍ଟି କରୁଛି ବୋଲି ସାଂସଦ ଅନନ୍ତ ନାୟକ ତାଙ୍କ ଅଭିଭାଷଣ ମାଧ୍ୟମରେ କହିଥିଲେ । ମୁଖ୍ୟମନ୍ତ୍ରୀଙ୍କର ସହଯୋଗ ସହିତ ଜିଲ୍ଲା ପ୍ରଶାସନର ସହାୟତା ଫଳରେ ସେପ୍ଟେମ୍ବର ମାସରୁ ଆରମ୍ଭ ହୋଇଥିବା ଏହି ସାଂସଦ ଖେଳ ମହୋତ୍ସବ ଆଜି ସଫଳତାର ସହିତ ସମାରୋପ ହୋଇପାରିଛି ବୋଲି ସାଂସଦ ପ୍ରକାଶ କରିଛନ୍ତି । ପ୍ରଧାନମନ୍ତ୍ରୀ ଆଭାସୀ ମାଧ୍ୟମରେ ଯୋଡିହୋଇ ଦେଶର ସମସ୍ତ ସାଂସଦ ଖେଳ ମହୋତ୍ସବରେ ଉପସ୍ଥିତ ଖେଳାଳିମାନଙ୍କୁ ପ୍ରେରଣା ଦାୟୀ ଅଭିଭାଷଣ ଦେବା ସହିତ କ୍ରୀଡ଼ା କ୍ଷେତ୍ରରେ ଭାରତ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବାରେ ସଫଳତା ପାଉଛି ବୋଲି ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି । ବିଭିନ୍ନ ବ୍ଲକ ଏବଂ ଜିଲ୍ଲା ସ୍ତରରୁ କୃତିତ୍ୱ ହାସଲ କରିଥିବା ଖେଳାଳି ମାନଙ୍କୁ ସାଂସଦ ଏବଂ ମଞ୍ଚାସିନ ଅତିଥିମାନେ ପୁରସ୍କୃତ କରିଥିଲେ । ଏହି ସାଂସଦ ଖେଳ ମହୋତ୍ସବ କାର୍ଯ୍ୟକ୍ରମକୁ ସାଂସଦ ପ୍ରତିନିଧି ହରିହର ମହାନ୍ତ,ବରୋଦାପ୍ରଶ୍ନ ସାହୁ,ବିଜେପି ଜିଲ୍ଲା ଉପସଭାପତି ବିବେକାନନ୍ଦ ମହାନ୍ତ, ସାଧାରଣ ସମ୍ପାଦକ ଅନୁବ୍ରତ ବେହେରା, କିରଣବାଳା ନାୟକ, ନୀଳମଣି ମହାନ୍ତ, ଭାରତଭୂଷଣ କୁଅଁର ଏବଂ ବିଜେପି ର ନେତୃତ୍ୱ ତଥା ସମସ୍ତଙ୍କ ସହଯୋଗରେ ସଫଳ ହୋଇଛି ବୋଲି ସାଂସଦ ଖେଳ ମହୋତ୍ସବର ଜିଲ୍ଲା ସଂଯୋଜକ ଦିଲ୍ଲୀପ କୁମାର ପଣ୍ଡା ପ୍ରକାଶ କରିଛନ୍ତି ।

# 'ପୁସ୍ତକ ମହୋତ୍ସବ ଭାଷା ସାହିତ୍ୟ ଓ ସଂସ୍କୃତିର ଏକ ଅଫୁରନ୍ତ ସମାହାର'

**ଯାଜପୁର, ନ୍ୟୁଜ୍‌ବ୍ୟୁରୋ**

୧୫ତମ ରାଜ୍ୟସ୍ତରୀୟ ଯାଜପୁର ପୁସ୍ତକ ମହୋତ୍ସବ ଦ୍ୱିତୀୟ ସନ୍ଧ୍ୟା ପୁସ୍ତକ ମହୋତ୍ସବ କମିଟିର ସଭାପତି ସନ୍ତୋଷ କୁମାର ନନ୍ଦଙ୍କର ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ରାଜ୍ୟସଭା ସାଂସଦ ସୁଲତା ଦେଓ ପ୍ରଦୀପ ପ୍ରଜ୍ୱଳନ କରିବା ସହିତ ମା' ବିରଜାଙ୍କ ଫଟୋରେ ମାଲ୍ୟାର୍ପଣ କରି ଉତ୍ସବର ଉଦ୍‌ଘାଟନ କରିଥିଲେ । ଅଧ୍ୟାପକ ପୂର୍ଣ୍ଣଚନ୍ଦ୍ର ସାମଲ ସ୍ତୋତ୍ରପାଠ କରିଥିଲେ । କୋଷାଧ୍ୟକ୍ଷ ସୁବାସ ଚନ୍ଦ୍ର ମହାପାତ୍ର ଅତିଥିମାନଙ୍କୁ ମଞ୍ଚକୁ ସ୍ୱାଗତ କରିଥିବା ବେଳେ ସଂଗଠନ ସଂପାଦକ ହୃଷିକେଶ ପତି ପରିଚୟ ପ୍ରଦାନ କରିଥିଲେ । ପୁସ୍ତକ ମହୋତ୍ସବ କମିଟିର ସଂପାଦକ ଡ. କାହ୍ନୁ ଚରଣ ମିଶ୍ର ବିବରଣୀ ପ୍ରଦାନ କରିଥିଲେ । ସମ୍ମାନିତ ଅତିଥିଭାବେ ଅତରିକ୍ତ ଜିଲ୍ଲାପାଳ ଜିଲ୍ଲାପାଳ ଯୁଧିଷ୍ଠିର ନାୟକ ମହୋତ୍ସବ ଭାଷା ସାହିତ୍ୟ ଓ ସଂସ୍କୃତିର ଏକ ଅଫୁରନ୍ତ ସମାହାର; ବିକଶିତ ଜୀବନର ପ୍ରତ୍ୟେକଟି ଇସ୍ତାହାର ପୁସ୍ତକ ସହ ଜଡ଼ିତ ବୋଲି ଦୃଢ଼ୋକ୍ତି ପ୍ରକାଶ କରିଥିଲେ । ସାଂସଦ ସୁଲତା ଦେଓ ପୁସ୍ତକର ଅଦୃଶ୍ୟ ଶକ୍ତି ମାନବକୁ ମାନବୋତ୍ତର ଅବସ୍ଥାରେ ପହଞ୍ଚାଇବା ସଙ୍ଗେ ସଙ୍ଗେ ଗୋଟିଏ ଦେଶ ଓ ଜାତିର ବିବର୍ତ୍ତନ ବାଦରେ ନୂତନ ଇତିହାସ ଲେଖିଥାଏ ବୋଲି ଉଲ୍ଲେଖ କରିଥିଲେ । ମୁଖ୍ୟବକ୍ତା ଭାବେ ଯାଜପୁର ବିଧାୟିକା ସୁଜାତା ସାହୁ ଯୋଗଦେଇ ଡିଜିଲାଇଜେସନ ମାଧ୍ୟମରେ ଆମେ ଯେତେ ତଥ୍ୟ ଉପଲବ୍ଧ କରୁଛୁ ତାହା ପରେମଧ୍ୟ ବହୁ ତଥ୍ୟ ପୁସ୍ତକ ମାଧ୍ୟମରେ ଆମକୁ ମିଳିପାରୁଛି ବୋଲି ପ୍ରକାଶ କରିଥିଲେ । ସମ୍ମାନୀତ ଅତିଥିଭାବେ ଓଡ଼ିଶା ରାଜ୍ୟ ଆଇନଜୀବୀ ପରିଷଦର ଉପାଧ୍ୟକ୍ଷ ରାଜୀବ ମହାନ୍ତି ଯୋଗଦେଇ ଜୀବନକୁ ସରସ ସୁନ୍ଦର ଓ କର୍ମଠ କରିବାକୁ ହେଲେ ବହିହିଁ ସବୁଠାରୁ ଭଲ ସହଚର ବନ୍ଧୁ ବୋଲି ପ୍ରକାଶ କରିଥିଲେ । ସମ୍ମାନିତ ଅତିଥିଭାବେ ପ୍ରଫେସର ବଟକୃଷ୍ଣ ମହାପାତ୍ର, ଅଧ୍ୟାପକ କୁଳମଣି ଜେନା, ଶିକ୍ଷାବିତ୍ ରଣଜିତ କର ପ୍ରମୁଖ ବହି ମଣିଷର ଜୀବନକୁ ଅନ୍ଧକାରର ଅତଳ ଗର୍ଭରୁ ଆଲୋକର ଉଜ୍ଜ୍ୱଳ ବର୍ତ୍ତିକା ଆଡ଼କୁ ନେଇ ସମାଜରେ ପ୍ରତିଷ୍ଠିତ କରିଥାଏ ବୋଲି ପ୍ରକାଶ କରିଥିଲେ । ଶ୍ରୀୟା ରାଣୀ ପାଢ଼ୀ ସ୍ୱାଗତ ନୃତ୍ୟ କରିଥିଲେ । ବଲାଙ୍ଗୀରର କଳାକାରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ । ଗଣମାଧ୍ୟମ ସଂଯୋଜକ ଆଦିତ୍ୟ ନାରାୟଣ ମହାନ୍ତି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ବିଭୂତି ମହାପାତ୍ର ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ ।



# ନବୀନ ପଟ୍ଟନାୟକ ସଂପୂର୍ଣ୍ଣ ସୁସ୍ଥ ଅଛନ୍ତି ତାଙ୍କ ବିରୁଦ୍ଧରେ ଅପପ୍ରଚାର କରାଯାଉଛି : ସୁବାସ ସିଂହ



**କଟକ,ନ୍ୟୁଜ ବ୍ୟୁରୋ**

ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ପ୍ରତି ରାଜ୍ୟବାସୀଙ୍କର ପୂର୍ଣ୍ଣ ସମର୍ଥନ ଏବଂ ଆତ୍ମବିଶ୍ୱାସ ରହିଛି। ଅତୀତରେ ଏହା ଥିଲା ଏବଂ ଏବେ ମଧ୍ୟ ରହିଛି। ସେ ଯାହାକୁ ଚାହିଁବେ ତାହାକୁ ପଦପଦବୀରେ ଅବସ୍ଥାପିତ କରିବେ। ରାଜ୍ୟରେ ମହିଳାମାନଙ୍କର ସାମାଜିକ ଓ ଅର୍ଥନୈତିକ ବିକାଶ ଏବଂ ମହିଳା ସଶକ୍ତିକରଣ କ୍ଷେତ୍ରରେ ସୁଜାତା କାର୍ତ୍ତିକେୟନଙ୍କର ଅବଦାନ ଅତୁଳନୀୟ। ସେ ଚାକିରି ଛାଡି ଜନସେବା ଲକ୍ଷ୍ୟ ରଖି ଦଳରେ ଯୋଗ ଦେଇଛନ୍ତି । ରାଜ୍ୟରେ ହିଂସା, ମହିଳାଙ୍କ ଉପରେ ଅତ୍ୟାଚାର, ଦରଦାମ ବୃଦ୍ଧି ଏବେ ପ୍ରସଙ୍ଗ ହୋଇଉଠିଛି। ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ରାଜ୍ୟରେ ୩କୋଟି ୮୦ ଲକ୍ଷ ଲୋକ ଉପକୃତ ହୋଇପାରିଥିଲେ। କେନ୍ଦ୍ର ସରକାରଙ୍କର ଆୟୁଷ୍ମାନ ଯୋଜନା କୌଣସି ପ୍ରକାରେ ଫଳପ୍ରଦ ହୋଇପାରୁନାହିଁ। ଲୋକମାନେ ଏହି ଯୋଜନାରେ କୌଣସି ସୁବିଧା ସୁଯୋଗ ପାଇପାରୁନାହାନ୍ତି। ବିଜେପି ସରକାର ସଂପୂର୍ଣ୍ଣ ଅସମର୍ଥ ହୋଇପଡିଛି। ତେଣୁ ଆଗାମୀ ୨୬ ତାରିଖ ଦିନ ସାରଳା ଭବନ ଠାରେ ବିଜୁ ଜନତା ଦଳ କଟକ ଜିଲ୍ଲା ପକ୍ଷରୁ ଦଳର ୨୮ତମ ସ୍ଥାପନ ଦିବସ ପାଳନ କରାଯିବ। ଏଠାରେ ରାଜ୍ୟରେ ହିଂସାକାଣ୍ଡ, ଦରଦାମ ବୃଦ୍ଧି, ବେକାରୀ ସମସ୍ୟା, ଚାଷୀମାନଙ୍କ ସମସ୍ୟା, ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରାଯିବ। ଦଳର କର୍ମୀମାନେ ଘର ଘର ବୁଲି ବିଜେପି ସରକାରର ଅପାରଗତା ସମ୍ପର୍କରେ ଲୋକଙ୍କୁ ଅବଗତ କରିବେ। କଟକ ଜିଲ୍ଲା ବିଜେଡି ସୁଦୃଢ଼ ରହିଛି ବୋଲି ମେୟର ସୁବାସ ସିଂ ଏବଂ ଦଳର ଜିଲ୍ଲା ସଭାପତି ଶ୍ରୀ ପ୍ରଫୁଲ୍ଲ ସିଂ ଆଜି ଗୁରୁବାର ଦିନ ଏକ ସାମ୍ବାଦିକ ସମ୍ମିଳନୀରେ ପ୍ରକାଶ କରିଛନ୍ତି। ଶ୍ରୀ ସିଂ ସାମ୍ବାଦିକମାନଙ୍କୁ ବିଭିନ୍ନ ପ୍ରଶ୍ନର ଉତ୍ତର ଦେଇ କହିଲେ ନବୀନ ପଟ୍ଟନାୟକ ସଂପୂର୍ଣ୍ଣ ସୁସ୍ଥ ଅଛନ୍ତି। ତାଙ୍କ ସ୍ୱାସ୍ଥ୍ୟ ସମ୍ପର୍କରେ ଅପପ୍ରଚାର କରାଯାଉଛି ବୋଲି ଶ୍ରୀ ସିଂ ସମ୍ବାଦିକମାନଙ୍କୁ ସୂଚନା ଦେଇଥିଲେ।

# ଅଟଳଜୀଙ୍କ ଅମ୍ଳାନ ବ୍ୟକ୍ତିତ୍ୱ ଆମ ସମସ୍ତଙ୍କ ପାଇଁ ଆଦର୍ଶ : ସଂସ୍କୃତି ମନ୍ତ୍ରୀ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ବିଶିଷ୍ଟ ରାଷ୍ଟ୍ରନୀତିଜ୍ଞ ତଥା ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ଭାରତରତ୍ନ ଅଟଳ ବିହାରୀ ବାଜପେୟୀଙ୍କ ଜୟନ୍ତୀ ସମାରୋହ ଓ ସୁଶାସନ ଦିବସ ଅବସରରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ରାଜ୍ୟ ସ୍ତରୀୟ କବିତା ପାଠୋତ୍ସବ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଭୁବନେଶ୍ୱର ସ୍ଥିତ ସଂସ୍କୃତି ଭବନ ସମ୍ମିଳନୀ କକ୍ଷରେ ଆୟୋଜିତ ହୋଇଥିବା ଏହି ରାଜ୍ୟ ସ୍ତରୀୟ କବିତା କବିତା ପାଠୋତ୍ସବ କାର୍ଯ୍ୟକ୍ରମରେ ୧୦୦ରୁ ଊର୍ଦ୍ଧ୍ୱ କବି ଅଂଶଗ୍ରହଣ କରି ଅଟଳ ବିହାରୀ ବାଜପେୟୀଙ୍କ ସ୍ମୃତିଚାରଣ କରିଥିଲେ। 'ପୂଜ୍ୟ ଅଟଳ ଶତାବ୍ଦୀର ଶତଦଳ' ଶୀର୍ଷକରେ ଏହି ରାଜ୍ୟ ସ୍ତରୀୟ କବିତା ପାଠୋତ୍ସବ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଅଟଳ ବିହାରୀ ବାଜପେୟୀଙ୍କ ଫଟୋଚିତ୍ରରେ ଶ୍ରଦ୍ଧାସୁମନ ଅର୍ପଣ କରିବା ସହ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଏଥିସହ ଅଟଳଜୀଙ୍କ ଅମର ଓ ଅମ୍ଳାନ କୀର୍ତ୍ତିକୁ ସ୍ମରଣ କରିଥିଲେ। ନିଜର ଅଭିଭାଷଣରେ ସେ କହିଥିଲେ ଯେ, 'ଅଟଳ ବିହାରୀ ବାଜପେୟୀ ହେଉଛନ୍ତି ତ୍ୟାଗ, ତିତିକ୍ଷା ଓ ବଳିଦାନର ମୂର୍ତ୍ତିମନ୍ତ ପ୍ରତୀକ। ତାଙ୍କ ସାରସ୍ୱତ ଚେତନା ଆମ ସମସ୍ତଙ୍କୁ ଆହ୍ଲାଦିତ କରେ। ସେହି ଅଜୟ, ଅଟଳ ଓ ଅମ୍ଳାନ ବ୍ୟକ୍ତିତ୍ୱଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ଉପଲକ୍ଷେ ଆଜି ଓଡ଼ିଶାର ଶତାଧିକ କବି ଏକତ୍ରିତ ହୋଇ କବିତା ପାଠୋତ୍ସବ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଛନ୍ତି। ଅଟଳଜୀଙ୍କ ଭାବନା, ଚେତନା, ଶବ୍ଦ ସଂରଚନା ଓ ସାହିତ୍ୟ ସର୍ଜନାରେ ଦର୍ଶନ ତତ୍ତ୍ୱ ଦେଖିବାକୁ ମିଳେ। ତାଙ୍କର ପ୍ରତ୍ୟେକ ସାରସ୍ୱତ କୃତିରେ ଉଭୟ ବିନମ୍ରତା ଓ ନିର୍ଭୀକତାର ଭାବନା ପ୍ରସ୍ଫୁଟିତ ହୋଇଥାଏ। ଅଟଳଜୀଙ୍କ ଅମର ବ୍ୟକ୍ତିତ୍ୱ ଆମ ସମସ୍ତଙ୍କ ପାଇଁ ଆଦର୍ଶ। ଅଟଳଜୀଙ୍କ ଆଦର୍ଶରେ ଆଜିର ଯୁବପିଢ଼ି ଅନୁପ୍ରାଣିତ ହୋଇ ଏକ ସଶକ୍ତ ରାଷ୍ଟ୍ର ନିର୍ମାଣରେ ନିଜର ଯୋଗଦାନ ଦେବେ ବୋଲି ମୁଁ ଆଶା କରୁଛି।' ଏହି କାର୍ଯ୍ୟକ୍ରମରେ ଓଡ଼ିଶାର ବିଭିନ୍ନ ଜିଲ୍ଲାରୁ ଆସିଥିବା କବିମାନେ ଅଟଳଜୀଙ୍କୁ ସ୍ମରଣ କରି ନିଜର ଶବ୍ଦ ଅର୍ଘ୍ୟ ଅର୍ପଣ କରିଥିଲେ। ସମସ୍ତ କବିମାନଙ୍କୁ ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ଉପଢୌକନ, ମାନପତ୍ର ଓ ଅଟଳଜୀଙ୍କ ସ୍ମୃତି ସ୍ମାରକୀ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ବିଶିଷ୍ଟ ସାହିତ୍ୟିକ ତଥା ପ୍ରାବନ୍ଧିକ ଶ୍ରୀ ହରପ୍ରସାଦ ଦାସ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ସଚିବ ଡ଼ା. ବିଜୟ କେତନ ଉପାଧ୍ୟାୟ, ଓଡ଼ିଶା ସାହିତ୍ୟ ଏକାଡେମୀର ସଚିବ ଡ଼. ଚନ୍ଦ୍ର ଶେଖର ହୋତା ପ୍ରମୁଖ ଆଜିର କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ଆତଙ୍କବାଦୀ ...

ଏହି ଅବସରରେ ଆହ୍ୱାନ ଦେଇଛନ୍ତି। ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ରାଜ୍ୟରେ ଦୀର୍ଘ ତିନି ଦଶନ୍ଧିରୁ ଊର୍ଦ୍ଧ୍ୱ ସମୟ ଧରି ଜାରି ରହିଥିବା ମାଓବାଦୀ ସମସ୍ୟାକୁ ଦମନ କରିବା ଦିଗରେ ଏସ୍‌ଓଜିର ଅବଦାନ ଅନନ୍ୟ। ୨୦୨୬ ମାର୍ଚ୍ଚ ମାସ ସୁଦ୍ଧା ଦେଶରୁ ନକ୍ସଲବାଦ ଲୋପ କରିବା ପାଇଁ କେନ୍ଦ୍ର ସରକାର ଯେଉଁ ଡେଡ୍ ଲାଇନ ରଖିଛନ୍ତି, ସେଥିରେ ଆମେ ସଫଳ ହୋଇ ଚାଲିଛୁ । ନିକଟରେ ମାଲକାନଗିରି ଜିଲ୍ଲାରେ ୨୨ଜଣ ମାଓବାଦୀଙ୍କର ସମୂହ ଆତ୍ମସମର୍ପଣ ଏ ଦିଗରେ ଏକ ଉତ୍ସାହଜନକ ପଦକ୍ଷେପ। ଦେଶର ପ୍ରଧାନମନ୍ତ୍ରୀଙ୍କ ଦିଗ୍‌ଦର୍ଶନ ଓ ଗୃହ ମନ୍ତ୍ରୀଙ୍କ ଷ୍ଟ୍ରାଟେଜି ଯୋଗୁଁ ଦେଶ ଆଜି ଶାନ୍ତି ଓ ବିକାଶର ପଥରେ ଦ୍ରୁତ ଗତିରେ ଆଗେଇ ଚାଲିଛି । ଏସଓଜି ଓ ଅନ୍ୟ ସଂପୃକ୍ତ ନକ୍ସଲ ଦମନ ସଂସ୍ଥାର ଯବାନମାନଙ୍କ ରିସ୍କ ଏଲାଉନ୍ସ ବିଷୟ ଘୋଷଣା କରି ମୁଖ୍ୟମନ୍ତ୍ରୀ କହିଲେ ଯେ, ଚଳିତ ଡିସେମ୍ବର ମାସଠାରୁ ନକ୍ସଲ ଦମନ ଅଭିଯାନରେ ପ୍ରତ୍ୟକ୍ଷ ଭାବେ ନିୟୋଜିତ ସ୍ପେସାଲ ଅପରେସନ୍ ଗ୍ରୁପ୍ ବା ଏସ୍‌ଓଜିର ଅଫିସରମାନେ ମାସିକ ସର୍ବାଧିକ ୨୫,୦୦୦ ଟଙ୍କା ଏଲାଉନ୍ସ ପାଇବେ । ଏସଓଜିର ସୁବେଦାର ଓ ଡେପୁଟି ସୁବେଦାରମାନେ ମାସିକ ୨୪,୦୦୦ ଟଙ୍କା, ହାବିଲଦାରମାନେ ମାସିକ ୨୦,୦୦୦ ଟଙ୍କା ଏବଂ କନଷ୍ଟେବଲ ଓ ସିପାହୀମାନେ ମାସକୁ ୧୬,୦୦୦ ଟଙ୍କା ଭତ୍ତା ପାଇବେ । ସେହିପରି, ଏସଓଜି ଏବଂ ଏଇଟି ଓ ଆରସିର ଅଧିକାରୀ ଓ କର୍ମଚାରୀମାନେ ପ୍ରତ୍ୟକ୍ଷ ଭାବରେ ଅଭିଯାନରେ ସାମିଲ ହୋଇନଥିଲେ ମଧ୍ୟ ଟ୍ରେନିଂ ଓ ଅନ୍ୟାନ୍ୟ ଡ୍ୟୁଟିରେ ଥିଲେ ମାସିକ ସର୍ବାଧିକ ୧୨,୦୦୦ ଟଙ୍କା ପାଇବେ । ସେହିପରି ଡିଷ୍ଟ୍ରିକ୍ଟ ଭଲ୍ୟୁଣ୍ଟିୟର ଫୋର୍ସର କର୍ମଚାରୀମାନେ ମାସିକ ସର୍ବାଧିକ ୧୦,୦୦୦ ଟଙ୍କା ଏବଂ ଏସଆଇଡବ୍ଲୁ ସ୍ପେସାଲ ଇଣ୍ଟେଲିଜେନ୍ସ ୱିଙ୍ଗ୍‌ର କର୍ମଚାରୀମାନେ ମାସିକ ସର୍ବାଧିକ ୨୦,୦୦୦ ଟଙ୍କା ଭତ୍ତା ପାଇବେ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ସେ କହିଥିଲେ, ପୁଲିସ ବିଭାଗକୁ ଅଧିକ ଶକ୍ତିଶାଳୀ ଏବଂ କ୍ରିୟାଶୀଳ କରିବା ନିମନ୍ତେ ଆମ ସରକାରଙ୍କଦ୍ୱାରା ୩ଟି ଓଏସ୍‌ଏସ୍‌ଏଫ୍ (ଓଡିଶା ସ୍ପେଶାଲ ଷ୍ଟ୍ରାଇକିଙ୍ଗ୍ ଫୋର୍ସ) ବାଟାଲିୟନ, ୩ଗୋଟି ଓ.ଆଇ.ଏସ.ଏଫ. (ଓଡିଶା ଇଣ୍ଡଷ୍ଟ୍ରିଆଲ ସିକ୍ୟୁରିଟି ଫୋର୍ସ), ୧୦ଟି ନୂତନ ଓଡ୍ରାଫ ୟୁନିଟ, ଗୋଟିଏ ଟ୍ରାଫିକ୍ ଓ ରୋଡ଼ ସେଫ୍ଟି ୱିଙ୍ଗ, ୨୧ଟି ସାଇବର ଓ ଅର୍ଥନୈତିକ ଅପରାଧ ଥାନା ଏବଂ ଗୋଟିଏ ନୂତନ ପୁଲିସ ଜିଲ୍ଲା (ରାଇରଙ୍ଗପୁର ପୁଲିସ ଜିଲ୍ଲା) ପ୍ରତିଷ୍ଠା କରାଯାଇଛି । ଏଥି ସହିତ, ଆମ ସରକାର ପୁଲିସ ବିଭାଗରେ ସର୍ବମୋଟ ୧୫,୩୨୬ ଟି ନୂତନ ପଦବୀ ସୃଷ୍ଟି ପାଇଁ ମଞ୍ଜୁରୀ ପ୍ରଦାନ କରିଛନ୍ତି । ସେ ଆହୁରି କହିଥିଲେ ଯେ ରାଜ୍ୟ ସରକାର ଇତିମଧ୍ୟରେ ସଂଶୋଧିତ "ଆତ୍ମସମର୍ପଣ ଏବଂ ପୁନର୍ବାସ" ଯୋଜନାକୁ ଅନୁମୋଦନ ପ୍ରଦାନ କରିଛନ୍ତି । ଏହି ଯୋଜନା ଅନୁଯାୟୀ, ଆତ୍ମସମର୍ପଣ କରୁଥିବା ମାଓବାଦୀମାନଙ୍କୁ ୧ କୋଟି ୨୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଅର୍ଥ ରାଶି ସହିତ ବାସଗୃହ, ଶିକ୍ଷା ସହାୟତା, ବିବାହ ସହାୟତା ଏବଂ ରୋଜଗାର ନିମନ୍ତେ ମାସିକ ୧୦,୦୦୦ ଟଙ୍କାର ଷ୍ଟାଇପେଣ୍ଡ ସହିତ ବୃତ୍ତିଗତ ତାଲିମର ସୁବିଧା ମିଳି ପାରିବ।

## ସାନ୍ତାଳୀ ଭାଷାରେ...

ବିଷୟ । ଭାରତର ସମ୍ବିଧାନ ଏବେ ସାନ୍ତାଳୀ ଭାଷାରେ ଉପଲବ୍ଧ । ଏହି ସମ୍ବିଧାନ ଅଲ୍ ଚିକି ଲିପିରେ ଲେଖାଯାଇଛି। ଏହା ସାନ୍ତାଳୀ ସାମ୍ପ୍ରଦାୟ ଲୋକଙ୍କୁ ନିଜ ଭାଷାରେ ସମ୍ବିଧାନ ପଢ଼ିବା ଏବଂ ବୁଝିବା ପାଇଁ ସକ୍ଷମ କରିବ ବୋଲି ରାଷ୍ଟ୍ରପତି କହିଥିଲେ ।

## ଶ୍ରେଷ୍ଠତା ପଦ...

ଦ୍ରୌପଦୀ ମୁର୍ମୁ, ଉପରାଷ୍ଟ୍ରପତି ସି.ପି. ରାଧାକୃଷ୍ଣନ ଏବଂ ଲୋକସଭା ବାଚସ୍ପତି ଓମ ବିର୍ଲାଙ୍କ ସମେତ ଅନେକ ରାଜନୈତିକ ନେତା ତାଙ୍କ ଜନ୍ମବାର୍ଷିକୀରେ ତାଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ଏହା ପୂର୍ବରୁ, ପ୍ରଧାନମନ୍ତ୍ରୀ ମୋଦୀ ତାଙ୍କ ଇନଷ୍ଟାଗ୍ରାମ ହ୍ୟାଣ୍ଡେଲରେ ଅଟଳ ବିହାରୀ ବାଜପେୟୀଙ୍କ ଅବଦାନକୁ ସ୍ମରଣ କରି ଏକ ଭିଡିଓ ଶେୟାର କରିଥିଲେ। ସେ ବାଜପେୟୀଙ୍କ ଆଚରଣ, ଚିନ୍ତାଧାରା ଏବଂ ଅଟଳ ସଂକଳ୍ପକୁ ରାଜନୀତିର ଅନୁକରଣୀୟ ମାନଦଣ୍ଡ ଭାବରେ ବର୍ଣ୍ଣନା କରିଥିଲେ। ଏକ ସଂସ୍କୃତ ଶ୍ଳୋକ ଉଦ୍ଧୃତ କରି ପ୍ରଧାନମନ୍ତ୍ରୀ ମୋଦୀ କହିଛନ୍ତି ଯେ ବାଜପେୟୀଙ୍କ ଜନ୍ମବାର୍ଷିକୀ ତାଙ୍କ ବ୍ୟକ୍ତିତ୍ୱରୁ ପ୍ରେରଣା ପାଇବା ପାଇଁ ଏକ ବିଶେଷ ଅବସର। ପ୍ରଧାନମନ୍ତ୍ରୀ ମୋଦୀ ବାଜପେୟୀଙ୍କ ବ୍ୟକ୍ତିତ୍ୱ ଏବଂ ଆଚରଣ ଉପରେ ମଧ୍ୟ ଆଲୋକପାତ କରିଥିଲେ। ପ୍ରଧାନମନ୍ତ୍ରୀ ମୋଦୀଙ୍କ ଅନୁସାରେ, ବାଜପେୟୀ ସର୍ବଦା ଜାତୀୟ ସ୍ୱାର୍ଥକୁ ସବୁକିଛି ଉପରେ ଗୁରୁତ୍ୱ ଦେଇଥିଲେ।

## ଏନକାଉଣ୍ଟର...

ଚିହ୍ନଟ କରାଯାଇଛି। ତାଙ୍କର ମୁଣ୍ଡ ଉପରେ ୧.୧ କୋଟି ଟଙ୍କାର ପୁରସ୍କାର ଘୋଷଣା କରାଯାଇଥିଲା। ଗୁରୁବାର ସକାଳେ ଏନକାଉଣ୍ଟର ସ୍ଥଳ ନିକଟରେ ଦୁଇ ମହିଳା ମାଓବାଦୀଙ୍କ ମୃତଦେହ ଉଦ୍ଧାର କରାଯାଇଥିଲା। ସେମାନଙ୍କର ଏପର୍ଯ୍ୟନ୍ତ ପରିଚୟ ମିଳିନାହିଁ। ପ୍ରାପ୍ତ ସୂଚନା ଅନୁଯାୟୀ, ଓଡ଼ିଶା ପୁଲିସର ଏସ୍‌ଓଜି (ସ୍ପେଶାଲ୍ ଅପରେସନ୍ ଗ୍ରୁପ୍)ର ଏକ ଛୋଟ ମୋବାଇଲ୍ ଦଳ ଜଙ୍ଗଲରେ ସର୍ଚ୍ଚ ଅପରେସନ୍ ଆରମ୍ଭ କରିବା ସମୟରେ ମାଓବାଦୀଙ୍କ ସହ ମୁହାଁମୁହିଁ ହୋଇଥିଲେ।

## ଓଡ଼ିଶାରେ...

ଗଣେଶଙ୍କ ସମେତ ମୋଟ ୪ ନକ୍ସଲ ମାଓବାଦୀ ନିହତ ହୋଇଛନ୍ତି । ସେ କହିଛନ୍ତି ଯେ, ଗଣେଶଙ୍କ ମୃତ୍ୟୁ ପରେ ଓଡ଼ିଶାରେ ମାଓବାଦୀଙ୍କ ମେରୁଦଣ୍ଡ ଭାଙ୍ଗି ଯାଇଛି । ସେ କହିଛନ୍ତି ଯେ ସର୍ଚ୍ଚ ଓ କମ୍ବିଂ ଅପରେସନ ଏବେବି ଚାଲିଛି ।

ଡିଜିପି କହିଛନ୍ତି ଯେ, ୨୦୨୬ ମାର୍ଚ୍ଚ ପର୍ଯ୍ୟନ୍ତ ମାଓବାଦୀଙ୍କ ମୂଳପୋଛ କରିବା ହେଉଛି ଆମର ଲକ୍ଷ୍ୟ। ସେ ଏହା ସହିତ ମାଓବାଦୀଙ୍କ ଆତ୍ମସମର୍ପଣ ପାଇଁ ଓଡ଼ିଶାର ନୀତିକୁ ଶ୍ରେଷ୍ଠ ଭାବେ ବର୍ଣ୍ଣନା କରି, ମାଓବାଦୀଙ୍କୁ ହିଂସାର ମାର୍ଗ ଛାଡ଼ି ମୁଖ୍ୟସ୍ରୋତରେ ସାମିଲ ହେବାକୁ ଆହ୍ୱାନ କରିଛନ୍ତି।

## ସୁରକ୍ଷା ବଳଙ୍କ...

ମିଡିଆରେ ଲେଖିଛନ୍ତି, ନକ୍ସଲମୁକ୍ତ ଭାରତ ଗଠନ ଅଭିଯାନରେ ଆଜି ଓଡ଼ିଶା ଏକ ଉଲ୍ଲେଖନୀୟ ସଫଳତା ହାସଲ କରିଛି। କନ୍ଧମାଳ ଜିଲ୍ଲାରେ ଚାଲୁଥିବା ମିଳିତ ଅପରେସନରେ ନକ୍ସଲ କେନ୍ଦ୍ରୀୟ କମିଟି ସଦସ୍ୟ ଗଣେଶ ଉଇକେ ସମେତ ୪ ଜଣ ନକ୍ସଲବାଦୀ ନିହତ ହୋଇଛନ୍ତି। ଆମର ସାହସୀ ସୁରକ୍ଷାକର୍ମୀଙ୍କ ଅଦମ୍ୟ ସାହସ ଓ ସଠିକ ସମନ୍ୱୟ ପାଇଁ ମୁଁ ସେମାନଙ୍କୁ ସାଧୁବାଦ ଜଣାଉଛି। ସେମାନଙ୍କର ଏହି ନିଷ୍ଠାପର ଉଦ୍ୟମ ଓଡ଼ିଶାକୁ ନକ୍ସଲବାଦ ମୁକ୍ତ କରିବା ପାଇଁ ଆମର ପ୍ରତିବଦ୍ଧତାକୁ ଆହୁରି ସୁଦୃଢ଼ କରିଛି। ଆମ ସରକାର ଓଡ଼ିଶାକୁ ସମ୍ପୂର୍ଣ୍ଣ ରୂପେ ନକ୍ସଲମୁକ୍ତ କରିବା ପାଇଁ ଦୃଢ଼ ସଂକଳ୍ପବଦ୍ଧ। ରାଜ୍ୟର ବିକାଶ ଏବଂ ଜନସାଧାରଣଙ୍କ ସୁରକ୍ଷା ଆମର ସର୍ବୋଚ୍ଚ ପ୍ରାଥମିକତା। କେବଳ ଶାନ୍ତି ଏବଂ ପ୍ରଗତି ହିଁ ଆମ ରାଜ୍ୟର ଭବିଷ୍ୟତ ନିର୍ଦ୍ଧାରଣ କରିବ।

## ବସ୍-ଟ୍ରକ୍ ...

ଗୁରୁବାର ପ୍ରାୟ ୧୨ ଟା ସମୟରେ ଏହି ଦୁର୍ଘଟଣା ଘଟିଥିଲା। ଘରୋଇ ସ୍ଲିପର୍ ବସ୍‌ଟି ବେଙ୍ଗାଲୁରୁରୁ ଗୋକର୍ଣ୍ଣ ଅଭିମୁଖେ ଯାତ୍ରା କରୁଥିବା ବେଳେ ସାମ୍ନାପଟୁ ଆସୁଥିବା ଏକ ଟ୍ରକ ସହିତ ଧକ୍କା ହୋଇଥିଲା। ଦୁର୍ଘଟଣାରେ ଟ୍ରକର କିଛି ଅଂଶ ଜଳି ଯାଇଥିଲା ଏବଂ ଡ୍ରାଇଭରଙ୍କ ଘଟଣାସ୍ଥଳରେ ମୃତ୍ୟୁ ହୋଇଥିଲା। ଡ୍ରାଇଭର ଏବଂ କଣ୍ଡକ୍ଟର ସମେତ ମୋଟ ୩୨ ଜଣ ଯାତ୍ରୀ ଥିଲେ। ଧକ୍କା ଏତେ ଭୟଙ୍କର ଥିଲା ଯେ ବସ ଏବଂ ଟ୍ରକ ଉଭୟରେ ନିଆଁ ଲାଗିଗଲା। ନିଆଁ ଦ୍ରୁତ ଗତିରେ ବ୍ୟାପିଗଲା, ବସ ଭିତରେ ଅନେକ ଯାତ୍ରୀ ଫସି ରହିଲେ ଏବଂ ସେମାନଙ୍କୁ ବାହାରକୁ ବାହାର କରାଯାଇ ପାରିଲା ନାହିଁ। ଯାହା ଫଳରେ ସେମାନଙ୍କର ଦୁଃଖଦ ମୃତ୍ୟୁ ଘଟିଥିଲା। ଦୁର୍ଘଟଣା ସମ୍ପର୍କରେ ସୂଚନା ପାଇ ଡିଏସପି ଶିବକୁମାର ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟ ତଦାରଖ କରିଥିଲେ। ସ୍ଥାନୀୟ ବାସିନ୍ଦା ଏବଂ ଅଗ୍ନିଶମ ବିଭାଗର ସହାୟତାରେ ନିଆଁକୁ ନିୟନ୍ତ୍ରଣ କରାଯାଇଥିଲା।

## ସହାୟତା ରାଶି ...

ଜିଲ୍ଲାରେ ଘଟିଥିବା ଦୁର୍ଘଟଣାରେ ଲୋକଙ୍କ ପ୍ରାଣହାନି ହେବା ଖବର ପାଇ ଗଭୀର ଦୁଃଖିତ। ଯେଉଁମାନେ ନିଜ ପ୍ରିୟଜନଙ୍କୁ ହରାଇଛନ୍ତି ସେମାନଙ୍କ ପ୍ରତି ସମବେଦନା। ଆହତମାନେ ଶୀଘ୍ର ସୁସ୍ଥ ହୁଅନ୍ତୁ। ପ୍ରତ୍ୟେକ ମୃତକଙ୍କ ପରିବାରକୁ ପ୍ରଧାନମନ୍ତ୍ରୀ ଜାତୀୟ ସହାୟତା ପାଣ୍ଠିରୁ ୨ଲକ୍ଷ ଟଙ୍କା ଅନୁକମ୍ପାମୂଳକ ସହାୟତା ପ୍ରଦାନ କରାଯିବ। ଆହତମାନଙ୍କୁ ୫୦,୦୦୦ ଟଙ୍କା ପ୍ରଦାନ କରାଯିବ।

## ବାଂଲାଦେଶରେ...

ଦାସ ନାମକ ଜଣେ ହିନ୍ଦୁ ଯୁବକଙ୍କୁ ବାଂଲାଦେଶରେ ହତ୍ୟା କରାଯାଇଥିଲା। ବାରମ୍ବାର ହିନ୍ଦୁଙ୍କୁ ଟାର୍ଗେଟ କରାଯାଉଥିବାରୁ ସେଠାରେ ସଂଖ୍ୟାଲଘୁ ସମ୍ପ୍ରଦାୟ ଚିନ୍ତାରେ ପଡ଼ିଛନ୍ତି। ମିଳିଥିବା ସୂଚନା ଅନୁସାରେ, ରାଜବାଡ଼ି ଜିଲ୍ଲାରେ ବୁଧବାର ବିଳମ୍ବିତ ରାତିରେ ପଙ୍ଗସା ଅଞ୍ଚଳରେ କିଛି ଗ୍ରାମବାସୀ ଅମ୍ରିତଙ୍କୁ ଉଠାଇ ନେଇଥିଲେ। ବଟି ଆଦାୟ ଅଭିଯୋଗରେ ସେମାନେ ଅମ୍ରିତଙ୍କୁ ପିଟି ପିଟି ହତ୍ୟା କରିଥିଲେ।

## ଭୁବନେଶ୍ୱରର ବାୟୁ ...

ପ୍ରଦୂଷିତ ସହର ହେଉଛି କୋଲକାତାର ହଳଦିଆ ଓ ପଞ୍ଜାବର ରୂପନଗର। ଅନ୍ୟପଟେ ଗୁରୁବାର ଦିଲ୍ଲୀର ଏକ୍ୟୁଆଇ ରହିଛି ୨୧୮। ରାଜଧାନୀ ଭୁବନେଶ୍ୱରର ବାୟୁର ମାନ ବି ଭଲ ନାହିଁ । ସହରର ବିଭିନ୍ନ ଜନଗହଳିପୂର୍ଣ୍ଣ ଅଞ୍ଚଳରୁ ଯେଉଁ ଚିତ୍ର ଆସୁଛି, ତାହା ବେଶ୍ ଚିନ୍ତାଜନକ। ଅନେକ ଅଞ୍ଚଳରେ ବାୟୁ ଗୁଣବତ୍ତା ସୂଚକାଙ୍କ ବା ଏକ୍ୟୁଆଇ 'ଅତି ଖରାପ' ଶ୍ରେଣୀକୁ ଛୁଇଁଛି । ମାଷ୍ଟରକ୍ୟାଣ୍ଟିନ, ଲିଙ୍ଗରାଜ ମନ୍ଦିର, କଳିଙ୍ଗ ହସ୍ପିଟାଲର ଆଖପାଖ ଅଞ୍ଚଳରେ ୩୦୦ ଟପିଥିଲା ଏକ୍ୟୁଆଇ। ଓଡ଼ିଶା ଭଳି ରାଜ୍ୟର ବାୟୁ ଏତେ ବିଷାକ୍ତ ହେବାକୁ ନେଇ ଚିନ୍ତା ପ୍ରକଟ କରିଛନ୍ତି ପରିବେଶବିତ୍। ପରିବେଶ ମନ୍ତ୍ରୀ କହିଛନ୍ତି, ପ୍ରଦୂଷଣ ନେଇ ସଚେତନ ଅଛନ୍ତି ସରକାର। ଏହାକୁ ରୋକିବାକୁ ସମସ୍ତଙ୍କ ସହଭାଗିତାର ଆବଶ୍ୟକତା ଅଛି । ଓଡ଼ିଶା ଭଳି କମ୍ ଶିଳ୍ପ ଥିବା ରାଜ୍ୟର ବାୟୁ ପ୍ରଦୂଷଣ ବଢ଼ିବା, ସମସ୍ତଙ୍କ ପାଇଁ ଚିନ୍ତାର କାରଣ ପାଲଟିଛି । ଏହାକୁ ନିୟନ୍ତ୍ରଣ ପାଇଁ ପଦକ୍ଷେପ ନନେଲେ ଆଗକୁ ସ୍ଥିତି ଆହୁରି ଭୟଙ୍କର ହେବା ଆଶଙ୍କା ରହିଛି ।

# ପୂର୍ବତଟ ରେଳପଥର ବିପର୍ଯ୍ୟୟ ପ୍ରସ୍ତୁତି ଉପରେ ନାଗରିକ ପ୍ରତିରକ୍ଷା ପ୍ରଦର୍ଶନ ଆୟୋଜନ



ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ

ପୂର୍ବତଟ ରେଳପଥ ଭୁବନେଶ୍ୱରରେ ଏହାର ବିଭିନ୍ନ ଡିଭିଜନର ୫୯ ଜଣ ନାଗରିକ ପ୍ରତିରକ୍ଷା ସ୍ୱେଚ୍ଛାସେବକଙ୍କ ସକ୍ରିୟ ଅଂଶଗ୍ରହଣରେ ଏକ ବ୍ୟାପକ ନାଗରିକ ପ୍ରତିରକ୍ଷା ପ୍ରଦର୍ଶନ କାର୍ଯ୍ୟକ୍ରମ ଆୟୋଜନ କରିଥିଲା, ଯାହାର ଉଦ୍ଦେଶ୍ୟ ଜରୁରୀକାଳୀନ ଏବଂ ବିପର୍ଯ୍ୟୟ ପରିସ୍ଥିତି ସମୟରେ ପ୍ରସ୍ତୁତି, ସମନ୍ୱୟ ଏବଂ ପ୍ରଭାବଶାଳୀ ପ୍ରତିକ୍ରିୟା ପ୍ରଦର୍ଶନ କରିବା। ପୂର୍ବତଟ ରେଳପଥର ମହାପ୍ରବନ୍ଧକ ପରମେଶ୍ୱର ଫୁଙ୍କୱାଲ ଏହି ଅବସରରେ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିଲେ। ସମାବେଶକୁ ସମ୍ବୋଧିତ କରି ଶ୍ରୀ ଫୁଙ୍କୱାଲ ନାଗରିକ ପ୍ରତିରକ୍ଷା ସ୍ୱେଚ୍ଛାସେବକଙ୍କ ସମର୍ପଣ, ଶୃଙ୍ଖଳା ଏବଂ ବୃତ୍ତିଗତ ଦକ୍ଷତାକୁ ପ୍ରଶଂସା କରିଥିଲେ ଏବଂ ଦୁର୍ଘଟଣା, ପ୍ରାକୃତିକ ବିପର୍ଯ୍ୟୟ ଏବଂ ଅନ୍ୟାନ୍ୟ ଅପ୍ରତ୍ୟାଶିତ ପରିସ୍ଥିତିରେ ଜୀବନ ଏବଂ ସମ୍ପତ୍ତିର ସୁରକ୍ଷାରେ ନାଗରିକ ପ୍ରତିରକ୍ଷା ଦ୍ୱାରା ନିର୍ବାହ କରାଯାଇଥିବା ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ଗୁରୁତ୍ୱାରୋପ କରିଥିଲେ। ସେ ବିପର୍ଯ୍ୟୟ ପ୍ରସ୍ତୁତି ଏବଂ ପ୍ରତିକ୍ରିୟା ବ୍ୟବସ୍ଥାକୁ ଆହୁରି ମଜବୁତ କରିବା ପାଇଁ ନିରନ୍ତର ତାଲିମ, ମକ୍ ଡ୍ରିଲ୍ ଏବଂ ଜନସଚେତନତା କାର୍ଯ୍ୟକ୍ରମର ଗୁରୁତ୍ୱ ଉପରେ ଗୁରୁତ୍ୱାରୋପ କରିଥିଲେ। ଏହି କାର୍ଯ୍ୟକ୍ରମଟି କ୍ୟାମ୍ପ କମାଣ୍ଡର ଶ୍ରୀ ଏସ.ଭି.ଡି.ଏନ. ଚନ୍ଦ୍ର ଶେଖର, ପଣ୍ଡିତ ସିଡିଆଇଙ୍କ ମାର୍ଗଦର୍ଶନରେ ପରିଚାଳିତ ହୋଇଥିଲା। ପ୍ରଦର୍ଶନ ରେଳ ଦୁର୍ଘଟଣା ଜନିତ ପ୍ରତିକ୍ରିୟା ଅଭ୍ୟାସ ସହିତ ଆରମ୍ଭ ହୋଇଥିଲା, ପରେ ହାଲୁକା ଏବଂ ଭାରୀ ଉଦ୍ଧାର କାର୍ଯ୍ୟ ଏବଂ ପ୍ରାଥମିକ ଚିକିତ୍ସା କୌଶଳର ଏକ ଶୃଙ୍ଖଳା କରାଯାଇଥିଲା। ଏଥିରେ ବିଭିନ୍ନ ଦୁର୍ଘଟଣାଗ୍ରସ୍ତ ଲୋକଙ୍କୁ ନିଷ୍କାସନ ପଦ୍ଧତି, ସିଡ଼ି ଏବଂ ଦଉଡ଼ି ଉଦ୍ଧାର, ଷ୍ଟ୍ରେଚର ଅପରେସନ୍, ରାପେଲିଂ ଏବଂ କାନ୍ଥ କ୍ଲିଂ, ଦୁର୍ଘଟଣାଗ୍ରସ୍ତ ଲୋକଙ୍କୁ ଟାଣିବା କୌଶଳ, ସିପିଆର ସହିତ ବୈଦ୍ୟୁତିକ ଆଘାତ ପରିଚାଳନା, ଫାୟାରମ୍ୟାନ୍ ଲିଫ୍ଟ ଏବଂ ଲାଇଭ୍ ଅଗ୍ନି ନିର୍ବାପନ ପ୍ରଦର୍ଶନ ଅନ୍ତର୍ଭୁକ୍ତ ଥିଲା। ପ୍ରତ୍ୟେକ କାର୍ଯ୍ୟକଳାପକୁ ତାଲିମପ୍ରାପ୍ତ ନାଗରିକ ପ୍ରତିରକ୍ଷା କର୍ମଚାରୀଙ୍କ ଦ୍ୱାରା ସଠିକତା ଏବଂ ଦଳଗତ କାର୍ଯ୍ୟ ସହିତ ସମ୍ପାଦିତ କରାଯାଇଥିଲା, ଯାହା ଉଚ୍ଚ ସ୍ତରର ପ୍ରସ୍ତୁତି ଏବଂ କାର୍ଯ୍ୟକ୍ଷମ ଦକ୍ଷତାକୁ ପ୍ରତିଫଳିତ କରିଥିଲା। ଉଦ୍ଧାର କାର୍ଯ୍ୟର ସଫଳ ସମାପ୍ତି ଏବଂ କ୍ୟାମ୍ପ କମାଣ୍ଡରଙ୍କ ଦ୍ୱାରା ମୁଖ୍ୟ ଅତିଥିଙ୍କୁ ଆନୁଷ୍ଠାନିକ ରିପୋର୍ଟିଂ ସହିତ କାର୍ଯ୍ୟକ୍ରମଟି ଶେଷ ହୋଇଥିଲା। ନାଗରିକ ପ୍ରତିରକ୍ଷା ପ୍ରଦର୍ଶନ କାର୍ଯ୍ୟକ୍ରମ ବିପର୍ଯ୍ୟୟ ପରିଚାଳନା ଉପରେ ଜନସଚେତନତା ବୃଦ୍ଧି କରିବାରେ ସାହାଯ୍ୟ କରିଥିଲା ଏବଂ ଜରୁରୀକାଳୀନ ପରିସ୍ଥିତିରେ ସୁରକ୍ଷା ଏବଂ ସ୍ଥିରତା ସୁନିଶ୍ଚିତ କରିବା ପାଇଁ ନାଗରିକ ପ୍ରତିରକ୍ଷା ସ୍ୱେଚ୍ଛାସେବକମାନଙ୍କ ପ୍ରତିବଦ୍ଧତାକୁ ପୁନଃନିର୍ଦ୍ଦିଷ୍ଟ କରିଥିଲା।

# ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ, ଅବସରପ୍ରାପ୍ତ କର୍ମଚାରୀ ସଂଘର ୫ମ ବାର୍ଷିକ ସମାରୋହ




**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଗତ ମଙ୍ଗଳବାର ଅବସରପ୍ରାପ୍ତ କର୍ମଚାରୀ ସଂଘ, ଉଚ୍ଚମାଧ୍ୟମିକ ଶିକ୍ଷା ପରିଷଦର ୫ମ ବାର୍ଷିକ ପ୍ରତିଷ୍ଠା ଦିବସ ହାଉସିଂବୋର୍ଡ ଛକ ନିକଟସ୍ଥ ବୁଦ୍ଧ ମନ୍ଦିର, ପ୍ରେକ୍ଷାଳୟରେ ମହାସମାରୋହରେ ଜୟନ୍ତ କୁମାର ରଥଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଅଛି । ଶ୍ରୀ ରଥ ସମସ୍ତ ଅତିଥିମାନଙ୍କର ପରିଚୟ ପ୍ରଦାନ କରିବା ସହ ସ୍ୱାଗତ ଭାଷଣ ଦେଇଥିଲେ । ସଭା କାର୍ଯ୍ୟ ପ୍ରାରମ୍ଭରେ ଇହଲୀଳା ସମ୍ବରଣ କରିଥିବା ଅବସରପ୍ରାପ୍ତ କର୍ମଚାରୀମାନଙ୍କର ଅମର ଆତ୍ମାର ସଦଗତି ନିମନ୍ତେ ୨ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା।

ଉକ୍ତ ସଭାରେ ପ୍ରଫେସର ଡକ୍ଟର ନିହାର ରଂଜନ ପଟ୍ଟନାୟକ, ବିଶିଷ୍ଟ ଐତିହାସିକ, ଗବେଷକ ତଥା ପରିଷଦର ପୂର୍ବତନ ଅଧ୍ୟକ୍ଷ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଆଦର୍ଶ ମନୁଷ୍ୟ ଭାବରେ ଅବସର ଜୀବନ ବିତାଇବା ପାଇଁ ଦିଗ୍‌ଦର୍ଶନ ଦେଇଥିଲେ । ସମ୍ମାନୀତ ଅତିଥି ମଧୁମାଧବ ଜେନା, ବରିଷ୍ଠ ଓକିଲ ତଥା ସଭାପତି, ରାଜ୍ୟ ବରିଷ୍ଠ ନାଗରିକ ମହାସଂଘ ସଭାରେ ଯୋଗଦେଇ ଅବସର ଜୀବନ ହସଖୁସିରେ ବିତାଇବା ପାଇଁ ପରାମର୍ଶ ଦେଇଥିଲେ ଏବଂ ସଭାର ଅନ୍ୟତମ ସମ୍ମାନିତ ଅତିଥି ଯୁଗଳ କିଶୋର ସାହୁ, ସାଧାରଣ ସଂପାଦକ, ରାଜ୍ୟ ବରିଷ୍ଠ ମହାସଂଘ, ତାଙ୍କର ଅଭିଭାଷଣରେ ବରିଷ୍ଠ ନାଗରିକଙ୍କ ପାଇଁ ବିଶେଷ ପ୍ରକାରର ସାହାଯ୍ୟ ଏବଂ ମୌଳିକ ସୁବିଧା ଗୁଡିକ ଯୋଗାଇ ଦେବାକୁ ଉକ୍ତ ସଭାରେ ସରକାରଙ୍କ ନିକଟରେ ଦାବି କରିବାକୁ ପ୍ରତିଶୃତି ଦେଇଥିଲେ ।

ଉକ୍ତ ସଭାରେ ସଂଘର ଉପଦେଷ୍ଟା ତଥା ମୁଖ୍ୟବକ୍ତା ରବିନ୍ଦ୍ର ନାଥ ସେନାପତି ତାଙ୍କର ଅଭିଭାଷଣରେ କର୍ମଚାରୀମାନଙ୍କର ବିଭିନ୍ନ ଦାବି ଉପସ୍ଥାପନା କରିବା ସହିତ ବିଗତ ଦିନର ସ୍ମୃତିଚାରଣ କରିଥିଲେ । ସଂଘର ସଂପାଦକ ରବିନ୍ଦ୍ର କୁମାର ନାୟକ ବାର୍ଷିକ ବିବରଣୀ ପାଠ କରିଥିଲେ । ଧୀରେନ୍ ମଲ୍ଲିକ, ଉପସଭାପତି ଧନ୍ୟବାଦ ଅର୍ପଣ କରିବା ସହିତ ଅତିଥିମାନଙ୍କର ତଥା ଅବସରପ୍ରାପ୍ତ କର୍ମଚାରୀମାନଙ୍କର ସଦୟ ଉପସ୍ଥିତି ପାଇଁ କୃତଜ୍ଞତା ଜ୍ଞାପନ କରିଥିଲେ । ଏଥିସହିତ ବରିଷ୍ଠ ଉପଦେଷ୍ଟା ରମେଶ ଚନ୍ଦ୍ର ମିଶ୍ର ଏବଂ ଚକ୍ରଧର ସାହୁ, କୋଷାଧ୍ୟକ୍ଷ ଚକ୍ରଧର ଦାସ, ସହସମ୍ପାଦକ ଉକ୍ତ ସଭାର ସମସ୍ତ ଆୟୋଜନ କରିଥିଲେ । ପରିଶେଷରେ ଉକ୍ତ ପ୍ରତିଷ୍ଠା ଦିବସ ମହାସମାରୋହରେ ଶତାଧିକ ଅବସରପ୍ରାପ୍ତ କର୍ମଚାରୀ ତଥା ସେମାନଙ୍କର ପରିବାରବର୍ଗ ଯୋଗଦେଇ ସଭାକୁ ସାଫଲ୍ୟମଣ୍ଡିତ କରିଥିଲେ ।

# ହ୍ୟୁମାନ୍ ସାଗର ମୃତ୍ୟୁ ଘଟଣା: ହାଇକୋର୍ଟରେ ସୋମେଶ୍‌ଙ୍କ ଆଗୁଆ ଜାମିନ ଆବେଦନ



କଟକ, ନ୍ୟୁଜ ବ୍ୟୁରୋ

କଣ୍ଠଶିଳ୍ପୀ ହ୍ୟୁମାନ ସାଗରଙ୍କ ମୃତ୍ୟୁ ଘଟଣାରେ ସଙ୍ଗୀତ ନିର୍ଦ୍ଦେଶକ ସୋମେଶ ଶତପଥୀ ହାଇକୋର୍ଟରୁ ଆଗୁଆ ଜାମିନ ଆବେଦନ କରିଛନ୍ତି। ସମ୍ଭାବ୍ୟ ଗିରଫଦାରୀକୁ ଏଡ଼ାଇବା ଲାଗି ସେ ଏହି ଆବେଦନ କରିଛନ୍ତି। ଗତ ୨୧ ତାରିଖରେ ହ୍ୟୁମାନଙ୍କ ମା' ଶେଫାଳି ସୁନା ପୁଅର ମୃତ୍ୟୁ ରହସ୍ୟ ଉନ୍ମୋଚନ ପାଇଁ ମର୍କତନଗର ଥାନାରେ ଏତଲା ଦେଇଥିଲେ । ଏଥିରେ ସୋମେଶ ଶତପଥୀଙ୍କ ସମେତ ୯ ଜଣଙ୍କୁ ଅଭିଯୁକ୍ତ ଭାବେ ଦର୍ଶାଇଥିଲେ । ମା' ଶେଫାଳି ହ୍ୟୁମାନଙ୍କ ମୃତ୍ୟୁର କିଛି ସନ୍ଦିଗ୍ଧ କାରଣ ମଧ୍ୟ ଦର୍ଶାଇଛନ୍ତି । ସମ୍ଭବତଃ ବିଷ ଦିଆଯିବା, ଶାରୀରିକ ଆଘାତ ପହଞ୍ଚାଇବା, ମାନସିକ ନିର୍ଯାତନା ଦେବା, ଧମକଚମକ ଦେବା, ବିଭିନ୍ନ ଚାପ ପ୍ରୟୋଗ କରିବା ଓ ଆର୍ଥିକ ସ୍ତରରେ ଲାଭବାନ ହେବାର ଉଦ୍ଦେଶ୍ୟ ରଖିବା ଯୋଗୁଁ ହ୍ୟୁମାନଙ୍କର ମୃତ୍ୟୁ ହୋଇଥିବା ନେଇ ଏତଲାରେ ଆଶଙ୍କା କରିଛନ୍ତି ମା'ଶେଫାଳି। ଯେଉଁମାନଙ୍କ ନାଁରେ ଏତଲା ହୋଇଛି ସେମାନଙ୍କର ମଧ୍ୟ ସମାନ ତଥ୍ୟ ସଂଗ୍ରହ କରି ଯାଞ୍ଚ କରିବାକୁ ହ୍ୟୁମାନ୍‌ଙ୍କ ମା' ଦେଇଥିଲା ଏତଲାରେ ଅନୁରୋଧ କରାଯାଇଛି । ଏହି ଘଟଣାରେ ସମ୍ଭାବ୍ୟ ଗିରଫଦାରୀକୁ ଏଡ଼ାଇବା ଲାଗି ସୋମେଶ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିବା ଜଣାପଡ଼ିଛି । ସୂଚନା ଯୋଗ୍ୟ ହ୍ୟୁମାନଙ୍କ ମୃତ୍ୟୁକୁ ନେଇ ତାଙ୍କ ମା' କିଛିଦିନ ତଳେ ଥାନାରେ ଏତଲା ଦେଇଛନ୍ତି ।

# ବିଏମ୍‌ସି ନିୟୋଜିତ କଲା ରାପିଡ୍ ଇଲେକ୍ଟ୍ରିକାଲ ଆକ୍ସନ ଫୋର୍ସ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଭୁବନେଶ୍ୱର ମହାନଗର ନିଗମ(ବିଏମ୍‌ସି) ପକ୍ଷରୁ ନିୟୋଜିତ ହେଲା 'ରାପିଡ୍ ଇଲେକ୍ଟ୍ରିକାଲ ଆକ୍ସନ ଫୋର୍ସ' । ବିଏମ୍ ସି ଅଂଚଳରେ ବିଦ୍ୟୁତ୍ ଆଲୋକ ସମସ୍ୟାର ତୁରନ୍ତ ସମାଧାନ କରିବା ପାଇଁ ଏହି ଆରଇଏଏଫ୍ ନିୟୋଜିତ କରାଯାଇଛି। ଏଥିପାଇଁ ୩ଟି ସ୍ୱତନ୍ତ୍ର ଗାଡିରେ ହାଇଡ୍ରୋଲିକ ଲ୍ୟାଡର ସହ ଦକ୍ଷ କର୍ମଚାରୀଙ୍କୁ ନିୟୋଜିତ କରାଯାଇଛି । ଖୁବ୍ ଶୀଘ୍ର ଆଉ ଏକ ଗାଡି ନିୟୋଜିତ କରାଯିବ ବୋଲି ବିଏମ୍ ସି ପକ୍ଷରୁ କୁହାଯାଇଛି । ବିଏମ୍ ସି ଅଂଚଳର ଯେ କୌଣସି ସ୍ଥାନରେ ଷ୍ଟ୍ରିଟ୍ ଲାଇଟ୍ ଖରାପ ହେବା ଅଭିଯୋଗ ଆସିଲେ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ମରାମତି କରିବେ । ପ୍ରତି ଗାଡିରେ ୩ ଜଣ ଲେଖାଏଁ ରହିବେ। ସେମାନଙ୍କ ମଧ୍ୟରେ ଜଣେ ଜମାଦାର, ଜଣେ ଇଲେକ୍ଟ୍ରିସିଆନ ଆଉ ଜଣେ ଡ୍ରାଇଭର। ଏହି ସବୁ ଗାଡିଗୁଡିକୁ ସଂଚାଳନ କରିବା ପାଇଁ ଜଣେ ଟିମ୍ ଲିଡରଙ୍କୁ ନିୟୋଜିତ କରାଯାଇଛି । ଆବଶ୍ୟକ ପଡିଲେ ଘଟଣାସ୍ଥଳକୁ ଅଧିକ କର୍ମଚାରୀ ମଧ୍ୟ ଯିବେ । ଏହି କର୍ମଚାରୀମାନେ ଦୈନିକ ଅତି କମରେ ଦୁଇଟି ଲେଖାଏଁ ୱାର୍ଡ ବୁଲି ଷ୍ଟ୍ରିଟ୍ ଲାଇଟ୍ ମରାମତି କାମ କରିବେ। ଏହା ବାଦ୍ ଯେଉଁ ଅଂଚଳରୁ ଅଭିଯୋଗ ଆସିବ, ସେସ୍ଥାନକୁ ତୁରନ୍ତ ଯିବେ । ବର୍ତ୍ତମାନ ଭୁବନେଶ୍ୱର ମହାନଗର ନିଗମ ଅଞ୍ଚଳରେ ୭୮ ହଜାର ୫୦୦ରୁ ଅଧିକ ଲାଇଟ୍ ରହିଥିବା ବେଳେ ୧୮୦ଟି ହାଇମାଷ୍ଟ ଲାଇଟ୍ ପୋଷ୍ଟ ରହିଛି । ଖାସ୍ କରି ୨୦୨୪-୨୫ ଆର୍ଥିକ ବର୍ଷରେ ବିଏମ୍ ସି ଅଂଚଳରେ ୨ ହଜାର ୪୦୦ ନୂତନ ପୋଲ ପଡିଥିବା ବେଳେ ୫ ହଜାରରୁ ଅଧିକ ଲାଇଟ୍ ଲାଗିଛି । ବିଏମ୍ ସି ଅଂଚଳର ବିଭିନ୍ନ ଛକରେ ମୋଟ ୩୪ଟି ହାଇମାଷ୍ଟ ଲାଇଟ୍ ମଧ୍ୟ ଲାଗିଛି। ଏହି ଉପଲକ୍ଷେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ମେୟର ସୁଲୋଚନା ଦାସ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହି ହାଇଡ୍ରୋଲିକ୍ ଗାଡିଗୁଡିକର ଲୋକାର୍ପଣ କରିଥିଲେ ।

# ଯାତ୍ରୀ ଭଡ଼ା ଢାଞ୍ଚାକୁ ଯୁକ୍ତିସଂଗତ କଲା ଭାରତୀୟ ରେଳବାଇ

**ନୂଆଦିଲ୍ଲୀ :**

ଭାରତୀୟ ରେଳବାଇ ଯାତ୍ରୀ ଭଡ଼ା ଢାଂଚାକୁ ଯୁକ୍ତିସଂଗତ କରିଛି। ଏହି ନୂଆ ଢାଂଚା ୨୬ ଡିସେମ୍ବର ୨୦୨୫ ଠାରୁ ଲାଗୁ ହେବ। ଯାତ୍ରୀଭଡ଼ାକୁ ସୁଲଭ କରିବା ଏବଂ ପରିଚାଳନାଗତ ସ୍ଥାୟିତ୍ୱ ମଧ୍ୟରେ ସନ୍ତୁଳନ ରଖିବା ଉଦ୍ଦେଶ୍ୟରେ ଏହି ପଦକ୍ଷେପ ଗ୍ରହଣ କରାଯାଇଛି। ସଂଶୋଧିତ ଯାତ୍ରୀ ଭଡ଼ା ଢାଂଚାରେ ଉପସହରାଂଚଳ ରେଳ ସେବା ପାଇଁ ଦର ବୃଦ୍ଧି କରାଯାଇନାହିଁ। ସେହିପରି ଉଭୟ ଉପସହରାଂଚଳ ଏବଂ ଅଣ-ଉପସହରାଂଚଳ ମାର୍ଗରେ ଋତୁକାଳୀନ ଟିକେଟ୍ ଦର ମଧ୍ୟ ଅପରିବର୍ତ୍ତିତ ରହିଛି।


**AFFIDAVIT**

By Virtue of an affidavit sworn before Notary Public Bhubaneswar, Dated 19-12-2025 I **Sasmita Parida**, Vill-Haripur, Po-Godi-putamatiapada, Ps-Delanga. Dist-Puri, Odisha, Pin-752050 declare that I have changed my name from **Sasmita Swain** to **Sasmita Parida**. Henceforth, I shall be known as Sasmita parida For all purposes.

**Sasmita Parida**

ସମ୍ବାଦ କଳିକା

ଭୁବନେଶ୍ୱର
୨୬ ଡିସେମ୍ବର,
ଶୁକ୍ରବାର, ୨୦୨୫

RNI Regd. No. : 52640/94
Postal Regd. No. :
BN/60/25-27


# ଦେଶ ଗଠନରେ ବାଜପେୟୀଙ୍କ ଅବଦାନ ମହନୀୟ: ରାଜ୍ୟପାଳ

**ଭୁବନେଶ୍ୱର ୨୫/୧୨**
**ନ୍ୟୁଜ ବ୍ୟୁରୋ**



ଦେଶ ନିର୍ମାଣରେ ପୂର୍ବତନ ପ୍ରଧାନମନ୍ତ୍ରୀ ଭାରତରତ୍ନ ଅଟଳ ବିହାରୀ ବାଜପେୟୀଙ୍କ ମହନୀୟ ଅବଦାନ ରହିଛି ବୋଲି ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟି କହିଛନ୍ତି । ଗୁରୁବାର ଦିନ ପୂର୍ବତନ ପ୍ରଧାନମନ୍ତ୍ରୀ ଶ୍ରୀ ବାଜପେୟୀଙ୍କ ଜୟନ୍ତୀରେ ଲୋକ ଭବନର ଅଭିଷେକ ହଲ୍‌ରେ ଆୟୋଜିତ ସୁଶାସନ ଦିବସ ପାଳନ ଅବସରରେ ରାଜ୍ୟପାଳ ଏହା କହିଛନ୍ତି । ଭାରତର ବିକାଶ ଯାତ୍ରାରେ ବିଶେଷକରି ଭିତ୍ତିଭୂମି, ସଂଯୋଗ ଏବଂ ସୁଶାସନ ପ୍ରତିଷ୍ଠା କ୍ଷେତ୍ରରେ ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗୀୟ ବାଜପେୟୀଙ୍କ କାର୍ଯ୍ୟକାଳ ଏକ ରୂପାନ୍ତରକାରୀ ପର୍ଯ୍ୟାୟ ଥିଲା ବୋଲି ଡ଼. କମ୍ଭମପାଟି କହିଛନ୍ତି। ଏହି ଅବସରରେ ସ୍ୱର୍ଗୀୟ ବାଜପେୟୀଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି ରାଜ୍ୟପାଳ କହିଥିଲେ ଯେ ସ୍ୱର୍ଣ୍ଣ ଚତୁର୍ଭୁଜ ପ୍ରକଳ୍ପ, ଜାତୀୟ ରାଜପଥର ବ୍ୟାପକ ସମ୍ପ୍ରସାରଣ ଓ ସାରା ଦେଶରେ ଚାରି ଲେନ୍ ବିଶିଷ୍ଟ ରାସ୍ତା ନିର୍ମାଣ ଭଳି ଯୁଗାନ୍ତକାରୀ ପଦକ୍ଷେପ ସହ ସ୍ୱର୍ଗତ ବାଜପେୟୀଙ୍କ ନାମ ଅଙ୍ଗାଙ୍ଗୀ ଭାବେ ଜଡ଼ିତ। ରାଜ୍ୟପାଳ କହିଥିଲେ ଯେ ଏହି ପଦକ୍ଷେପ କେବଳ ଯୋଗାଯୋଗକୁ ବୃଦ୍ଧି କରିନାହିଁ ବରଂ ଅନେକ କ୍ଷେତ୍ରରେ ଆର୍ଥିକ ବିକାଶକୁ ତ୍ୱରାନ୍ୱିତ କରିଛି। ଆଜି ମଧ୍ୟ ଏହି ରାଜପଥ ଗୁଡିକ ସହିତ ଜଡ଼ିତ ଅଞ୍ଚଳର ଲୋକମାନେ ନିଜର ଅର୍ଥନୈତିକ ଅଭିବୃଦ୍ଧି ଏବଂ ଉନ୍ନତ ଗତିଶୀଳତାକୁ ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗତ ବାଜପେୟୀଙ୍କ ଦୂରଦୃଷ୍ଟିସମ୍ପନ୍ନ ଦୃଷ୍ଟିଭଙ୍ଗୀ ସହିତ ଯୋଡ଼ି ଦେଖନ୍ତି ବୋଲି ରାଜ୍ୟପାଳ ବର୍ଣ୍ଣନା କରିଥିଲେ। ଗ୍ରାମାଞ୍ଚଳ ବିକାଶ ପାଇଁ ସ୍ୱର୍ଗତ ବାଜପେୟୀଙ୍କ ପ୍ରତିବଦ୍ଧତା ଉପରେ ଆଲୋକପାତ କରି ରାଜ୍ୟପାଳ କହିଲେ ଯେ ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ଯୋଜନାରେ ଗାଁକୁ ସବୁ ଦିନିଆ ରାସ୍ତା ସଂଯୋଗୀକରଣ ସୁନିଶ୍ଚିତ କରିବା ସହିତ ଗ୍ରାମାଞ୍ଚଳ ଅର୍ଥନୀତିରେ ପରିବର୍ତ୍ତନ ଆଣିବା ଏବଂ ଦୁର୍ଗମ ଅଞ୍ଚଳକୁ ବିକାଶର ମୁଖ୍ୟ ସ୍ରୋତରେ ସାମିଲ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି । ନଦୀ ସଂଯୋଗୀକରଣ ପ୍ରକଳ୍ପ ସମେତ ଦୀର୍ଘମିଆଦୀ ବିକାଶମୂଳକ ଯୋଜନା ଉପରେ ସ୍ୱର୍ଗତ ବାଜପେୟୀଙ୍କ ଭୂମିକା ଉପରେ ରାଜ୍ୟପାଳ ଅବତାରଣା କରିଥିଲେ। ଏଥିପାଇଁ ଏକ ସମର୍ପିତ ଟାସ୍କଫୋର୍ସ ଗଠନ କରାଯାଇଥିଲା ଏବଂ ରାଜ୍ୟପାଳ ନିଜେ ଏହି ଟାସ୍କ ଫୋର୍ସର ସଦସ୍ୟ ହେବାର ସୌଭାଗ୍ୟ ପାଇଥିଲେ ବୋଲି କହିଥିଲେ । ସ୍ୱର୍ଗତ ବାଜପେୟୀଙ୍କୁ ଜଣେ ଦୂରଦୃଷ୍ଟି ସମ୍ପନ୍ନ ରାଷ୍ଟ୍ରନୀତିଜ୍ଞ, ପ୍ରଗଳ୍‌ଭ ବକ୍ତା ଏବଂ ଦଳୀୟ ଶୃଙ୍ଖଳା ମଧ୍ୟରେ ସମ୍ମାନର ଅଧିକାରୀ ଜନ ନେତା ଭାବେ ରାଜ୍ୟପାଳ ବର୍ଣ୍ଣନା କରିଥିଲେ। ରାଜ୍ୟପାଳ ଏହା ମଧ୍ୟ କହିଥିଲେ ଯେ ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗତ ବାଜପେୟୀ ସମାବେଶୀ ବିକାଶ ଏବଂ ସୁଶାସନର ଏକ ଚିରନ୍ତନ ପରମ୍ପରା ଛାଡି ଯାଇଛନ୍ତି ଯାହା ଦେଶକୁ ପ୍ରେରଣା ଯୋଗାଇ ଆସୁଛି। ଏହି ଅବସରରେ ରାଜ୍ୟପାଳଙ୍କ କମିଶନର-ତଥା-ଶାସନ ସଚିବ ରୂପା ରୋଶନ ସାହୁଙ୍କ ସମେତ ଭବନର ଅଧିକାରୀ ଉପସ୍ଥିତ ଥିଲେ।

# ବଡ଼ଦିନ ପାଇଁ ଶ୍ରୀମନ୍ଦିରରେ ଭକ୍ତଙ୍କ ଭିଡ଼, ସୁରକ୍ଷା ବ୍ୟବସ୍ଥା କଡାକଡି



**ପୁରୀ,୨୫/୧୨ ନ୍ୟୁଜ ବ୍ୟୁରୋ**

ବଡ଼ଦିନ ପାଇଁ ଶ୍ରୀମନ୍ଦିରରେ ଜମିଛି ଭକ୍ତଙ୍କ ପ୍ରବଳ ଭିଡ଼ । ଶୃଙ୍ଖଳିତ ଦର୍ଶନ ଓ ସୁବିଧା ପାଇଁ ସମସ୍ତ ବ୍ୟବସ୍ଥା ଗ୍ରହଣ କରାଯାଇଛି । ଶ୍ରୀମନ୍ଦିର ସମେତ ସମୁଦ୍ରକୂଳ ଓ ଅନ୍ୟାନ୍ୟ ପର୍ଯ୍ୟଟନସ୍ଥଳୀରେ ମଧ୍ୟ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। ସୁରକ୍ଷା ଦାୟିତ୍ୱରେ ବରିଷ୍ଠ ପୁଲିସ ଅଧିକାରୀଙ୍କ ସହିତ ୨୫ ପ୍ଲାଟୁନ ପୁଲିସ ଫୋର୍ସ ମୁତୟନ ହୋଇଛନ୍ତି। ସମୁଦ୍ରରେ ସ୍ନାନ କରୁଥିବା ପର୍ଯ୍ୟଟକ ଲାଇଫ ଗାର୍ଡଙ୍କ ପରାମର୍ଶ ନେଇ ସୁରକ୍ଷିତ ସ୍ନାନ କରିବା ନେଇ ପରାମର୍ଶ ଦେଇଛନ୍ତି ପୁରୀ ଏସ୍‌ପି ପ୍ରତୀକ ସିଂ। ଅପରପକ୍ଷେ କୁହୁଡିରେ ଲୁଚିଗଲା ଶ୍ରୀମନ୍ଦିର। ବଡ଼ଦେଉଳକୁ ଢାଙ୍କି ରହିଗଲା ଘନ କୁହୁଡ଼ି। ବଡ଼ଦାଣ୍ଡ ଠାରୁ ଶ୍ରୀମନ୍ଦିର ଯାଏଁ ଘନ କୁହୁଡି ଯୋଗୁଁ ଦୃଶ୍ୟମାନ ହେଲା ନାହିଁ ନୀଳଚକ୍ର ଓ ପତିତପାବନବାନା। ଗୁରୁବାର ସକାଳୁ ସକାଳୁ ଏଭଳି ଦୃଶ୍ୟ ଦେଖିବାକୁ ମିଳିଥିଲା। ସେହିପରି ବଡ଼ଦିନ ଛୁଟିରେ ପୁରୀ ଆସିଥିବା ପର୍ଯ୍ୟଟକ ଓ ଶ୍ରଦ୍ଧାଳୁମାନେ କୁହୁଡ଼ି ଯୋଗୁଁ ଶ୍ରୀମନ୍ଦିର ଓ ନୀଳଚକ୍ର ଦେଖି ନପାରି ଆତୁର ହୋଇଥିଲେ। ଅନେକ ଜଗନ୍ନାଥ ପ୍ରେମୀ ଏବଂ ଶ୍ରୀମନ୍ଦିର ଆଖପାଖର ଲୋକେ ନୀଳଚକ୍ରକୁ ଦର୍ଶନ କରିବା ପରେ ଜଳ ସ୍ପର୍ଶ କରିଥାଆନ୍ତି। କେବଳ ସେତିକି ନୁହେଁ ବିଶ୍ୱାସ ରହିଛି ନୀଳଚକ୍ରଙ୍କୁ ଦର୍ଶନ କଲେ ସ୍ୱୟଂ ମହାପ୍ରଭୁଙ୍କୁ ଦର୍ଶନ କରିବା ସହିତ ସମାନ। ତେବେ ଏହି ଘନ କୁହୁଡି ଭକ୍ତ ଓ ଠାକୁରଙ୍କ ମଧ୍ୟରେ ଅନ୍ତରାୟ ସୃଷ୍ଟି କରିଥିଲା। ସେପଟେ କୁହୁଡ଼ି ଯୋଗୁଁ ବଡ଼ଦାଣ୍ଡରେ ଯାତାୟାତରେ ମଧ୍ୟ ବାଧା ସୃଷ୍ଟି ହୋଇଥିଲା।

# ଅଟଳଜୀଙ୍କ ପ୍ରେରଣାକୁ ପାଥେୟ କରି ଓଡ଼ିଶାକୁ ଶ୍ରେଷ୍ଠ ରାଜ୍ୟ ଭାବେ ଗଢ଼ିବା: ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର,୨୫/୧୨ ନ୍ୟୁଜ ବ୍ୟୁରୋ**



ଭାରତ ବିଶ୍ୱଗୁରୁ ହେବ ବୋଲି ସ୍ୱାମୀ ବିବେକାନନ୍ଦ ଦିନେ କହିଥିଲେ। ବାସ୍ତବରେ ଏହାର ମୂଳଦୁଆ ପକାଇଥିଲେ ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ଭାରତରତ୍ନ ଶ୍ରଦ୍ଧେୟ ଅଟଳ ବିହାରୀ ବାଜପେୟୀଜୀ। ଏହାକୁ ବାସ୍ତବତାରେ ପରିଣତ କରିବାକୁ ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଜୀ ପଣ କରିଛନ୍ତି। ନିରନ୍ତର ପ୍ରୟାସ ଫଳରେ ଆମେ ଏହି ସ୍ୱପ୍ନକୁ ବାସ୍ତବତାର ରୂପ ଦେଇପାରିବା ବୋଲି ରାଜ୍ୟ ବିଜେପି କାର୍ଯ୍ୟାଳୟ ପରିସରରେ ସ୍ୱର୍ଗତଃ ବାଜପେୟୀଙ୍କ ୧୦୧ ତମ ଜନ୍ମ ଦିବସ ତଥା ଜନ୍ମ ଶତବାର୍ଷିକୀ ପାଳନ ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ଏହି ଅବସରରେ ଆୟୋଜିତ "୧୦ମ ଅଟଳ ସମ୍ମାନ-୨୦୨୫" କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି ଯେ, ପ୍ରତିକୂଳ ପରିସ୍ଥିତିରେ ଅସାଧାରଣ ବ୍ୟକ୍ତିତ୍ୱ ପ୍ରଦର୍ଶନ କରିଥିଲେ ଅଟଳଜୀ। ସେ ବିକାଶର ଅଭିଳାଷକୁ ବୁଣି ଭାରତବର୍ଷକୁ ସଡ଼କ ପଥରେ ଏକାକାର କରିବାର ଯୁଗପୁରୁଷ ଥିଲେ। ସ୍ୱାଧୀନ ଭାରତବର୍ଷର ସୁଶାସନର ପ୍ରବର୍ତ୍ତକ, ସାରସ୍ୱତ ସାଧକ, ପାଞ୍ଚ ଦଶନ୍ଧିର ସାଂସଦ, ଯୁଗାନ୍ତକାରୀ, ମହାମାନବ, ଭାରତରତ୍ନ ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗତ ଅଟଳଜୀ ସବୁ ଭାରତୀୟଙ୍କ ପାଇଁ ସର୍ବଦା ଆଦର୍ଶ ପୁରୁଷ ଓ ପ୍ରେରଣାର ଉତ୍ସ ହୋଇରହିବେ। କ୍ଷମତାରେ ରହିବା ପାଇଁ କେବେ ନୈତିକତା ଓ ଆଦର୍ଶ ସହ ସାଲିସ କରି ନ ଥିବା ଅଟଳଜୀ କୃଷକମାନଙ୍କ ଦୁଃଖକୁ ଭଲଭାବେ ହୃଦୟଙ୍ଗମ କରିପାରିଥିଲେ। ସେ କୃଷକମାନଙ୍କ ପାଇଁ କିଶାନ କ୍ରେଡିଟ୍ କାର୍ଡ ଓ ଫସଲବୀମା ଯୋଜନା ଆରମ୍ଭ କରିଥିଲେ। ସେ କେବେ କାହାର ଚାପରେ ଆସୁ ନ ଥିଲେ। ପରମାଣୁ ପରୀକ୍ଷଣ କରିବାଠାରୁ କାର୍ଗିଲ୍ ଯୁଦ୍ଧ ପର୍ଯ୍ୟନ୍ତ ସବୁଥିରେ ସଫଳ ହୋଇଥିଲେ। ସ୍ୱର୍ଗତଃ ଅଟଳଜୀଙ୍କ ସ୍ୱପ୍ନ ଆଜି ବାସ୍ତବରେ ପରିଣତ ହୋଇଛି। ସେଥିପାଇଁ ପ୍ରତି ବର୍ଷ ଡିସେମ୍ବର ୨୫ ତାରିଖକୁ ସୁଶାସନ ଦିବସ ଭାବେ ପାଳନ କରାଯାଉଛି। ବିକଶିତ ଭାରତ ଗଢିବା ପାଇଁ ଅଟଳଜୀ ଯେଉଁ ପ୍ରୟାସ କରିଥିଲେ ଯଶସ୍ୱୀ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦିଜୀ ତାହାକୁ ପୂରଣ କରି ଚାଲିଛନ୍ତି। ରାଷ୍ଟ୍ରୀୟ ବିଚାର, ଆଦର୍ଶ ଓ ଚିନ୍ତାଧାରାକୁ ଆଧାର କରି ଜନସଂଘ ପରେ ୧୯୮୦ ମସିହାରେ ପ୍ରତିଷ୍ଠାତା ରାଷ୍ଟ୍ରୀୟ ସଭାପତି ଭାବେ ଦାୟିତ୍ୱ ନେବା ପରେ ସ୍ୱର୍ଗତ ଅଟଳଜୀଙ୍କ ନେତୃତ୍ୱରେ ଭାରତୀୟ ଜନତା ପାର୍ଟି ଆଉ ପଛକୁ ଫେରି ଚାହିଁନାହିଁ। ଅନେକ ଘାତ ଓ ପ୍ରତିଘାତକୁ ସାମ୍ନା କରି ଭାରତୀୟ ଜନତା ପାର୍ଟି ସମ ଚିନ୍ତାଧାରା ଥିବା ଅନ୍ୟ ରାଜନୈତିକ ଦଳକୁ ସାଥିରେ ନେଇ ଦେଶ ସମେତ ଆଜି ଦେଶର ୨୧ଟି ରାଜ୍ୟରେ ଶାସନ ଦାୟିତ୍ୱରେ ରହିଛି। ଓଡ଼ିଶାରେ ପ୍ରଥମ ଥର ପାଇଁ ଏକାକୀ ସରକାର ଗଠନ କରିଛି। ଅଟଳଜୀଙ୍କ ପ୍ରେରଣାକୁ ପାଥେୟ କରି ଏବଂ ଯଶସ୍ୱୀ ପ୍ରଧାନମନ୍ତ୍ରୀ ମୋଦିଜୀଙ୍କ ଦିଗଦର୍ଶନରେ ଓଡ଼ିଶାକୁ ଭାରତବର୍ଷର ଶ୍ରେଷ୍ଠ ଓ ସମୃଦ୍ଧଶୀଳ ରାଜ୍ୟ ଭାବେ ଗଢି ତୋଳିବା ଆମର ଲକ୍ଷ୍ୟ ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି। ଏହି ଅବସରରେ କୁଞ୍ଜବିହାରୀ ପାଣିଗ୍ରାହୀଙ୍କୁ ଅଟଳ ସମ୍ମାନ-୨୦୨୫ ସମ୍ମାନରେ ସମ୍ମାନିତ କରାଯାଇଥିଲା। ସେହିପରି ଡ. ଭାଗ୍ୟଲିପି ମଲ୍ଲଙ୍କୁ ଅଟଳ ସଂସ୍କୃତି ସମ୍ମାନ, ପ୍ରସନ୍ନ କୁମାର ସ୍ୱାଇଁଙ୍କୁ ଅଟଳ କବିତା ସମ୍ମାନ, ସମ୍ବଲପୁରର ପ୍ରତିଷ୍ଠିତ ସାମାଜିକ ଅନୁଷ୍ଠାନ ଉତ୍ସର୍ଗକୁ ଅଟଳ ସେବା ସମ୍ମାନ, ବରିଷ୍ଠ ସାମ୍ବାଦିକ ଶ୍ରୀରାମ ଦାସଙ୍କୁ ଅଟଳ ସାମ୍ବାଦିକ ସମ୍ମାନରେ ସମ୍ମାନିତ କରାଯାଇଥିଲା। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ରାଜ୍ୟ ସଭାପତି, ରାଜ୍ୟ ପ୍ରଭାରୀ, ପୂର୍ବତନ ରାଜ୍ୟ ସଭାପତି ଉପସ୍ଥିତ ରହି ସେମାନଙ୍କୁ ଉପଢୌକନ, ମାନପତ୍ର, ଫଳକ, ପୁଷ୍ପଗୁଚ୍ଛ ପ୍ରଦାନ କରି ସମ୍ମାନିତ କରିଥିଲେ। କାର୍ଯ୍ୟକ୍ରମ ଅବସରରେ ଅଟଳଜୀଙ୍କ ଜୀବନୀ ଉପରେ ଆଧାରିତ ପ୍ରଦର୍ଶନୀ ଏବଂ ଅଟଳଜୀଙ୍କ ବାଲୁକା କୃତିକୁ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ, ରାଜ୍ୟ ସଭାପତି ମନମୋହନ ସାମଲ, ରାଜ୍ୟ ପ୍ରଭାରୀ ବିଜୟ ପାଲ ସିଂହ ତୋମାର, ପୂର୍ବତନ ରାଜ୍ୟ ସଭାପତି ସମୀର ମହାନ୍ତି ପ୍ରମୁଖ ଉଦ୍‌ଘାଟନ କରିଥିଲେ । ଏହି ଅବସରରେ ଅଟଳଜୀ ସ୍ମୃତି ଚାରଣ କରି ତାଙ୍କଦ୍ୱାରା ଲିଖିତ କବିତାପାଠ ପଠନ କରାଯାଇଥିଲା। ଅପରାହ୍ନରେ ସ୍ୱର୍ଗତଃ ଅଟଳଜୀଙ୍କ ଉଦ୍ଦେଶ୍ୟରେ ଏକ ସ୍ମୃତିଚାରଣ ସଭା ଆୟୋଜନ କରାଯାଇଥିଲା। ଅଟଳଜୀଙ୍କୁ ସ୍ମୃତିଚାରଣ କରି ତାଙ୍କ ଦ୍ୱାରା ଲିଖିତ କବିତା ପାଠ କରାଯାଇଥିଲା ।



ଭୁବନେଶ୍ୱର : ଖ୍ରୀଷ୍ଟମାସ ପର୍ବ ପାଳନ ଅବସରରେ ପ୍ରଭୁ ଯୀଶୁଖ୍ରୀଷ୍ଟଙ୍କ ଜନ୍ମ ଜୟନ୍ତୀ କେକ 'ସମ୍ବାଦ କଳିକା' କାର୍ଯ୍ୟାଳୟ ପରିସରରେ କଟାଯାଉଛି । ଏହି କାର୍ଯ୍ୟକ୍ରମରେ 'ସମ୍ବାଦ କଳିକା'ର କର୍ମଚାରୀ ଦୀନବନ୍ଧୁ ସାହୁ, ବିବେକାନନ୍ଦ ଜେନା, ଲକ୍ଷ୍ମୀ ଚାନ୍ଦ, ଲୋପାମୁଦ୍ରା ଘଡ଼େଇ, ଅନୀତା ପଟ୍ଟନାୟକ, ମଧୁସ୍ମିତା ବିଶ୍ୱାଳ, ଜିତେନ୍ଦ୍ର ବେହେରା, ଶରତ କୁମାର ସାହୁ, ସୁରେଶ ବେଦାନ୍ତ, ଉମାକାନ୍ତ ଖୁଣ୍ଟିଆ, ମନୋଜ କୁମାର ମହାନ୍ତି, ବାସୁଦେବ ବାରିକ୍, ସୁନନ୍ଦିନୀ ଘୋଷ, ପରିମିତା ମହାପାତ୍ର, ମିନାକ୍ଷୀ ବାରିକ୍, ପ୍ରେମାନନ୍ଦ ଚୌଧୁରୀ, ବାବନ ସ୍ୱାଇଁ, ଅର୍ଚ୍ଚିତା ଦାଶ, ନିରଞ୍ଜନ ସାହୁ ପ୍ରମୁଖ ଯୋଗଦେଇଥିଲେ।

## ବାଇକ୍ ଚୋରି ରାକେଟ୍‌ର ପର୍ଦ୍ଦାଫାସ୍

# ଏକ କାର୍ ସହ ୪୧ ବାଇକ୍ ଜବତ : ୫ ଗିରଫ

**ବାରିପଦା, ୨୫/୧୨**
**ନ୍ୟୁଜ ବ୍ୟୁରୋ**

ବାରିପଦା ସଦର ଥାନା ପୁଲିସ ଏକ ବଡ଼ ବାଇକ୍ ଚୋରି ଗ୍ୟାଙ୍ଗକୁ ଧରିବାରେ ସଫଳ ହେବା ସହିତ ସେମାନଙ୍କ ଅପରାଧ କାରନାମାର ପର୍ଦ୍ଦାଫାସ୍ କରିଛି। ଏହି ମାମଲାରେ ୫ ଜଣଙ୍କୁ ଗିରଫ କରାଯାଇଥିବା ବେଳେ ସେମାନଙ୍କ ପାଖରୁ ଗୋଟିଏ ଚୋରି ଯାଇଥିବା କାର୍ ସହ ୪୧ଟି ଚୋରା ବାଇକ୍ ଜବତ କରାଯାଇଛି । ସୂଚନା ଅନୁଯାୟୀ, ମଙ୍ଗଳବାର ରାତି ୭ଟା ୪୫ରେ ସଦର ଥାନା ପୁଲିସ ସନ୍ଧ୍ୟା ପାଟ୍ରୋଲିଂ କରୁଥିବା ବେଳେ ରଙ୍ଗମାଟିଆ ଗାଁ ନିକଟ ପିଆରଏମ୍ ମେଡିକାଲ କଲେଜ ଅଞ୍ଚଳରେ ଥିବା ଏକ ଭଡ଼ା ଘରୁ ଚୋରା ଯାନ ଓ ଯନ୍ତ୍ରାଂଶ ମିଳିଥିଲା। ଏହି ଘଟଣାରେ ଗୋବିନ୍ଦ ଚନ୍ଦ୍ର ସିଂହ ଓରଫ ବାପି ଓ ରୋହିଦାସ ସିଂହ ଓରଫ ହବ୍ଲାଙ୍କୁ ପ୍ରଥମେ ଧରାଯାଇଥିଲା। ପଚରାଉଚରା ବେଳେ ସେମାନେ ବିଭିନ୍ନ ଅଞ୍ଚଳରୁ ଗାଡ଼ି ଚୋରି କରି ଅବାଧ ବିକ୍ରୟ ଉଦ୍ଦେଶ୍ୟରେ ସଂଗ୍ରହ କରୁଥିବା କଥା ସ୍ୱୀକାର କରିଥିଲେ। ଅଧିକ ତଦନ୍ତରେ ଚୋରା ଯାନ କିଣୁଥିବା ଅଭିଯୋଗରେ ଶିବାଜୀ ବଗାଲ, ବସୁଦେବ ହାତୀ ଓ ଭୀମେଶ୍ୱର ସିଂହଙ୍କୁ ମଧ୍ୟ ଗିରଫ କରାଯାଇଛି। ପୁଲିସ ସେମାନଙ୍କ ପାଖରୁ ଗୋଟିଏ କାର୍, ୪୧ଟି ବାଇକ୍, ବାଇକ୍‌ର ଭଙ୍ଗା ଅଂଶ, ଟାୟାର, ନମ୍ବର ପ୍ଲେଟ୍, ଚୋରିରେ ବ୍ୟବହୃତ କଟର, ସ୍କ୍ରୁ-ଡାଇଭର, ଏଲ୍‌ଏନ୍ କି ଓ ୬ଟି ମୋବାଇଲ୍ ଫୋନ୍ ଜବତ କରିଛି। ଏନେଇ ବାରିପଦା ସଦର ଥାନାରେ ଏକ ମାମଲା ରୁଜୁ ହୋଇଛି। ଘଟଣାର ଅଧିକ ତଦନ୍ତ ଜାରି ରହିଛି। ଏନେଇ ଗୁରୁବାର ସଦର ଥାନାରେ ଆହୂତ ସାମ୍ବାଦିକ ସମ୍ମିଳନୀରେ ପୂର୍ଣ୍ଣାଙ୍ଗ ତଥ୍ୟ ପ୍ରଦାନ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ବରୁଣ ଗୁଣ୍ଟୁପାଲି ପ୍ରଦାନ କରିଛନ୍ତି।



## ରାଷ୍ଟ୍ରପତିଙ୍କୁ ଚିଠି ଲେଖିଲେ ନେତାଜୀଙ୍କ ଅଣନାତି

# ୧୨୯ତମ ଜନ୍ମବାର୍ଷିକୀ ପୂର୍ବରୁ ଜାପାନରୁ ଅଣାଯାଉ ସୁଭାଷ ଚନ୍ଦ୍ର ବୋଷଙ୍କ ଅସ୍ଥି

**ନୂଆଦିଲ୍ଲୀ,୨୫।୧୨**



ଜାପାନର ରେଙ୍କୋଜିରୁ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଅସ୍ଥି ଫେରାଇବା ପାଇଁ ଦାବି ପୁଣି ଜୋର ଧରିଛି। ନେତାଜୀଙ୍କ ଅଣନାତି ଚନ୍ଦ୍ର କୁମାର ବୋଷ ଏକ ଭିଡିଓ ବାର୍ତ୍ତାରେ ଏହି ଦାବି ଉଠାଇଛନ୍ତି। ସେ କହିଛନ୍ତି, ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ଏକ ଚିଠି ଲେଖିଛି । ଏଥିରେ ସେ ୨୩ ଜାନୁଆରୀ ୨୦୨୬ରେ ନେତାଜୀଙ୍କ ୧୨୯ ତମ ଜନ୍ମବାର୍ଷିକୀ ପୂର୍ବରୁ ଚିତାଭସ୍ମ ଭାରତକୁ ଫେରାଇ ଆଣିବା ପାଇଁ ରାଷ୍ଟ୍ରପତିଙ୍କୁ ବିନମ୍ରତାର ସହ ନିବେଦନ କରିଛନ୍ତି। ଚନ୍ଦ୍ର କୁମାର ତାଙ୍କ ଭିଡିଓ ବାର୍ତ୍ତାରେ ଆହୁରି କହିଛନ୍ତି, 'ଆଜି, ଆମେ ଜାପାନର ରେଙ୍କୋଜିରୁ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଚିତାଭସ୍ମ ଭାରତକୁ ଫେରାଇବା ସମ୍ପର୍କରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ଏକ ଚିଠି ପ୍ରଦାନ କରିଛୁ।' ଚନ୍ଦ୍ର କୁମାର ବୋଷ ଆହୁରି କହିଛନ୍ତି ଯେ, ୨୩ ଜାନୁଆରୀ, ୨୦୨୬ରେ ଯେତେବେଳେ ଆମେ ନେତାଜୀଙ୍କ ୧୨୯ତମ ଜନ୍ମବାର୍ଷିକୀ ପାଳନ କରିବୁ ତା' ପୂର୍ବରୁ ଭାରତକୁ ତାଙ୍କ ଚିତାଭସ୍ମ ଆସୁ। ଏହା ଦୁର୍ଭାଗ୍ୟଜନକ ଯେ ତାଙ୍କ ଚିତାଭସ୍ମ ଏବେ ବି ଅନ୍ୟ ଦେଶରେ ପଡ଼ି ରହିଛି। ଉଲ୍ଲେଖନୀୟ ଯେ, ତାଙ୍କ ପରିବାର ପୂର୍ବରୁ ବହୁବାର ଏଭଳି ଦାବି କରିଆସୁଛନ୍ତି। ଏହା ଉଲ୍ଲେଖନୀୟ ଯେ ନେତାଜୀଙ୍କ ଅସ୍ଥି ବର୍ତ୍ତମାନ ଜାପାନର ରେଙ୍କୋଜି ମନ୍ଦିରରେ ରଖାଯାଇଛି। ଚଳିତ ବର୍ଷ ଅଗଷ୍ଟ ମାସରେ, ନେତାଜୀଙ୍କ ଝିଅ ଅନିତା ବୋଷ ପୁଣି ଥରେ ଏକ ଟିଭି ଚ୍ୟାନେଲରେ ସମାନ ଦାବି କରିଥିଲେ। ଅନିତା ଜର୍ମାନୀରେ ରୁହନ୍ତି ଏବଂ ତାଙ୍କ ପିତାଙ୍କ ଅସ୍ଥିକୁ ତାଙ୍କ ଜନ୍ମଭୂମିକୁ ଫେରାଇ ଆଣିବା ପାଇଁ ନିରନ୍ତର ଆବେଦନ କରିଆସୁଛନ୍ତି। ୧୮ ଅଗଷ୍ଟ ୧୯୪୫ରେ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ମୃତ୍ୟୁ ବର୍ତ୍ତମାନର ତାଇୱାନରେ ଏକ ଜାପାନୀ ସାମରିକ ବିମାନ ଦୁର୍ଘଟଣାରେ ହୋଇଥିବା କୁହାଯାଏ। ସେପ୍ଟେମ୍ବର ୧୯୪୫ ଠାରୁ, ତାଙ୍କ ଚିତାଭସ୍ମ ରେଙ୍କୋଜିର ବୌଦ୍ଧ ମନ୍ଦିରରେ ଏକ କଳସରେ ସଂରକ୍ଷିତ ରଖାଯାଇଛି। ନେତାଜୀଙ୍କ ମୃତ୍ୟୁର ତଦନ୍ତରୁ ଜଣାପଡିଛି ଯେ ବିମାନ ଦୁର୍ଘଟଣାରେ ସେ ଗୁରୁତର ଭାବେ ପୋଡ଼ି ଯାଇଥିଲେ ଏବଂ ଏକ ଜାପାନୀ ସାମରିକ ହସ୍ପିଟାଲରେ ତାଙ୍କର ମୃତ୍ୟୁ ହୋଇଥିଲା।





## ସଂଗ୍ରହ କରନ୍ତୁ ! ସଂଗ୍ରହ କରନ୍ତୁ !

ସାପ୍ତାହିକ ସମ୍ବାଦ ପତ୍ରିକା 'ଉତ୍କଳ ଦୀପିକା' ରାଜ୍ୟର ସମସ୍ତ ଅଞ୍ଚଳରେ ଉପଲବ୍ଧ। ଏହାକୁ ଭଲ ପାଉଥିବା ପାଠକ ପାଠିକାମାନଙ୍କୁ ଅନୁରୋଧ, ନିକଟସ୍ଥ ପୁସ୍ତକ ଭଣ୍ଡାରକୁ ଯାଇ ସଂଗ୍ରହ କରିନିଅନ୍ତୁ।

ସମ୍ପର୍କ : ପ୍ଲଟ୍ ନଂ.-୪୬୪, ଶହୀଦନଗର, ଭୁବନେଶ୍ୱର-୭୫୧୦୦୭
ଜିଲ୍ଲା-ଖୋର୍ଦ୍ଧା, ଓଡ଼ିଶା
ଦୂରଭାଷ : (୦୬୭୪)୨୫୪୧୪୪୮, ୨୫୪୫୬୭୮
Email : utkaldeepika2016@gmail.com


# ଆଧାରକାର୍ଡ ନ ଦେବାରୁ ବଙ୍ଗୀୟ ଶ୍ରମିକଙ୍କୁ ପିଟିପିଟି ମାରିଦେଲେ

**ସମ୍ବଲପୁର, ୨୫/୧୨ ନ୍ୟୁଜ ବ୍ୟୁରୋ**

ଆଧାରକାର୍ଡ ମାଗିଲେ, ନ ଦେବାରୁ ବଙ୍ଗୀୟ ଶ୍ରମିକଙ୍କୁ ପିଟିପିଟି ମାରିଦେଲେ । ସମ୍ବଲପୁର ଅଇଁଠାପାଲି ଥାନା ଦାନିପାଲିରେ ଘଟିଛି ଏଭଳି ଅଭାବନୀୟ ଘଟଣା। ମୃତକ ହେଲେ ପଶ୍ଚିମବଙ୍ଗ ମୁର୍ଶିଦାବାଦ ଅଞ୍ଚଳର ଜୁଏଲ୍ ଶେଖ। ଆକ୍ରମଣରେ ତାଙ୍କର ଅନ୍ୟ ଦୁଇ ସହଯୋଗୀ ଅକୁର ରେହମାନ (୨୪) ଓ ସୋନଓ୍ୱର ହୁସେନ୍ (୨୨) ଗୁରୁତର ହୋଇଛନ୍ତି। ଘଟଣାକୁ ଗୁରୁତ୍ୱର ସହ ନେଇଛି ପୁଲିସ୍ । ଜିଲ୍ଲାର ବରିଷ୍ଠ ପୁଲିସ୍ ଅଧିକାରୀ ଅଇଁଠାପାଲି ଥାନାରେ ଏକାଠି ହୋଇଛନ୍ତି । ରିପୋର୍ଟ ଲେଖାଯିବା ସୁଦ୍ଧା ୩ ଜଣ ସନ୍ଦିଗ୍ଧଙ୍କୁ ଥାନାରେ ଅଟକ ରଖାଯାଇଛି । ସମ୍ବଲପୁର ଏସ୍‌ଡିପିଓ ତୋଫାନ ବାଗ୍‌ଙ୍କ ସୂଚନାନୁସାରେ, ଦାନୀପାଲି ନିକଟରେ ଏକ ଘର ନିର୍ମାଣ କାର୍ଯ୍ୟରେ ବଙ୍ଗୀୟ ଶ୍ରମିକମାନେ ନିୟୋଜିତ ଥିଲେ। ଦୈନିକ ସନ୍ଧ୍ୟାରେ ସେମାନେ ରହୁଥିବା ଘର ପାଖ ରାସ୍ତାରେ ବସି ବିଡ଼ି ଟାଣିଥାନ୍ତି । ବୁଧବାର ରାତିରେ ସ୍ଥାନୀୟ କେତେଜଣ ଯୁବକ ପହଞ୍ଚି ସେମାନଙ୍କୁ ବିଡ଼ି ମାଗିଥିଲେ। ବିଡି ଦେବାକୁ ମନା କରିବାରୁ ଅଭିଯୁକ୍ତମାନେ ଆଧାରକାର୍ଡ ଦେଖାଇବାକୁ କହିଥିଲେ । ଏହାକୁ ନେଇ ଯୁକ୍ତିତର୍କରୁ ଉତ୍ତେଜନା ସୃଷ୍ଟି ହୋଇଥିଲା। ଦୁର୍ବୃତ୍ତମାନେ ସଂଘବଦ୍ଧ ଭାବେ ବାଉଁଶ ଓ କାଠ ଫାଳିଆରେ ଶ୍ରମିକଙ୍କୁ ଆକ୍ରମଣ କରିଥିଲେ । ଏଥିରେ ଜୁଏଲ୍‌ଙ୍କ ମୃତ୍ୟୁ ହୋଇଯାଇଥିଲା । ଅନ୍ୟ ଦୁଇଜଣ ଗୁରୁତର ହୋଇଥିଲେ । ସେମାନଙ୍କୁ ସଦର ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଚିକିତ୍ସାଧୀନ ଆହତ ଦ୍ୱୟ କହିଛନ୍ତି, ସେମାନେ ୬ ବର୍ଷ ହେଲା ପଶ୍ଚିମବଙ୍ଗରୁ ଆସି ସମ୍ବଲପୁରରେ ମିସ୍ତ୍ରି ଭାବରେ କାମ କରୁଛନ୍ତି। ଅଦ୍ୟାବଧି କୌଣସି ଅଘଟଣ ଘଟି ନ ଥିଲା। ସେମାନେ ଭାଲୁପାଲିରୁ କାମ ସାରି ଶାନ୍ତିନଗର ରାସ୍ତାରେ ଯାଉଥିବାବେଳେ ୫ ଜଣ ଯୁବକ ଅଟକାଇ ଟଙ୍କା ମାଗିଥିଲେ । ଟଙ୍କା ନ ଦେବାରୁ ଆକ୍ରମଣ କରିଥିଲେ। ଅନ୍ୟପଟେ ଘଟଣାକୁ ନେଇ ଅଇଁଠାପାଲି ଥାନାରେ ବହୁ ବରିଷ୍ଠ ପୁଲିସ୍ ଅଧିକାରୀ ଏକାଠି ହୋଇଛନ୍ତି । ଘଟଣାରେ ସମ୍ପୃକ୍ତ ଥିବା ସନ୍ଦେହରେ ୩ ଜଣଙ୍କୁ ଅଟକ ରଖାଯାଇଛି। ଅନ୍ୟ ଅଭିଯୁକ୍ତଙ୍କୁ ଧରିବାକୁ ପୁଲିସ୍ ଉଦ୍ୟମ କରୁଛି। ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଯାଇଛି । ଘଟଣାକୁ ନେଇ ମୃତକଙ୍କ ପରିବାରକୁ ସୂଚନା ଦିଆଯାଇଛି। ଗୁରୁବାର ଶବ ବ୍ୟବଚ୍ଛେଦ କରାଯାଇଛି। ସାଇଣ୍ଟିଫିକ୍ ଟିମ୍ ତଦନ୍ତ କରିବେ ବୋଲି ଏସଡିପିଓ କହିଛନ୍ତି ।

# ଲାଞ୍ଚୁଆ ରାଜସ୍ୱ ସହାୟକଙ୍କୁ ବାନ୍ଧିଲା ଭିଜିଲାନ୍ସ

**ସମ୍ବଲପୁର, ୨୫/୧୨ ନ୍ୟୁଜ ବ୍ୟୁରୋ**

ଭିଜିଲାନ୍ସ ଜାଲରେ ବରିଷ୍ଠ ରାଜସ୍ୱ ସହାୟକ। ଠୁଳ କରିଥିଲେ ଆୟଠୁ ଅଧିକା। ସମ୍ବଲପୁର ବନ୍ଦୋବସ୍ତ ଅଧିକାରୀଙ୍କ କାର୍ଯ୍ୟାଳୟରେ କାର୍ଯ୍ୟରତ ବାସୁଦେବ ଭୋଇଙ୍କୁ ଗିରଫ କରି କୋର୍ଟ ଚାଲାଣ କଲା ଭିଜିଲାନ୍ସ।

ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଭିଜିଲାନ୍ସ ଟିମ୍ ସମ୍ବଲପୁର ବନ୍ଦୋବସ୍ତ କାର୍ଯ୍ୟାଳୟରେ କାର୍ଯ୍ୟରତ ବାସୁଦେବ ଭୋଇଙ୍କ ଘରେ ରେଡ୍ କରିଥିଲା। ଚଢାଉ ବେଳେ ତାଙ୍କର ବିପୁଳ ସମ୍ପତ୍ତି ଠାବ ହୋଇଥିଲା। ବାସୁଦେବଙ୍କର ବରଗଡ଼ ଟାଉନରେ ଏକ ବହୁମହଲା ବିଶିଷ୍ଟ କୋଠା, ସମ୍ବଲପୁର ସହରରେ ଏକ କୋଠା, ୧୬ଟି ପ୍ଲଟ୍, ଏକ ଚାରି ଚକିଆ ଗାଡି ଏବଂ ବ୍ୟାଙ୍କ ଡିପୋଜିଟ୍ ଠାବ ହୋଇଥିଲା। ଏହାପରେ ଭିଜିଲାନ୍ସ ବାସୁଦେବଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି ।

# ରାଜ୍ୟରେ ପ୍ରାୟ ୩୦ଲକ୍ଷ ଗାଡ଼ିର ପ୍ରଦୂଷଣ ସାର୍ଟିଫିକେଟ୍ ନାହିଁ

**କଟକ ୨୫/୧୨ ନ୍ୟୁଜ ବ୍ୟୁରୋ**



ରାଜ୍ୟରେ ପ୍ରାୟ ୩୦ଲକ୍ଷ ଗାଡ଼ିର ପ୍ରଦୂଷଣ ସାର୍ଟିଫିକେଟ୍ ନାହିଁ। ଏହି ଗାଡ଼ିଗୁଡ଼ିକ ବିନା ପ୍ରଦୂଷଣ ସାର୍ଟିଫିକେଟ୍‌ରେ ବର୍ଷବର୍ଷ ଧରି ଚାଲି ଆସୁଛି। ଏଥିରେ ସର୍ବାଧିକ ହେଉଛି ଦୁଇଚକିଆ ଯାନ । ରାଜ୍ୟରେ ଯେତିକି ଦୁଇଚକିଆ ଯାନ ରହିଛି ସେଥିରୁ ୯୦% ଗାଡ଼ିର ପ୍ରଦୂଷଣ ସାର୍ଟିଫିକେଟ୍ ନାହିଁ । ଅନ୍ୟପକ୍ଷରେ ଏତେ ସଂଖ୍ୟକ ଗାଡ଼ିକୁ ପ୍ରଦୂଷଣ ସାର୍ଟିଫିକେଟ୍ ଦେବାଲାଗି ରାଜ୍ୟରେ ମାତ୍ର ୬୦୦ଟି ପଞ୍ଜୀକୃତ ପ୍ରଦୂଷଣ ଯାଞ୍ଚ କେନ୍ଦ୍ର ରହିଛି। ପୁଣି ଏଥିରୁ ଅନେକ କେନ୍ଦ୍ରରେ ଆଉ ଗାଡ଼ିର ପ୍ରଦୂଷଣ ଯାଞ୍ଚ କରାଯାଉନଥିବା ଜଣାପଡ଼ିଛି। ଫଳରେ ଏତେ କମ୍ ସମୟ ମଧ୍ୟରେ ୩୦ ଲକ୍ଷ ଗାଡ଼ିକୁ କିପରି ସାର୍ଟିଫିକେଟ୍ ଦିଆଯିବ ତାହା ଏବେ ଚିନ୍ତାର ବିଷୟ ହୋଇଛି । ରାଜ୍ୟ ପରିବହନ ବିଭାଗ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ, ରାଜ୍ୟରେ ପ୍ରାୟ ଏକ କୋଟି ପଞ୍ଜୀକୃତ ଯାନ ରହିଛି। ଏଥିରେ ଦୁଇଚକିଆ, ତିନିଚକିଆ, ଚାରିଚକିଆ ଏବଂ ବଡ଼ ଗାଡ଼ି ରହିଛି। ଅବଶ୍ୟ ଏଥିରୁ ପ୍ରାୟ ୨୫ ଲକ୍ଷ ଗାଡ଼ି ପୁରୁଣା ହୋଇଯିବାରୁ ସେସବୁ ଆଉ ରାସ୍ତାରେ ଗଡ଼ୁନାହାନ୍ତି। ତେଣୁ ରାସ୍ତାରେ ପ୍ରାୟ ୭୫ଲକ୍ଷ ଗାଡ଼ି ଗଡ଼ୁଛି। ଏଥିରୁ ଅଧିକ ଗାଡ଼ି ଦୁଇଚକିଆ ରହିଛି । ଦୁଇଚକିଆ ଯାନ କିଣାଯିବାର ବର୍ଷକ ପରେ ଗାଡ଼ିର ପ୍ରଦୂଷଣ ସାର୍ଟିଫିକେଟ୍ ଆଉ ଥରେ କରାଯିବା କଥା। କିନ୍ତୁ ଦୁଇଚକିଆ ଯାନର କିଣାଯିବା ସମୟକୁ ଛାଡ଼ିଦେଲେ ଆଉ ପ୍ରାୟ କୌଣସି ଗାଡ଼ି ଚାଳକ ପ୍ରଦୂଷଣ ସାର୍ଟିଫିକେଟ୍ କରିନଥାନ୍ତି। ଫଳରେ ପ୍ରାୟ ୯୦% ଦୁଇ ଚକିଆ ଗାଡ଼ି ଚାଳକଙ୍କ ନିକଟରେ ପ୍ରଦୂଷଣ ସାର୍ଟିଫିକେଟ୍ ନାହିଁ। ଚାରିଚକିଆ ଗାଡ଼ି ଭିତରୁ ପ୍ରାୟ ୨୦% ଗାଡ଼ିର ମଧ୍ୟ ପ୍ରଦୂଷଣ ସାର୍ଟିଫିକେଟ୍ ନାହିଁ । କିନ୍ତୁ ବସ୍, ଟ୍ରକ୍ ଭଳି ବଡ଼ ଗାଡ଼ିଗୁଡ଼ିକର ପ୍ରାୟ ଏହି ସାର୍ଟିଫିକେଟ୍ ରହିଛି । ଏତେ ସଂଖ୍ୟକ ଗାଡ଼ି ଲାଗି ସମଗ୍ର ରାଜ୍ୟରେ ୬୦୦ଟି ପ୍ରଦୂଷଣ ଯାଞ୍ଚ କେନ୍ଦ୍ର ରହିଛି । ଏଥିରୁ କିଛି ସ୍ଥାୟୀ କେନ୍ଦ୍ର ଥିଲାବେଳେ ଆଉ କିଛି ଭ୍ରାମ୍ୟମାଣ କରାଯାଇଛି। କିନ୍ତୁ ଏହି ପଞ୍ଜୀକୃତ ପ୍ରଦୂଷଣ ଯାଞ୍ଚ କେନ୍ଦ୍ର ଭିତରୁ ଅନେକ ବନ୍ଦ ହୋଇଗଲାଣି। ଯେତିକି ରହିଛି ସେତିକି କେନ୍ଦ୍ରରେ ନାହିଁ ନ ଥିବା ଭିଡ଼ ଲାଗୁଛି। ୩୦ଲକ୍ଷ ଗାଡ଼ିକୁ ଯଦି ସାର୍ଟିଫିକେଟ୍ ପଦାନ କରାଯାଏ ଦୁଇ ମାସ ମଧ୍ୟରେ ସବୁ ଗାଡ଼ିକୁ ଏହି ସାର୍ଟିଫିକେଟ୍ ମିଳିବା ସମ୍ଭବ ନୁହେଁ। କିନ୍ତୁ ପରିବହନ ବିଭାଗ ସଚେତନ ନକରି ଯେଉଁଭଳି ଭାବେ ଅଚାନକ ପ୍ରଦୂଷଣ ସାର୍ଟିଫିକେଟ୍ କଟକଣା ଲାଗୁ କରିଛି ସେ ନେଇ ସାଧାରଣରେ ତୀବ୍ର ଅସନ୍ତୋଷ ସୃଷ୍ଟି ହୋଇଛି ।